# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୮/୨୦୧୮ (୨୦ ପୃଷ୍ଠା) Bhubaneswar, Friday, December 28/ 2018 ★★★★★★

୪୫ଶ ଭାଗ ୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


DSPL-314

Skilled in ODISHA

India skills

ODISHA SKILL DEVELOPMENT AUTHORITY

# ଅଜେୟ ହୋଇଛି ଦକ୍ଷ ଓଡ଼ିଆ ଓଡ଼ିଶାର ହେଲା ଜୟ ।

## ଓଡ଼ିଶା ପାଇଛି ଦେଶରେ ଦ୍ୱିତୀୟ ସର୍ବାଧିକ ପଦକ ।

ରାଷ୍ଟ୍ରୀୟ ସ୍ତରର ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶାର ୨୧ ଜଣ ପ୍ରତିଯୋଗୀ ଇଣ୍ଡିଆ ସ୍କିଲ୍ସ ୨୦୧୮ ରେ ହାସଲ କରିଛନ୍ତି ୪ ସ୍ୱର୍ଣ୍ଣ, ୯ ରୌପ୍ୟ, ୬ ବ୍ରୋଞ୍ଜ ପଦକ ଆଉ ୨ ମେଡାଲିଅନ୍ସ ଅଫ୍ ଏକ୍ସେଲେନ୍ସ । ବିଜେତାମାନେ ରୁଷିଆର କାଜାନ୍ ଠାରେ ୨୦୧୯ ରେ ଅନୁଷ୍ଠିତ ହେବାକୁ ଥିବା କୌଶଳ ବିକାଶ ଦୁନିଆର ଅଲିମ୍ପିକ "ୱାଲ୍ଡ ସ୍କିଲ୍ସ" ରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ପ୍ରତିଦ୍ୱନ୍ଦିତା କରିବେ ।

ଏହିମାନଙ୍କ ମଧ୍ୟରୁ ଦୁଇଜଣ ଚାମ୍ପିଅନ୍ ୱାଲର୍ଡ ସ୍କିଲ୍ସ ୨୦୧୯ ର ପ୍ରାରମ୍ଭିକ ପର୍ଯ୍ୟାୟରେ ରୁଷିଆ ଠାରେ ଅନୁଷ୍ଠିତ ୱାଲର୍ଡ ସ୍କିଲ୍ସ ହାଇଟେକ୍ ୨୦୧୮ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

ଉଲ୍ଲେଖନୀୟ କୁଶଳତା ନିମନ୍ତେ, ସେମାନଙ୍କୁ ଅଭିନନ୍ଦିତ କରିବେ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ, ଶ୍ରୀ ନବୀନ ପଟ୍ଟନାୟକ ।

ଏହି ଅବସରରେ, ମାନ୍ୟବର ମୁଖ୍ୟମନ୍ତ୍ରୀ, ସରକାରୀ ପଲିଟେକ୍ନିକ୍‌ରେ ସଦ୍ୟ ନିଯୁକ୍ତି ପାଇଥିବା ୨୧୬ ଜଣ ଅଧ୍ୟାପକଙ୍କୁ ସ୍ୱାଗତ ଜଣାଇବେ ।



**ଦିନାଙ୍କ :** ୨୮ ଡ଼ିସେମ୍ବର ୨୦୧୮ /**ସମୟ :** ଅପରାହ୍ନ ୫.୩୦
**ସ୍ଥାନ :** ଜୟଦେବ ଭବନ, ଭୁବନେଶ୍ୱର

**ଆସନ୍ତୁ ଓଡ଼ିଶାର ବିଜେତାମାନଙ୍କ ଶୁଭ ମନାସି, ସଫଳତାର ଉତ୍ସବ ପାଳିବା ।**



14028/13/0010/1819

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଡିସେମ୍ବର, ୨୦୧୮



"କେତେକ ଦଳ ଗୃହରେ ଅଚଳାବସ୍ଥା ଜାରି ରଖିବା ପାଇଁ ନିଜ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ଏହା ସେମାନଙ୍କ ରଣନୀତି ।
- ଏମ୍. ଭେଙ୍କାୟା ନାଇଡୁ, ରାଜ୍ୟ ସଭା ଅଧକ୍ଷ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୫ ଦଗ୍ଧ

**ମୁମ୍ବାଇ,୨୭।୧୨**-ମୁମ୍ବାଇର ଚେମ୍ବୁରଠାରେ ଥିବା ଏକ ଦଶ ମହଲା ବିଲ୍ଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଜଣେ ବରିଷ୍ଠ ନାଗରିକ ଏବଂ ଜଣେ ଅଗ୍ନିଶମ କର୍ମଚାରୀ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ସରଗମ ସୋସାଇଟି ବି ୱିଙ୍ଗରେ ଥିବା ୩୫ ନମ୍ବର ବିଲ୍ଡିଂର ଦଶମ ମହଲାରେ ନିଆଁ ଲାଗିଥିଲା।

### ମେଟ୍ରୋରେ ନିଆଁ: ୧୬ ଆହତ

**କୋଲକାତା,୨୭।୧୨**-କୋଲକାତା ମେଟ୍ରୋ ଟ୍ରେନରେ ନିଆଁ ଲାଗି ଏକ କୋଚ ଧୂଆଁମୟ ହୋଇଯିବାରୁ ସେଥିରେ ଯାତ୍ରା କରୁଥିବା ୧୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ଅଧିକାଂଶ ବରିଷ୍ଠ ନାଗରିକ। ରବୀନ୍ଦ୍ର ସଦନ ଏବଂ ମୈଦାନ ଷ୍ଟେଶନ ମଧ୍ୟରେ ଟ୍ରେନର ପ୍ରଥମ କୋଚରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଜଣଙ୍କ ଗୋଡ ଭାଙ୍ଗିଯାଇଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି।

### ଦୁର୍ଘଟଣାରେ ନୌସେନାର ୨ ଅଧିକାରୀ ମୃତ

**କୋଚି,୨୭।୧୨**-କୋଚିସ୍ଥିତ ଆଇଏନ୍ଏସ୍ ଗୌଡ ନାଭାଲ୍ ଏୟାର ଷ୍ଟେଶନରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ହେଲିକପ୍ଟର ହ୍ୟାଙ୍ଗର ଲୁହା ଶଟର୍ ତଳେ ଚାପିହୋଇ ୨ ନୌସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନବୀନ (୨୮), ଅଜିତ୍ ସିଂ (୨୯)। ନାଭାଲ ଏୟାର୍ ସ୍କ୍ୱାର୍ଡନ ୩୨୨ ହେଲିକପ୍ଟର ସମ୍ମୁଖରେ ଉଭୟେ ଛିଡ଼ା ହୋଇଥିଲାବେଳେ ଏହାର ହ୍ୟାଙ୍ଗର କବାଟ ସେମାନଙ୍କ ଉପରେ ଖସିପଡ଼ିଥିଲା। ହସ୍ପିଟାଲରେ ଉଭୟଙ୍କ ମୃତ୍ୟୁ ଘଟିଛି।

### ଯୁବକଙ୍କ ଗୁପ୍ତାଙ୍ଗ କାଟିଲେ

**ମୁମ୍ବାଇ,୨୭।୧୨**-ମହାରାଷ୍ଟ୍ରର ଠାଣେ ଜିଲାରେ ଜଣେ ମହିଳା ତାଙ୍କୁ କିଛି ଦିନ ହେଲା ପ୍ରେମ ନିବେଦନ କରି ହଇରାଣ କରୁଥିବା ଜଣେ ୨୭ ବର୍ଷୀୟ ଯୁବକଙ୍କ ଗୁପ୍ତାଙ୍ଗ କାଟି ଦେଇଛନ୍ତି। ବୁଧବାର ରାତିରେ ମନପଡା ଅଞ୍ଚଳର ନନ୍ଦିଭାଲିରେ ଏଭଳି ଅଘଟଣ ଘଟିଛି। କିଛି ଦିନ ହେଲା ଯୁବକ ଜଣକ ଉକ୍ତ ୪୨ ବର୍ଷୀୟ ମହିଳାଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ତାଙ୍କ ସ୍ୱାମୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ମହିଳା ଜଣକ ତେଜସ ମହାତ୍ରେ (୨୨) ଏବଂ ପ୍ରବୀଣ କେନିଆ (୨୫)ଙ୍କ ସହାୟତାରେ ଉକ୍ତ ଯୁବକଙ୍କୁ ଏକ ନିଛାଟିଆ ସ୍ଥାନକୁ ଡାକିନେଇ ତାଙ୍କ ଗୁପ୍ତାଙ୍ଗ କାଟିଦେଇଥିଲେ।

# ମୃତ୍ୟୁ ଗହ୍ୱରରେ ୧୫ ଜୀବନ

**ଶିଲଂ,୨୭।୧୨**

ଦୁଇ ସପ୍ତାହ ହେଲା ମେଘାଳୟର ମୃତ୍ୟୁ ଗହ୍ୱରରେ ଫସିରହିଛନ୍ତି ୧୫ ଶ୍ରମିକ। ସେମାନେ କୋଇଲା ଖନନ କରିବାକୁ ଯାଇ ରେଟ୍ ମାଇନ୍‌ରୁ ଫେରିନାହାନ୍ତି। ଖଣିରେ ପାଣି ଭର୍ତ୍ତି ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଶ୍ରମିକମାନେ ବଞ୍ଚିଛନ୍ତି କି ମରିଗଲେଣି ସେନେଇ ସରକାର କିଛି କହିପାରୁନାହାନ୍ତି। ସେପଟେ କୋଇଲା ଖଣିରୁ ମୃତଦେହର ଦୁର୍ଗନ୍ଧ ଛୁଟିବାରେ ଲାଗିଛି। ତେଣୁ ଶ୍ରମିକଙ୍କ ବଞ୍ଚିରହିଥିବା ଆଶା ମଉଳିବାରେ ଲାଗିଲାଣି। ଏମିତିରେ ୫ ମାସ ତଳେ ଥାଇଲାଣ୍ଡର ଥାମ୍ ଲୁଆଙ୍ଗ୍ ଗୁମ୍ଫାରୁ ୧୨ ପିଲା ଓ ସେମାନଙ୍କ ଫୁଟ୍‌ବଲ କୋଚ୍‌ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ମେଘାଳୟର ପୂର୍ବ ଜୟନ୍ତିଆ କୋଇଲା ଖଣିରୁ ଶ୍ରମିକଙ୍କୁ କାହିଁକି ବାହାର କରାଯାଇ ପାରୁନାହିଁ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଉଛି।

ମେଘାଳୟର ପୂର୍ବ ଜୟନ୍ତିଆ ପାର୍ବତ୍ୟାଞ୍ଚଳ ହେଉଛି କୋଇଲାର ଭଣ୍ଡାର। ଏଠାରେ ବେଆଇନ ଭାବେ ଅନେକ ଖଣିରେ ଖନନ କରାଯାଏ। ୨୦୧୪ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏହା ଉପରେ ରୋକ ଲଗାଇଥିଲେ ହେଁ ବିଭିନ୍ନ କାରଣରୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିନାହିଁ। ଏହିକ୍ରମରେ ଗତ ୧୩ ତାରିଖରେ ଏକ ରେଟ୍ ମାଇନ୍‌କୁ ସୁଡ଼ଙ୍ଗ ଦେଇ ଗୁରୁଣ୍ଡି ଗୁରୁଣ୍ଡି ଖନନ କରିବାକୁ ଯାଇଥିଲେ ୨୦ ଶ୍ରମିକ। ସେମାନେ ୩୭୦ ଫୁଟ୍ ଗଭୀର ଏକ ଖଣିରେ ପ୍ରବେଶ କରୁଥିବାବେଳେ ହଠାତ୍ ନିକଟସ୍ଥ ଲାଇଟେଇନ୍ ନଦୀରୁ ପାଣି ମାଡ଼ିଆସିଥିଲା। ୫ ଶ୍ରମିକ କୌଶଳକ୍ରମେ ସେଠାରୁ ଫେରି ବର୍ତ୍ତିଯାଇଥିଲେ। ହେଲେ ଅବଶିଷ୍ଟ ୧୫ ଜଣ ପାଣିଘେରରେ ଫସିରହିଥିଲେ। ସେମାନଙ୍କୁ ଅଦ୍ୟାବଧି ଉଦ୍ଧାର କରାଯାଇ ପାରିନାହିଁ। ପାଣି କାଢ଼ିବା ପାଇଁ ଉଚ୍ଚକ୍ଷମତାସମ୍ପନ୍ନ ପମ୍ପ ଦରକାର, ଯାହାକି ସରକାରଙ୍କ ପକ୍ଷରୁ ନିୟୋଜିତ ହୋଇନାହିଁ। ଅଦ୍ୟାବଧି ଉକ୍ତ ଖଣିରୁ ୧୨ ଲକ୍ଷ ଲିଟର ଜଳ ନିଷ୍କାସନ କରାଯାଇଛି। ହେଲେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଉଚ୍ଚକ୍ଷମତାସମ୍ପନ୍ନ ପମ୍ପ୍ ଓ ଆବଶ୍ୟକ ଉପକରଣ ଅଭାବରୁ ମଙ୍ଗଳବାର ଉଦ୍ଧାର କାର୍ଯ୍ୟ ବନ୍ଦ କରିବାକୁ ପଡ଼ିଛି ବୋଲି ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସଙ୍ଗମା ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ କୋଲ୍ ଇଣ୍ଡିଆ ପକ୍ଷରୁ ବିଶେଷଜ୍ଞ, ଟେକ୍ନିସିଆନ୍ ଓ ପମ୍ପ୍ ନିୟୋଜିତ କରାଯାଇଥିବା ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଉତ୍ତର-ପୂର୍ବାଞ୍ଚଳ ମହାପ୍ରବନ୍ଧକ ଜେ.ବୋରାହ କହିଛନ୍ତି। ଗୁରୁବାର ସମ୍ପୃକ୍ତ ସ୍ଥାନକୁ ବାୟୁସେନାକୁ ମଧ୍ୟ ଉଦ୍ଧାର କାର୍ଯ୍ୟ ପାଇଁ ପଠାଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ବୁଡ଼ାଳିମାନେ ୭୦ରୁ ୪୦ ଫୁଟ୍ ଜଳସ୍ତର ହ୍ରାସ ପାଇଲେ ଉଦ୍ଧାର କାମରେ ଲାଗିବେ ବୋଲି ଅପେକ୍ଷା କରିଛନ୍ତି। ଥାଇଲାଣ୍ଡ ଗୁମ୍ଫାରୁ ୧୨ ପିଲାଙ୍କୁ ଉଦ୍ଧାର କରିବାରେ ସହାୟତା ଦେଇଥିବା ଏକ ଭାରତୀୟ କମ୍ପାନୀ ମେଘାଳୟର ଉକ୍ତ ଖଣିକୁ ବଡ଼ ପମ୍ପ୍ ପଠାଇବ ବୋଲି କହିଛି। ଏଭଳି ସମୟରେ କୋଇଲା ଖଣିରେ ଫସିଥିବା ଶ୍ରମିକଙ୍କ ପରିବାର ଲୋକେ ଅଶା ଆଶଙ୍କାରେ ରହିଛନ୍ତି। ପ୍ରକାଶ ଯେ, ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ।

ମେଘାଳୟର ଏକ କୋଇଲା ଖଣିରେ ପାଣିଘେରରେ ୧୫ ଶ୍ରମିକ ଫସିରହିଥିବାବେଳେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଉଦ୍ଧାର ପାଇଁ ବ୍ୟବସ୍ଥା କରିବା ପରିବର୍ତ୍ତେ ଆସାମର ବୋଗିବିଲ ସେତୁ ଉଦ୍‌ଘାଟନ ବେଳେ ଫଟୋ ଉଠାଇବା ଲାଗି କ୍ୟାମେରା ସାମ୍ନାରେ ବିଭିନ୍ନ ମୁଦ୍ରାରେ ପୋଜ୍ ଦେଉଛନ୍ତି ବୋଲି ରାହୁଲ ଟୁଇଟ୍ କରିଥିଲେ।



କୋଇଲା ଖଣିରେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳର ଦୃଶ୍ୟ।

**ହାତ ଟେକିଦେଲେ ମେଘାଳୟ ସରକାର**

- ପୂର୍ବ ଜୟନ୍ତିଆ କୋଇଲା ଖଣିରେ ପାଣି
- ୩୭୦ ଫୁଟ୍ ଗଭୀରରେ ଫସିରହିଛନ୍ତି ୧୫ ଶ୍ରମିକ
- ଉପକରଣ ଅଭାବରୁ ଉଦ୍ଧାର କାର୍ଯ୍ୟ ବନ୍ଦ
- ୨ ସପ୍ତାହ ହେଲା ଆଶା ଆଶଙ୍କାରେ ପରିବାର
- ଓଡ଼ିଶାରୁ ଯିବ ଅଗ୍ନିଶମ ଟିମ୍

### ରେଟ୍ ମାଇନିଂ କ'ଣ



ମେଘାଳୟରେ ପ୍ରାୟ ୬୪ କୋଟି ଟନ୍ କୋଇଲା ଭଣ୍ଡାର ରହିଛି। ସବୁ କୋଇଲାର ମାନ ଭଲ ନୁହେଁ। ସେଥିରେ ସଲ୍‌ଫରର ମାତ୍ରା ଅଧିକ ରହିଥିବାରୁ କମ୍ ଲାଭ ମିଳିଥାଏ। ତେଣୁ ଅଧିକ ଖର୍ଚ୍ଚ କରିବା ବଦଳରେ ଶ୍ରମିକଙ୍କୁ ନିୟୋଜିତ କରାଯାଏ। ଶ୍ରମିକମାନେ ଅତି ବିପଜ୍ଜନକ ଅବସ୍ଥାରେ ସେଠାରେ କାମ କରନ୍ତି। ପାହାଡ଼ିଆ ଅଞ୍ଚଳରେ ଏହି ଖଣିଗୁଡ଼ିକ ଥିବାରୁ ସେଠାକୁ ମେସିନ୍ ନେବା ମଧ୍ୟ ଅସମ୍ଭବ। ତେଣୁ ଶ୍ରମିକଙ୍କୁ ନେଇ କାମ କରାଯାଏ। ଶ୍ରମିକମାନେ ମୂଷା ଭଳି ଗୁରୁଣ୍ଡି ଗୁରୁଣ୍ଡି ଖଣି ଭିତରକୁ ଯାଇଥାନ୍ତି। ଏଥିପାଇଁ ଏହାକୁ 'ରେଟ୍ ମାଇନିଂ' କୁହାଯାଏ। ଏଭଳି କାମରେ ଛୋଟପିଲାଙ୍କୁ ନିୟୋଜିତ କରାଯାଏ। ଏହାକୁ ନିଷେଧ କରାଯାଇଥିଲେ ହେଁ ରାଜନୈତିକ ପୃଷ୍ଠପୋଷକତା ଯୋଗୁ ଏହି ବେଆଇନ ଖଣି ଖନନ ବନ୍ଦ ହୋଇପାରୁନାହିଁ।

## କଂଗ୍ରେସ-ଜେଡିଏସ୍ ଏକାଠି ଲଢ଼ିବେ



ସିଦ୍ଧାରାମାୟା

**ବେଙ୍ଗାଲୁରୁ,୨୭।୧୨(ପି.ଟି.)**

ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ କର୍ଣ୍ଣାଟକରେ ମେଣ୍ଟ ସରକାର ଭାଙ୍ଗିଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଥିବା ବେଳେ କଂଗ୍ରେସ ନେତା ସିଦ୍ଧାରାମାୟା ଏହାକୁ ଖଣ୍ଡନ କରିଛନ୍ତି। କଂଗ୍ରେସ-ଜେଡିଏସ ମେଣ୍ଟ ସୁଦୃଢ଼ ରହିଛି ଏବଂ ଆଗାମୀ ଲୋକ ସଭା ନିର୍ବାଚନ ଉଭୟ ଦଳ ଏକାଠି ଲଢ଼ିବେ ବୋଲି ସେ କହିଛନ୍ତି। ନୂଆ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନରେ ତାଙ୍କର ଉପମୁଖ୍ୟମନ୍ତ୍ରୀ ଜି.ପରମେଶ୍ୱରଙ୍କ ସହିତ ମତଭେଦ ଥିବା ଅଭିଯୋଗକୁ ମଧ୍ୟ ସିଦ୍ଧାରାମାୟା ଖଣ୍ଡନ କରିଛନ୍ତି। ଶାସକ ମେଣ୍ଟର ୧୫ ଜଣ ଅସନ୍ତୁଷ୍ଟ ବିଧାୟକ ତାଙ୍କ ସହ ଯୋଗାଯୋଗ ରଖିଥିବା ବରିଷ୍ଠ ଭାଜପା ନେତା ଉମେଶ କାଟ୍ଟି ଦାବି କରିଥିଲେ ଏବଂ ଆସନ୍ତା ସପ୍ତାହରେ ତାଙ୍କ ଦଳ କର୍ଣ୍ଣାଟକରେ ସରକାର ଗଢ଼ିବ ବୋଲି କହିଥିଲେ। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସିଦ୍ଧାରାମାୟା କହିଛନ୍ତି, ସେଭଳି କିଛି ହେବାର ନାହିଁ। ମେଣ୍ଟ ସରକାରରେ କୌଣସି ସମସ୍ୟା ନାହିଁ, ଏହି ସରକାର ପୂରା ୫ ବର୍ଷ ପୂରଣ କରିବ ବୋଲି ସେ କହିଛନ୍ତି।

## ଇସିଙ୍କୁ ଭେଟିଲେ କେସିଆର୍



**ନୂଆଦିଲ୍ଲୀ,୨୭।୧୨(ପି.ଟି.)**

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆରସି ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର) ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଆରୋରାଙ୍କୁ ଭେଟିଛନ୍ତି। ଟିଆରଏସ୍‌ର ଦଳୀୟ ଚିହ୍ନ 'କାର'କୁ ନେଇ ଗତ ନିର୍ବାଚନରେ ଭୋଟର ଦ୍ୱନ୍ଦ୍ୱରେ ପଡିଥିଲେ। କାରଣ ଇଭିଏମ୍‌ରେ ଟ୍ରକ, ଆଇରନ ଏବଂ କାର ଏକାଭଳି ଦେଖାଯାଉଥିବାରୁ କାରକୁ ଖୋଜି ବାହାର କରିବାରେ ସମସ୍ୟା ଦେଖାଦେଉଥିଲା। ତେଣୁ ଆଗାମୀ ଲୋକ ସଭା ନିର୍ବାଚନ ବେଳେ କାର ଚିହ୍ନକୁ ଅଧିକ ସ୍ପଷ୍ଟ କରିବା ସହ ସେହିଭଳି ଦେଖାଯାଉଥିବା ଚିହ୍ନ ଅନ୍ୟ ଦଳଙ୍କୁ ନ ଦେବା ଲାଗି କେସିଆର ଆରୋରାଙ୍କୁ ଅନୁରୋଧ କରିଥିଲେ। ଗତ ବିଧାନସଭା ନିର୍ବାଚନ ବେଳେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପାର୍ଟିକୁ ଟ୍ରକ ଚିହ୍ନ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କୁ ଆଇରନ ଚିହ୍ନ ମିଳିଥିଲା। ଭୋଟର ତାଲିକାରୁ କେତେ ଜଣଙ୍କ ନାଁ ଉଭାନ୍ ହୋଇଯାଇଥିବାରୁ ଏହାକୁ ନେଇ ରାଓ ଉଦ୍‌ବେଗ ପ୍ରକାଶ କରିଥିଲେ।

## ନୂଆବର୍ଷରୁ ଆନ୍ଧ୍ରର ସ୍ୱତନ୍ତ୍ର ହାଇକୋର୍ଟ




**ନୂଆଦିଲ୍ଲୀ,୨୭।୧୨**

ନୂଆବର୍ଷରେ ଆନ୍ଧ୍ରପ୍ରଦେଶରେ ନୂଆ ହାଇକୋର୍ଟ ଆରମ୍ଭ ହେବ। ଜାନୁଆରୀ ୧ରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨୦୧୪ ଜୁନ୍ ୨ରେ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟ ଗଠନ ହେବା ଦିନଠାରୁ ଦୁଇରାଜ୍ୟର ଗୋଟିଏ ହାଇକୋର୍ଟ ରହିଛି। ଏହା ତେଲେଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ଅବସ୍ଥିତ। ଆନ୍ଧ୍ରପ୍ରଦେଶର ନୂଆ ହାଇକୋର୍ଟ ଅମରାବତୀରେ ପ୍ରତିଷ୍ଠା କରାଯାଇଛି। ଉତ୍ତରାଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ରମେଶ ରଙ୍ଗନାଥନ୍‌ଙ୍କୁ ଆନ୍ଧ୍ର ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରାଯାଇଛି। ଆନ୍ଧ୍ର ହାଇକୋର୍ଟକୁ ମିଶାଇ ଦେଶରେ ହାଇକୋର୍ଟ ସଂଖ୍ୟା ୨୫ରେ ପହଞ୍ଚିଛି।

## ଟ୍ରମ୍ପଙ୍କ ଅଚାନକ ଇରାକ୍ ଗସ୍ତ

**ବାଗ୍‌ଦାଦ୍,୨୭।୧୨**



ମଧ୍ୟ ଏସିଆର ଯୁଦ୍ଧ ପ୍ରଭାବିତ ଇସ୍‌ଲାମିକ୍ ରାଷ୍ଟ୍ର ଇରାକକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଫାଷ୍ଟ ଲେଡି ମେଲାନିଆ ଅଚାନକ ଖ୍ରୀଷ୍ଟମାସ ଗସ୍ତ କରିଛନ୍ତି। ସେଠାରେ ଦୀର୍ଘବର୍ଷ ଧରି ମୁତୟନ ରହିଥିବା ଆମେରିକୀୟ ସୈନ୍ୟମାନଙ୍କୁ ଉଭୟେ ଭେଟିଛନ୍ତି। ସେମାନଙ୍କ ଦୃଢ଼ ମନୋବଳ ଓ ନିରନ୍ତର ସଂଘର୍ଷମୟ ସେବା ପ୍ରତି କୃତଜ୍ଞତା ଜଣାଇଛନ୍ତି। ଏଥିସହ ଇସ୍‌ଲାମିକ ରାଷ୍ଟ୍ର ସିରିଆରୁ ଆମେରିକା ସୈନ୍ୟଙ୍କ ଅପସାରଣ ନିଷ୍ପତ୍ତିକୁ ଟ୍ରମ୍ପ୍ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସିରିଆରେ ଇସ୍‌ଲାମିକ୍ ଆତଙ୍କବାଦୀଙ୍କୁ ମୁହଁତୋଡ୍ ଜବାବ୍ ଦିଆଯାଇଛି। ସେମାନେ ଲଢ଼େଇରେ ପରାଜୟକୁ ବରଣ କରିଛନ୍ତି। ତେଣୁ ସେଠାରୁ ସେନା ପ୍ରତ୍ୟାହାର କରାଯାଇଥିବା ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ମେଲାନିଆଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଜନ୍ ବୋଲ୍‌ଟନ ବୁଧବାର ରାତିରେ ବିମାନରେ ବାଗ୍‌ଦାଦ୍ ଯାତ୍ରା କରିଥିଲେ। ପଶ୍ଚିମ ବାଗ୍‌ଦାଦ୍‌ସ୍ଥିତ ଆମେରିକା-ଇରାକ୍ ଅଲ୍ ଅଶାଦ୍ ବାୟୁସେନା ପୋଷ୍ଟରେ ସେମାନେ ଅବତରଣ କରିଥିଲେ। ବର୍ତ୍ତମାନ ସ୍ଥିତିରେ ଇରାକ୍‌ରୁ ସୈନ୍ୟ ପ୍ରତ୍ୟାହାର ନେଇ ସେ ଚିନ୍ତା କରି ନ ଥିବା ଟ୍ରମ୍ପ ସ୍ପଷ୍ଟ କରିଥିଲେ।

## ବସ୍ ଓଲଟି ୩୫ ଛାତ୍ରୀଛାତ୍ର ଆହତ

**ସିମ୍‌ଲା,୨୭।୧୨(ପି.ଟି.)**



**ପ୍ରଧାନମନ୍ତ୍ରୀଙ୍କ ସଭାରେ ଯୋଗଦେବାକୁ ଯାଉଥିଲେ**

କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରର ପିଲାମାନଙ୍କୁ ନେଇ ଯାଉଥିବା ଏକ ବସ୍ ଓଲଟି ପଡିବାରୁ ୩୫ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଧର୍ମଶାଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଭାରେ ଯୋଗଦେବା ଲାଗି ଏହି ପିଲାମାନେ ଏକ ଘରୋଇ ବସ୍‌ରେ ଯାଉଥିଲାବେଳେ କଙ୍ଗ୍‌ଡା ଜିଲାର ଜୱାଲି ଅଞ୍ଚଳରେ ତାହା ଓଲଟିପଡିଥିଲା। ହିମାଚଳପ୍ରଦେଶରେ ଭାଜପା ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ମୋଦିଙ୍କ ଜନ ଆଭାର ର‌୍ୟାଲି ଅନୁଷ୍ଠିତ ହେଉଥିଲା।

■ ଚାଷୀ ସମସ୍ୟା ନେଇ ଚାପରେ କେନ୍ଦ୍ର

## ନିର୍ବାଚନ ପୂର୍ବରୁ ମନ ଜିଣିବାକୁ ଉଦ୍ୟମ

**ନୂଆଦିଲ୍ଲୀ,୨୭।୧୨(ପି.ଟି.)**-ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭାଜପା ହାତରୁ କଂଗ୍ରେସ କ୍ଷମତା ଛଡ଼ାଇନେଇ ସରକାର ଗଠନ କରିଛି। ଏହି ତିନି ହିନ୍ଦୀଭାଷୀ ରାଜ୍ୟର ନବନିର୍ବାଚିତ ମୁଖ୍ୟମନ୍ତ୍ରୀମାନେ କୃଷିଋଣ ଛାଡ଼ କରିବା ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। ତେଣୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କୃଷକମାନଙ୍କ ମନ ଜିଣିବାକୁ କେନ୍ଦ୍ର ଉଦ୍ୟମ କରିବାକୁ ଯାଉଛି। ଚାଷୀଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ ବଡ଼ଧରଣର ଆର୍ଥିକ ପ୍ୟାକେଜ୍ ସହ ଏକାଧିକ ପ୍ରୋତ୍ସାହନ ବ୍ୟବସ୍ଥା କରିବାକୁ ସରକାର ଚିନ୍ତା କରୁଛନ୍ତି। ଭାଜପା ନେତା, ଏମ୍‌ପି ଓ ଅନ୍ୟ ପକ୍ଷଗୁଡ଼ିକର ପରାମର୍ଶକ୍ରମେ କେନ୍ଦ୍ର ଏହି ପଦକ୍ଷେପ ନେବାକୁ ଯାଉଥିବା ଜଣାପଡ଼ିଛି। କୃଷି ମନ୍ତ୍ରଣାଳୟ ପକ୍ଷରୁ ଏନେଇ ପ୍ରସ୍ତୁତ ରୋଡ୍‌ମ୍ୟାପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ମଧ୍ୟ ମୋଦିଙ୍କ ସହ ଏନେଇ ଆଲୋଚନା କରିଛନ୍ତି।

## ଇତିହାସର ଆଇନାରେ
### ଡିସେମ୍ବର ୨୮ର ପ୍ରମୁଖ ଘଟଣା

### ଜାହାଜରେ ଅଗ୍ନିକାଣ୍ଡ

୨୦୧୪ ଡିସେମ୍ବର ୧୮ରେ ଆଡିଆଟ୍ରିକ୍ ସାଗରର ଇଟାଲୀୟ ଜଳରାଶିରେ ଏମ୍ଏସ୍ ନର୍ମାନ୍ ଆଟଲାଣ୍ଟିକ୍ ଜାହାଜ ଓଟ୍ରାଣ୍ଟୋ ଅଭିମୁଖେ ଯାଉଥିବା ବେଳେ ଏଥିରେ ନିଆଁ ଲାଗିଯିବାରୁ ୯ଜଣ ମୃତ୍ୟୁବରଣ କରିଥିବା ବେଳେ ୧୯ଜଣ ନିଖୋଜ ହୋଇଯାଇଥିଲେ। ଉକ୍ତ ଜାହାଜ ଇଟାଲିୟାନ୍ ଫେରି କମ୍ପାନୀ ଭିସେମାର ଡି ନାଭିଗାଜିଓନ୍ ଦ୍ୱାରା ନିର୍ମାଣ କରାଯାଇଥିଲା।

### ଜାପାନ ସମ୍ରାଟଙ୍କ ରାଜତ୍ୱ

୧୩୦୮ ଡିସେମ୍ବର ୨୮ରେ ଜାପାନରେ ସମ୍ରାଟ ହାନାଜୋନୋଙ୍କ ରାଜତ୍ୱ ଆରମ୍ଭ ହୋଇଥିଲା। ସମ୍ରାଟ ହାନାଜୋନୋ ୧୨୯୭ ଅଗଷ୍ଟ ୧୪ରେ ଜନ୍ମ ଗ୍ରହଣ କରିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା ୧୩୪୮ ଡିସେମ୍ବର ୨ରେ। ପାରମ୍ପରିକ ଉତ୍ତରାଧିକାର କ୍ରମରେ ସେ ଥିଲେ ଜାପାନର ୯୫ତମ ସମ୍ରାଟ।

# ତିନି ତଲାକ୍‌ର ଅପରାଧୀକରଣକୁ ବିରୋଧ

**ନୂଆଦିଲ୍ଲୀ,୨୭।୧୨**

ଲୋକ ସଭାରେ ଗୁରୁବାର ତିନି ତଲାକ୍ ନିରୋଧୀ ବିଲ୍ ଗୃହୀତ ହୋଇଛି। ଏଥିରେ ତିନି ତଲାକ୍‌କୁ ଅପରାଧ ବିବେଚିତ କରାଯାଇଥିବାରୁ ଏହାକୁ ବିଜେଡି ବିରୋଧ କରିଛି। ଏହା ସମାଜରେ ଲିଙ୍ଗଗତ ଅସମାନତା ସୃଷ୍ଟି କରିବ ବୋଲି ଦଳ ପକ୍ଷରୁ ଯୁକ୍ତି ବଢ଼ାଯାଇଛି। ନିମ୍ନ ସଦନରେ ତିନି ତଲାକ୍ ସଂକ୍ରାନ୍ତ ବିଧେୟକ ଆଗତ ହେବା ପରେ ଆଲୋଚନାରେ ଅଂଶଗ୍ରହଣ କରି ବିଜେଡି ଏମ୍‌ପି ରବୀନ୍ଦ୍ର କୁମାର ଜେନା କହିଥିଲେ, ଏହି ବିଲ୍ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଏହା ସମାଜକୁ ଲିଙ୍ଗ ଆଧାରରେ ବିଭାଜିତ କରିବା ଆଶଙ୍କା ରହିଛି। ତିନି ତଲାକ୍‌କୁ ଅପରାଧ ବିବେଚିତ କରାଯିବା ସହ ସ୍ୱାମୀଙ୍କୁ ତିନି ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ଉପରେ ରବୀନ୍ଦ୍ର ପ୍ରଶ୍ନ ଉଠାଇଥିଲେ।

**ବିଜେଡିର କକ୍ଷତ୍ୟାଗ**



ଲୋକ ସଭାରେ ଭର୍ତ୍ତୃହରି ମହତାବ

ତିନି ତଲାକ୍‌କୁ ଅପରାଧ ଭାବେ ଗ୍ରହଣ କରିବାର କୌଣସି ଯଥାର୍ଥତା ନାହିଁ। ଏହା ବିବାହ ଭାଙ୍ଗୁ ନ ଥିବାରୁ ଏହାକୁ ଅପରାଧ ଘୋଷଣା କରାଯାଇପାରିବ ନାହିଁ ବୋଲି ସେ କହିଥିଲେ। ଛାଡ଼ପତ୍ର ହେଲେ ସ୍ତ୍ରୀଙ୍କୁ ଭରଣପୋଷଣ ଦେବାକୁ ଆଇନ ସ୍ୱାମୀଙ୍କୁ ବାଧ୍ୟ କରିଥାଏ। ସ୍ୱାମୀ ଜେଲ୍‌ରେ ରହିଲେ ଭରଣପୋଷଣ କିପରି ଦେବେ ବୋଲି ସେ ପ୍ରଶ୍ନ କରିଥିଲେ।

ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ବିଲ୍ ଉପରେ ଦୁଇଟି ସଂଶୋଧନ ପ୍ରସ୍ତାବ ଆଣିଥିଲେ, ଯାହା କାଟ ଖାଇଯାଇଥିଲା। ଜେଲଦଣ୍ଡ ବ୍ୟବସ୍ଥାକୁ ବାଦ୍ ଦେବାକୁ ଭର୍ତ୍ତୃହରି ପ୍ରସ୍ତାବ ଦେଇଥିବା ବେଳେ ଏହା ଖାରଜ ହୋଇଯିବାରୁ ବିଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଆମେ ବିଲ୍‌କୁ ସ୍ୱାଗତ କରୁଛୁ, କିନ୍ତୁ ଏହାକୁ ନେଇ ଦଣ୍ଡ ବ୍ୟବସ୍ଥାର ବିରୋଧ କରୁଛୁ ବୋଲି ଭର୍ତ୍ତୃହରି କହିଥିଲେ। ପ୍ରସ୍ତାବିତ ଆଇନର ଅପବ୍ୟବହାର ରୋକିବା ଲାଗି ବିଲ୍‌ରେ ବ୍ୟବସ୍ଥା ନାହିଁ। ତତ୍କାଳ ତିନି ତଲାକ ପ୍ରଥା ବେଆଇନ ବୋଲି ସୁପ୍ରିମକୋର୍ଟ ରାୟ ଦେଇସାରିଥିବାରୁ ଗୃହରେ ବିଲ୍ ଆଣିବାର ଆବଶ୍ୟକତା କ'ଣ ବୋଲି ରବୀନ୍ଦ୍ର ପ୍ରଶ୍ନ କରିଥିଲେ।



ବିଲ୍‌ରେ ଅଧିକାଂଶ ବ୍ୟବସ୍ଥା ଅସାମ୍ବିଧାନିକ। ଏହାର ଅଧିକ ଯାଞ୍ଚ ଲାଗି ଯୁଗ୍ମ ଚୟନ କମିଟିକୁ ପଠାଯିବା ଆବଶ୍ୟକ।
**– ମଲ୍ଲିକାର୍ଜୁନ ଖାର୍ଗେ**, ଲୋକ ସଭାରେ କଂଗ୍ରେସ ନେତା



ଏହି ଉଦ୍ୟମ ସମାଜରେ ଲିଙ୍ଗଗତ ନ୍ୟାୟ, ମର୍ଯ୍ୟାଦା ଓ ସମାନତାକୁ ସୁନିଶ୍ଚିତ କରିବ। ଏହା ରାଜନୀତି ନୁହେଁ, ମହିଳା ସଶକ୍ତୀକରଣ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ ଲାଗି ଉଦ୍ଦିଷ୍ଟ।
**–ରବିଶଙ୍କର ପ୍ରସାଦ**, ଆଇନ ମନ୍ତ୍ରୀ



ଆମେ ବିଲ୍‌କୁ ବିରୋଧ କରୁନାହୁଁ। ସମଲିଙ୍ଗୀ ଯୌନ ସମ୍ପର୍କକୁ ବୈଧ କରାଯାଇଥିବାବେଳେ ତିନି ତଲାକକୁ ଅପରାଧଭୁକ୍ତ କରିବା ପଛର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ କରୁଛୁ।
**–ଅସାଦୁଦ୍ଦିନ ଓୱାଇସି**, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ



ଇସଲାମ ଧର୍ମରେ ତିନି ତଲାକକୁ ଅପରାଧ ବିବେଚନା କରାଯାଇଛି। ଯଦି ବିବାହ ଏକ ଚୁକ୍ତିନାମା ତେବେ ଏହାର ପରିସମାପ୍ତି ସମାନ ନିୟମରେ ହେବା ଆବଶ୍ୟକ।
**– ସ୍ମୃତି ଇରାନୀ**, କେନ୍ଦ୍ରମନ୍ତ୍ରୀ



ବିଲ୍ ମୁସଲମାନ ମହିଳାଙ୍କ ସଶକ୍ତୀକରଣ ପାଇଁ ନୁହେଁ, ବରଂ ମୁସଲମାନ ପୁରୁଷଙ୍କୁ ଦଣ୍ଡିତ କରିବା ଲାଗି ଉଦ୍ଦିଷ୍ଟ।
**– ସୁସ୍ମିତା ଦେବ**, କଂଗ୍ରେସ ଏମ୍‌ପି



ଦେଶର ମୁସଲମାନ ମହିଳାଙ୍କ ସମାନତା ଏବଂ ମର୍ଯ୍ୟାଦା ସୁନିଶ୍ଚିତ କରିବା ଲାଗି ଏହା ଏକ ଐତିହାସିକ ପଦକ୍ଷେପ। ମୁସଲମାନ ମହିଳାଙ୍କ ପ୍ରତି ଦୀର୍ଘ ଦଶନ୍ଧି ଧରି ହୋଇଆସିଥିବା ଅନ୍ୟାୟ ଲାଗି କଂଗ୍ରେସ ଓ ଅନ୍ୟ ଦଳଗୁଡିକ କ୍ଷମା ମାଗିବା ଉଚିତ।
**–ଅମିତ ଶାହ**, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୮/୨୦୧୮ | Bhubaneswar, Friday, December 28/ 2018 | ପୃଷ୍ଠା-୧




## ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ଟ୍ରେଲର ରିଲିଜ୍

‘ଦି ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର’ ଫିଲ୍ମର ଟ୍ରେଲର ଗୁରୁବାର ରିଲିଜ ହୋଇଥିବା ବେଳେ ଏଥିରେ ମନମୋହନ ସିଂ ଭୂମିକାରେ ଅଭିନୟ କରିଛନ୍ତି ଅନୁପମ ଖେର। ୧୨

୧୭

## ବୋଲ୍ଟଙ୍କ ଘାତକ ବୋଲିଂ

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଘାତକ ବୋଲିଂ କରି ୬ ଉଇକେଟ ଅକ୍ତିଆର କରିଛନ୍ତି।



### ଆଜିର ସମ୍ପାଦକୀୟ

ଅଚଳ ନୀତି

### ଆଜିର ମନ୍ତବ୍ୟ

“ଲୁଟ୍ କରୁଥିବା ଲୋକେ ଏବେ ଚୌକିଦାରକୁ ଭୟ କରୁଛନ୍ତି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୬-୧୭ରେ ଭାରତ-ଜାପାନ ଦ୍ୱିପାକ୍ଷିକ ବାଣିଜ୍ୟ ୧୩.୬ ବିଲିୟନ ଡଲାର ଥିବା ବେଳେ ୨୦୧୭-୧୮ରେ ଏଥିରେ ବୃଦ୍ଧି ଘଟି ୧୫.୭ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ







CBSE Exam Mate
ପୃଷ୍ଠା-୧୩



NECC National Egg Co-ordination Committee — 27.12.2018 — Venkob Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 75 | 126 | 136 |
| DKL | 79 | 131 | 141 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 82 | 135 | 145 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers


ବେଆଇନ ଶେଲ୍ଟର ହୋମ୍ ମାମଲା
୪ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍ଏଚଆରସିଙ୍କ ନିର୍ଦ୍ଦେଶ
........୩........

■ ନୀତି ଆୟୋଗ ଡେଲ୍ଟା ତାଲିକା ପ୍ରକାଶିତ

# ‘ଆକାଂକ୍ଷା’ରେ ନୂଆପଡ଼ା, କୋରାପୁଟ

ଭୁବନେଶ୍ୱର,୨୭ା୧୨(ବ୍ୟୁରୋ)

ଓଡ଼ିଶାରେ ବିକାଶ ଊର୍ଦ୍ଧ୍ୱମୁଖୀ ହୋଇଛି। କେବଳ ଉପକୂଳ ନୁହେଁ, ଦକ୍ଷିଣ ଓ ପଶ୍ଚିମ ଓଡିଶାର ପଛୁଆ ଜିଲାଗୁଡିକ ମଧ୍ୟ ବିକାଶ ଆଗକୁ ମାଡି ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, କୃଷି, ଜଳ ଉତ୍ସ, ଆର୍ଥିକ ଅବସ୍ଥା, ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରରେ ପଛୁଆ ଥିବା ଆଦିବାସୀ ବହୁଳ ଜିଲାର ଲୋକମାନେ ବହୁ ଆଗକୁ ଚାଲି ଯାଇଛନ୍ତି । ସେମାନଙ୍କ ଜୀବନ ଧାରଣ ମାନଦଣ୍ଡରେ ଯଥେଷ୍ଟ ଉନ୍ନତି ଘଟିଛି। ଗୁରୁବାର କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ପ୍ରକାଶ କରିଥିବା ଆକାଂକ୍ଷା ଜିଲା ଡେଲଟା ର୍ୟାଙ୍କିଙ୍ଗ ରିପୋର୍ଟରେ ଏକଥା ଉଲ୍ଲେଖ କରାଯାଇଛି । କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ପ୍ରକାଶ କରିଥିବା ଦ୍ୱିତୀୟ ଡେଲଟା ରିପୋର୍ଟର ପ୍ରଥମ ୫ଟି ଜିଲା ତାଲିକାରେ ଓଡିଶାର ଦୁଇ ଜିଲା ନୂଆପଡା ଓ କୋରାପୁଟ ଯଥାକ୍ରମେ ଦ୍ୱିତୀୟ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ତାଲିକାର ପ୍ରଥମ ସ୍ଥାନରେ ତାମିଲନାଡୁର ବିରୁଦନଗର ଜିଲା ଥିବାବେଳେ ଉତ୍ତର ପ୍ରଦେଶର ସିଦ୍ଧାର୍ଥନଗର ଏବଂ ବିହାରର ଔରଙ୍ଗାବାଦ ଜିଲା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୧୮ ଜୁନ ପହିଲାରୁ ଅକ୍ଟୋବର ୩୧ ତାରିଖ ମଧ୍ୟରେ ଦେଶର ୧୧୧ଟି ଜିଲାଗୁଡିକରେ ହୋଇଥିବା ବିକାଶକୁ ଆଧାର କରି ନୀତି ଆୟୋଗ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଗୁରୁବାର ନୀତି ଆୟୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଅମିତାଭ କାନ୍ତ ଏହି ରିପୋର୍ଟ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, କୃଷି, ଜଳ ଉତ୍ସ, ଆର୍ଥିକ ଅବସ୍ଥା, ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଆଦି ୬ଟି ମାନଦଣ୍ଡ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି।

ସୂଚନାଯୋଗ୍ୟ ଯେ ୨୦୧୮ ଜାନୁୟାରୀ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅନୁନ୍ନତ ଜିଲାଗୁଡିକ ପାଇଁ ସ୍ୱତନ୍ତ୍ର ଆକାଂକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଅନୁନ୍ନତ ତଥା ପଛୁଆ ଜିଲାଗୁଡିକର ବିକାଶ କରି ଲୋକମାନଙ୍କର ଜୀବନଧାରଣ ମାନରେ ପରିବର୍ତ୍ତନ ଆଣିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ଆକାଂକ୍ଷା ଯୋଜନାର ପ୍ରଥମ ର୍ୟାଙ୍କିଙ୍ଗ ରିପୋର୍ଟ ୨୦୧୮ ଜୁନ୍‌ରେ ପ୍ରକାଶ କରାଯାଇଥିଲା। ଏହି ରିପୋର୍ଟର ୧୪ତମ ସ୍ଥାନରେ ବଲାଙ୍ଗୀର ଜିଲା ଥିବା ବେଳେ ୩୪ ସ୍ଥାନରେ ଗଜପତି, ୩୬ରେ ଢେଙ୍କାନାଳ, ୩୭ରେ କନ୍ଧମାଳ, ୭୭ରେ ରାୟଗଡା, ୮୫ରେ କଳାହାଣ୍ଡି, ୯୯ରେ ନବରଙ୍ଗପୁର ଏବଂ ୧୦୫ରେ ମାଲକାନଗିରି ଜିଲାର ସ୍ଥାନ ରହିଥିଲା। ନୂଆପଡା ଜିଲାରେ ଶିକ୍ଷା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଆଖିଦୃଶିଆ ବିକାଶ ହୋଇଥିବାରୁ ଦ୍ୱିତୀୟ ସ୍ଥାନ ମିଳିଛି।

## ମହାନଦୀ-କାଠଯୋଡ଼ି ବୁଲି ଦେଖିଲେ ବଂଶଧାରା ଟ୍ରିବ୍ୟୁନାଲ ଟିମ୍



ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ସହ ଜଳସମ୍ପଦ ବିଭାଗ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କଟକ ଅଫିସ, ୨୭ା୧୨

ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବଂଶଧାରା ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲ ଟିମ୍ ଗୁରୁବାର ମହାନଦୀ ଓ କାଠଯୋଡ଼ି ନଦୀ ପରିଦର୍ଶନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ମୁକୁନ୍ଦମ୍ ଶର୍ମାଙ୍କ ନେତୃତ୍ୱରେ ଏହି ଟିମ୍ ପ୍ରଥମେ ନରାଜ ନିକଟରେ ପହଞ୍ଚି କାଠଯୋଡ଼ିର ଜଳସ୍ତର ଦେଖିବା ପରେ ଯୋବ୍ରା ଆନିକଟ ନିକଟକୁ ଆସି ଜଳସ୍ତର ଅନୁଧ୍ୟାନ କରିଥିଲେ। ମୁଖ୍ୟତଃ ମହାନଦୀ ଓ କାଠଯୋଡ଼ିର କେନାଲ ସିଷ୍ଟମ ଉପରେ ଜଳସମ୍ପଦ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କେନାଲ ପ୍ରଣାଳୀ ଦ୍ୱାରା କେତେ ଜମି ଜଳସେଚିତ ହେଉଛି ଓ କେତେଜଣ କୃଷକ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀମାନଙ୍କଠାରୁ ଶର୍ମା ପଚାରି ବୁଝିଥିଲେ। ଏହି ଟିମ୍‌ରେ ଜଳସମ୍ପଦ ବିଭାଗ ସଚିବ ପି.କେ. ଜେନା, ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ ବାନାର୍ଜୀ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଡିସିପି ଅଖିଳେଶ୍ୱର ସିଂ ଉପସ୍ଥିତ ଥିଲେ। ସୂଚନାଥାଉ କି, ବଂଶଧାରା ଜଳ ବିବାଦକୁ ନେଇ ଏହି ଟିମ୍ ଦୁଇଦିନ ତଳେ ଗଜପତି ଜିଲାର ପାରଳାଖେମୁଣ୍ଡି ଗସ୍ତ କରିଥିଲେ।

# ଲୋକ ସଭାରେ ସଂଶୋଧିତ ତିନି ତଲାକ୍ ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୭ା୧୨(ପି.ଟି.)



ଲୋକ ସଭାରେ ଗୁରୁବାର ସଂଶୋଧିତ ତିନି ତଲାକ୍ ବିଲ୍ ଗୃହୀତ ହୋଇଛି। ତତ୍କାଳ ତିନି ତଲାକ ପ୍ରଥାକୁ ଉକ୍ତ ବିଲ୍‌ରେ ଧର୍ତ୍ତବ୍ୟ ଅପରାଧ ବିବେଚିତ କରାଯାଇଛି। ଏଥିପାଇଁ ୩ ବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରି ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍,୨୦୧୮ ଅଣାଯାଇଥିବା ଅଭିଯୋଗକୁ ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ବିଲ୍ ସପକ୍ଷରେ ୨୪୫ ଭୋଟ ମିଳିଥିବା ବେଳେ ବିପକ୍ଷରେ ୧୧ ଭୋଟ ଯାଇଥିଲା। ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ଅଧ୍ୟାଦେଶ ସ୍ଥାନରେ ଏହାକୁ ଲାଗୁ କରାଯିବ। ଏହି ପ୍ରସ୍ତାବିତ ଆଇନ ଜମ୍ମୁ-କଶ୍ମୀର ବ୍ୟତୀତ ସାରା ଦେଶରେ ଲାଗୁ ହେବ।

ଟ୍ରିପଲ ତଲାକ୍ ବିଲ୍ ଲୋକ ସଭାରେ ଆଗତ କରାଯିବା ପରେ ଏହାକୁ ଯୁଗ୍ମ ଚୟନ କମିଟିକୁ ପଠାଇବା ଲାଗି ବିରୋଧୀ ଦଳ ପକ୍ଷରୁ ଦାବି ହୋଇଥିଲା। ସରକାର ଏହି ଦାବିକୁ ଅଗ୍ରାହ୍ୟ କରିଦେବା ପରେ ଭୋଟ ପୂର୍ବରୁ କଂଗ୍ରେସ, ତୃଣମୂଳ କଂଗ୍ରେସ, ଏଆଇଏଡିଏମକେ ଏବଂ ଆରଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ବିଲ୍ ଗୃହୀତ ହେବା ପୂର୍ବରୁ ୪ ଘଣ୍ଟା ଧରି ନିମ୍ନ ସଦନରେ ଜୋରଦାର ଆଲୋଚନା ହୋଇଥିଲା। ବିଲ୍ ଉପରେ ଆଲୋଚନା ଆରମ୍ଭ କରି ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ତତ୍କାଳ ତିନି ତଲାକ ଦେଉଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ଜେଲ୍‌ଦଣ୍ଡ ଦେବା ଆଦୌ ରାଜନୀତି ନୁହେଁ। ଏହା ମହିଳା ସଶକ୍ତୀକରଣ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ଉକ୍ତ ବିଲ୍‌କୁ ଅନୁଧ୍ୟାନ ପାଇଁ ଚୟନ କମିଟିକୁ ପଠାଇବା ନିମନ୍ତେ କଂଗ୍ରେସ, ଟିଏମ୍‌ସି ସମେତ ବିଭିନ୍ନ ବିରୋଧୀ ଦଳ ଦାବି କରିଥିଲେ। ତେବେ ପୂର୍ବରୁ କମିଟିର ସଦସ୍ୟମାନେ ଯେଉଁ ଚିନ୍ତା ବ୍ୟକ୍ତ କରିଥିଲେ ତାହାକୁ ଗ୍ରହଣ କରି ସରକାର ବିଲ୍‌ରେ ଆବଶ୍ୟକ ସଂଶୋଧନ କରିଛନ୍ତି ବୋଲି ପ୍ରସାଦ କହିଥିଲେ। ବିଲ୍‌ରେ କେବଳ ପତ୍ନୀ ଓ ତାଙ୍କ ନିକଟ ସମ୍ପର୍କୀୟ ଏତଲା ଦାଏର କରିବା ବ୍ୟବସ୍ଥା ରହିଛି। ତେବେ ସ୍ୱାମୀ ଓ ତଲାକ ପାଇଥିବା ମହିଳାଙ୍କ ମଧ୍ୟରେ ବୁଝାମଣା ହୋଇପାରିଲେ ସେମାନେ ମାମଲା ପ୍ରତ୍ୟାହାର କରିନେଇପାରିବେ। ଆଇନର ଅପବ୍ୟବହାର ହେବା ଆଶଙ୍କାକୁ ପ୍ରସାଦ ଖଣ୍ଡନ କରିଥିଲେ। ୨୦୧୭ ଜାନୁୟାରୀରୁ ଇତିମଧ୍ୟରେ ୪୭୭ ତିନି ତଲାକ୍ ମାମଲା ଦାଏର ହୋଇଛି। ଜଣେ ପ୍ରଫେସର ତାଙ୍କ ପତ୍ନୀଙ୍କୁ ହ୍ୱାଟ୍ସଆପ୍ ଜରିଆରେ ତଲାକ୍ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସଭାରେ ଯୋଗଦେବାରୁ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ତଲାକ୍ ଦେଉଛି ବୋଲି ପ୍ରସାଦ କହିଥିଲେ। ମହିଳାଙ୍କୁ ନ୍ୟାୟ ପାଇଁ ଏହି ବିଲ୍ ଆସିଥିବାରୁ ସବୁଦଳର ସଦସ୍ୟ ଏହାକୁ ଏକସ୍ୱରରେ ସମର୍ଥନ କରିବା ଲାଗି ସେ ଅନୁରୋଧ କରିଥିଲେ। ବିଲ୍‌କୁ ଅଧିକ ଯାଞ୍ଚ କରିବା ଲାଗି ଏହାକୁ ଉଭୟ ଗୃହର ଯୁଗ୍ମ ଚୟନ କମିଟିକୁ ପଠାଇବା ଲାଗି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଯୁକ୍ତି ବାଢ଼ିଥିଲେ। ☞ପୃଷ୍ଠା-୬

## ଘର ସହ ଜଳିଗଲେ ଯୁବତୀ

ବାଲିକୁଦା,୨୭ା୧୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଥାନା ଅଧୀନ ଥାଇଲୋ ପଞ୍ଚାୟତ ଅଲିକଣ୍ଟା ଗ୍ରାମରେ ଘର ମଧ୍ୟରେ ପୋଡ଼ିହୋଇ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭରତ ମଲ୍ଲିକଙ୍କ ଝିଅ ଅହଲ୍ୟା(୧୮)। ତେବେ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କେହି ମାରି ପୋଡ଼ିଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ଅପରାହ୍ଣ ୪ଟାରେ ଭରତଙ୍କ ବାଡ଼ିପଟ ଚାଳ ଘର ଜଳୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବା ବେଳେ ଘର ଭିତରୁ ଅହଲ୍ୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ସେହି ସମୟରେ ଅହଲ୍ୟାଙ୍କ ମା’ବାପା ବିଲକୁ ଯାଇଥିଲେ। ପରିବାର ଲୋକେ, ପାଖ ପଡୋଶୀ ଘରପୋଡ଼ିରେ ଅହଲ୍ୟାଙ୍କ ମୃତ୍ୟୁ ହୋଇଥିବା କହୁଛନ୍ତି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ମାରି ପୋଡ଼ିଦେଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। କାରଣ ଅପରାହ୍ଣରେ ଘରେ ପ୍ରାୟତଃ ରୋଷେଇ ହେଉ ନ ଥିଲା। ଯଦି ରୋଷେଇ ହେଉଥାଏ, ତେବେ ଚୁଲିରୁ ଚାଳକୁ ନିଆଁ ଲାଗିବା ବେଳେ ଅହଲ୍ୟା ଘରୁ ବାହାରକୁ ଆସିପାରିଥାନ୍ତେ। ଘରର କବାଟ ଖୋଲା ଥିବା ସତ୍ତ୍ୱେ ସେ ବାହାରକୁ ଆସି ନ ପାରିବା ଘଟଣାକୁ ଅଧିକ ରହସ୍ୟାବୃତ କରିଛି।

## ଶୀତ: ୨୯ରୁ ଆହୁରି ଥରେଇବ

ଭୁବନେଶ୍ୱର,୨୭ା୧୨(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ଶୀତ ପ୍ରକୋପ ଜାରି ରହିଛି। ଦକ୍ଷିଣ ଓଡିଶା ଉପକୂଳରେ ଘୂର୍ଣ୍ଣିବଳୟ ଯୋଗୁ ଗୁରୁବାର ରାତ୍ରିର ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଥିଲା। ତେବେ ଆସନ୍ତା ୨୯ରୁ ଉତ୍ତର ଓଡିଶାରେ ଶୀତ ଲହରି ଆରମ୍ଭ ହେବ। ଏହା ୨୦୧୯ ଜାନୁୟାରୀ ୨ ତାରିଖ ଯାଏ ଚାଲିବ। ଏଥିଯୋଗୁ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ତଳକୁ ଖସିଯିବ। ସ୍ୱାଭାବିକ ତାପମାତ୍ରା ଠାରୁ ପାରଦ ୩ରୁ ୪ ଡିଗ୍ରୀ ସେଲସିୟସ ନିମ୍ନରେ ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଗତ କିଛି ଦିନ ହେବ ଉପକୂଳଠାରୁ ଆଭ୍ୟନ୍ତରୀଣ ଓଡ଼ିଶାର ସବୁଠି ଶୀତର ଚାଦର ଘେରି ରହିଛି। ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଏପରି କି କେତେକ ସ୍ଥାନରେ ୫ରୁ ୭ ଡିଗ୍ରୀ ତଳେ ରହୁଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୯.୬, ବାଲେଶ୍ୱର ୧୦, ବାରିପଦା ୧୦.୫, କେନ୍ଦୁଝର ୧୦.୬, ସୁନ୍ଦରଗଡ ୯.୫, ଟିଟିଲାଗଡ ୧୦, ସୋନପୁର ୧୧.୮ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ରାୟ ବିରୋଧରେ ହାଇକୋର୍ଟ ଯିବ କ୍ରାଇମବ୍ରାଞ୍ଚ

କଟକ ଅଫିସ,୨୭ା୧୨

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ ତଳ କୋର୍ଟଙ୍କ ରାୟ ବିରୋଧରେ ହାଇକୋର୍ଟ ଯିବ କ୍ରାଇମବ୍ରାଞ୍ଚ। ଗୁରୁବାର କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇନ୍ତି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ। ଉପାଧ୍ୟାୟ କହିଛନ୍ତି, ଘଟଣାର ତଦନ୍ତ ଠିକ୍ ଭାବରେ କରାଯାଇଥିଲା। ଦୁଇ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ ଓ ସୁକାନ୍ତ ପ୍ରଧାନଙ୍କ ବିରୋଧରେ ଆବଶ୍ୟକ ଦଫା ମଧ୍ୟ ଲଗାଯାଇଥିଲା। ସରକାରୀ ଓକିଲ ମଧ୍ୟ କୋର୍ଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ପୀଡ଼ିତାଙ୍କୁ ହତ୍ୟା କରାଯାଇଥିବା ବିଚାରପତି ନିଜ ରାୟରେ ଦର୍ଶାଇଛନ୍ତି। ମାତ୍ର ଏ ସବୁ ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ ସାକ୍ଷ୍ୟ ପ୍ରମାଣ ଯଥେଷ୍ଟ ନ ହେବାରୁ ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅଭିଯୁକ୍ତଙ୍କୁ ଦୋଷୀ ପ୍ରମାଣିତ କରିବା ନିମନ୍ତେ କ୍ରାଇମବ୍ରାଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ସେ ସୂଚନା ଦେଇଛନ୍ତି। ☞ପୃଷ୍ଠା-୬

■ ପିପିଲି ଗଣବଳାତ୍କାର ମାମଲାରେ ମହାରଥୀଙ୍କ ବିବାଦୀୟ ବୟାନ: ମହିଳା କଂଗ୍ରେସର ବିକ୍ଷୋଭ

# ମନ୍ତ୍ରୀଙ୍କ ବାସଭବନକୁ ଟମାଟୋ ମାଡ଼

### ଇସ୍ତଫା ନ ଦେଲେ ଆନ୍ଦୋଳନ ଜୋର୍‌ଦାର ହେବ

ଭୁବନେଶ୍ୱର,୨୭ା୧୨ (ବ୍ୟୁରୋ)

ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିବାଦୀୟ ବୟାନକୁ ନେଇ ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ତାଙ୍କ ବାସଭବନକୁ ଘେରାଉ କରାଯାଇଥିଲା। ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ମହିଳା କର୍ମୀ ମନ୍ତ୍ରୀଙ୍କ ବାସଭବନ ଉପରକୁ ଅଣ୍ଡା, ଟମାଟୋ ଓ ଝାଡୁ ମାଡ଼ କରିଥିଲେ। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଛକାପଞ୍ଝା ପରେ ପୋଲିସ ସମସ୍ତଙ୍କୁ ଗିରଫ କରିଥିଲା।

ମନ୍ତ୍ରୀ ମହାରଥୀଙ୍କ ବୟାନକୁ ନେଇ ରାଜନୈତିକ ବାକ୍‌ଯୁଦ୍ଧ ଚାଲିଥିବାବେଳେ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। ଏ ଦୃଷ୍ଟିରୁ ଗାନ୍ଧିମାର୍ଗସ୍ଥିତ ମନ୍ତ୍ରୀଙ୍କ ବାସଭବନର ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ଏପରିସ୍ଥଳେ ଗୁରୁବାର ପୂର୍ବାହ୍ନ ୧୧ଟାରେ ମହିଳା କଂଗ୍ରେସ କର୍ମୀମାନେ ମାଡ଼ି ଆସୁଥିବାଦେଖି ଉପସ୍ଥିତ ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ସେମାନେ ☞ପୃଷ୍ଠା-୬



ଗାନ୍ଧୀମାର୍ଗସ୍ଥିତ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବାସଭବନ ସମ୍ମୁଖରେ ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି। ଫାଟକ ଆଗରେ ଫିଙ୍ଗା ଯାଇଥିବା ଟମାଟୋ ଓ ଝାଡୁ (ଇନସେଟ୍)।

## ଭୁଲ୍ ବୁଝିଲେ ମହାରଥୀ

■ବିବାଦୀୟ ମନ୍ତବ୍ୟ ପାଇଁ ଦୁଃଖପ୍ରକାଶ କଲେ

ଭୁବନେଶ୍ୱର, ୨୭ା୧୨ (ବ୍ୟୁରୋ)

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲା ରାୟକୁ ସ୍ୱାଗତ କରିବା କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ମହଙ୍ଗା ପଡିଛି। ଏହି ବିବାଦୀୟ ବୟାନ ପାଇଁ ମନ୍ତ୍ରୀ ମହାରଥୀ ହଟହଟା ହେବା ସହ ଗୁରୁବାର ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ପିପିଲି ଗଣବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେବା ପରେ ସତ୍ୟର ଜୟ ହୋଇଛି ବୋଲି ମହାରଥୀ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ପୀଡିତାଙ୍କ ପରିବାର, ସ୍ଥାନୀୟ ବାସିନ୍ଦା ଏବଂ ବିରୋଧୀ ଦଳଗୁଡିକ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମହାରଥୀଙ୍କ ମନ୍ତବ୍ୟ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଚାରିଆଡୁ ପ୍ରବଳ ଚାପର ସମ୍ମୁଖୀନ ହେବା ପରେ ଶେଷରେ ମହାରଥୀ ନିଜ ଭୁଲ୍ ବୁଝିଛନ୍ତି। ମହାରଥୀ କହିଛନ୍ତି ଯେ, ତାଙ୍କ ମନ୍ତବ୍ୟ କାହା ପ୍ରତି ଆଘାତ ଦେଇଥିବାରୁ ସେ ଦୁଃଖିତ। ସେ ସ୍ପଷ୍ଟବାଦୀ, ତାଙ୍କ ମନରେ କିଛିନାହିଁ। ଯଦି ଭାଜପା ଏବଂ କଂଗ୍ରେସ ☞ପୃଷ୍ଠା-୬



ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ପୂର୍ବତନ ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ବାଲକ୍ରିଷ୍ଣନଙ୍କୁ ମୁଖ୍ୟ ପରାମର୍ଶଦାତା (ଇନିସିଏଟିଭ) ଭାବେ ନିଯୁକ୍ତି ମିଳିଛି। ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଆଦିବାସୀ ସଂଗ୍ରହାଳୟ, କ୍ରାଫ୍ଟ ମ୍ୟୁଜିୟମ୍ ଏବଂ ଇନପୁଟ୍ ଟୁ ଐତିହ୍ୟ କ୍ୟାବିନେଟ୍ , ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ଭର୍ଚୁଆଲ ଏକାଡେମୀରେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। ନିଜ କାର୍ଯ୍ୟ ସମ୍ପର୍କିତ ସମସ୍ତ ରିପୋର୍ଟ ସେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଂଶ
ପରିବାରବର୍ଗ


ବେବି
ପରିବାରବର୍ଗ


ଭାନୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10187

Maruti swift- 2011, Captiva- 2010, Skoda, Pajero- 2009, Passat- 2012, Teanna- 2014. 7381091234, 9861194627. D-65303



### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65237

Plot for sale 5km. from Khordha town (Sai Sanatan Nagar), price-199/- p.sqft including registration, electricity. 9861793775, 9078013099. D-65271

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

For sale Paradeep town 11000 sqft. gharabari plot with boundarywall in residential area. Contact M-9938219434. D-10255

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58024

ନଖରା East-College @ 999/-, ବ୍ରାହ୍ମଣ ଝରିଲୋ (SC/General) @ 499/-, ଚନ୍ଦକା NIT @ 599/-, IIT ଅରଗୁଳ @ 120-250/- ଘରବାରି ପ୍ଲଟ ବିକ୍ରିହେବ। 9439889903, 9861158141. D-65419

Plot sale near AIIMS Hospital Bhubaneswar with 30'road. 8456850883. D-65311

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64395

ଭୁବନେଶ୍ୱର ହଂସପାଳ, ବାଲିଅନ୍ତା, ଭିଙ୍ଗାରପୁରରେ 100 ଫୁଟ ପିଚୁରୋଡକୁ ଲାଗି ପ୍ଲଟ ବିକ୍ରିହେବ। 8093465134, 9437003399. D-65418

Gharabari boundary plot infront of Krupajal Engineering Collage, Bhubaneswar: 9090899281, 8908805482. D-65415

One Sheesam wood sofaset with teapoy for sale. Contact: 9861372780. D-60936

2000 sqft. plot for sale near Gohiria Chhaka and duplex for sale near Khandagiri, Bhubaneswar. Contact: 9337311119. D-64931

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Gharabari plot at Khandagiri/Hansapal, BDA approved duplex 1km. from Hanspal Square, duplex /simplex at Atala, Bhubaneswar: 9438419823, 9337086655. D-65421



1100 sqft. commercial/ Office space available S.S Complex, 1st floor, Link road infront of BSNL office, Cuttack. 9937003150, 9937017235. D-10258

2BHK 1500 sqft. fully tiled first floor house at 408, Paikanagar, Delta area. Contact: 8249219060. D-64930

2400 sqft. ground floor, 1200 sqft. 1st floor, commercial/ office space available Angul, NALCO Chhak. 9437288306, 7894438004. D-10259

Commercial 800 sqft. Kharavel Nagar, Bomikhal, Goutam Nagar, Bhubaneswar. Contact: 9437033691. D-63891

Office space available 297, Sahid Nagar infront of Madhuban Mandap, Bhubaneswar 1st floor- 1500 sqft., 2nd floor- 3500 sqft. 9937003150, 9937017235. D-10257



Shivam logistic packers movers. Household/ car relocation countrywide. 9777044177, 9338461133. D-10223



Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Herbal full body massage with refreshment by well trained therapist. 7381239385. D-65260

Herbal full body massage by smart/ expert therapist. Contact: 8338067247. D-65264

Newly opening ayurvedic massage smart therapist, Shree herbal. 7750020754. D-65265

Pamper yourself this Mansoon professional massage. Contact Purple Orchid. 9776598888. D-65266

Improving your health, skin care through expert therapist, excellent offer. 9668374480. D-65267

Roshni Ayurvedic massage club fully relaxed by smart lady, home service facility available. 9937637219. D-10191

Ayurvedic full body massage ladies/ gents experts therapist. 9040900385, 9778137131. D-64673

Experience full body massage with us by expert Enquiry: 06742597822, 7377048581. D-65272

### LOST

By virtue of an affidavit sworn before the Notary Public, Bhubaneswar on Dated- 26.12.2018. I Radhanath Behera resident of Qtr.No- 3/III, Block- B, New IMD Colony, Airport, Bhubaneswar- 751020, Dist.- Khurda, Odisha have declare that the original R.C. Book (Smart Card), Purchase Invoice, Retail Invoice & Sale Certificate of my vehicle I-20 Active VTVT vide registration number OD-02AJ-2408, Engine No. G4LAGM089689, Chassis No. MALBM51BLGM270382F has been lost somewhere near Sundarapada Market, Bhubaneswar. If any body found the above said document kindly contact: 8895813363. D-59924

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Now Matrimonial ads. only on Wednesday & Sunday
Book 1 Get 1 FREE

### ନୋଟିସ୍

ଯେ, ଶ୍ରୀ ମାନସ ପଟ୍ଟନାୟକ, ବୟସ ପ୍ରାୟ ୪୦ ବର୍ଷ, ପିତା- ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ, ଫ୍ଲାଟ ନଂ- ୧୦୫, ୧ମ ମହଲା, ସୁଦର୍ଶନ ଟାୱାର, ଶହୀଦ ନଗର, ଭୁବନେଶ୍ୱର, ଥାନା- ଶହୀଦ ନଗର, ଭୁବନେଶ୍ୱର, ପିନ୍- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ମୌଜା- ଗୋବିନ୍ଦ ପ୍ରସାଦ, ୟୁନିଟ ନଂ- ୩୨, ଭୁବନେଶ୍ୱର ସହର ଅଧୀନରେ ଖାତା ନଂ.- ୧୦୫୭/ ୧୨୫୮, ପ୍ଲଟ ନଂ. ୧୬୪୧/୨୯୪୦/୩୪୩୭, କ୍ଷେତ୍ର ଏ୦.୧୦୦ ଡେସିମିଲ ସଂକ୍ରାନ୍ତୀୟ ଅସଲ ମ୍ୟୁଟେଶନ୍ ଆର୍‌ଓଆର ମୋ ହେପାଜତରୁ ନିରୁଦ୍ଦିଷ୍ଟ ହୋଇଯାଇଛି ଏବଂ ମୁଁ ନିଜର ଯଥେଷ୍ଟ ଉଦ୍ୟମ ସତ୍ତ୍ୱେ ତାହାକୁ ଖୋଜି ପାଉନାହିଁ। ମୌଜା- ଗୋବିନ୍ଦ ପ୍ରସାଦ, ୟୁନିଟ୍ ନଂ. ୩୨, ଭୁବନେଶ୍ୱର ସହର ଅଧୀନରେ ଖାତା ନଂ. ୧୦୫୭/୧୨୫୮ ସଂକ୍ରାନ୍ତରେ କଥିତ ଅସଲ ମ୍ୟୁଟେଶନ୍ ଆର୍‌ଓଆର୍ ଜମା କରି ମୁଁ କୌଣସି ବ୍ୟାଙ୍କ/ ଆର୍ଥିକ ଅନୁଷ୍ଠାନରେ କୌଣସି ନ୍ୟାୟୋଚିତ ବନ୍ଧକ/ ପ୍ରଭାର ସୃଷ୍ଟି କରିନାହିଁ। ଯେ, କାନାରା ବ୍ୟାଙ୍କ, ଆର୍‌ଏଏଚ୍, ଭୁବନେଶ୍ୱର ସୈଦ୍ଧାନ୍ତିକ ରୂପରେ କଥିତ ସମ୍ପତ୍ତିର ଅମାନତ ବାବଦରେ କ୍ରେତା ଭାବେ ମୋ ସପକ୍ଷରେ ଅଗ୍ରିମ ଋଣ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଯଦି କୌଣସି ବ୍ୟକ୍ତିବିଶେଷ, ବ୍ୟାଙ୍କ/ ଆର୍ଥିକ ଅନୁଷ୍ଠାନମଞ୍ଜୁରୀ କରାଯାଇଥିବା କୌଣସି ଋଣର ଅମାନତ ଭାବେ କଥିତ ଅସଲ ଦଲିଲ ବନ୍ଧକ ଭାବେ ରଖିଥାନ୍ତି, ତେବେ ସେମାନେ ଉପରୋକ୍ତ ସମ୍ପତ୍ତି ସଂକ୍ରାନ୍ତରେ ବିଜ୍ଞପ୍ତି/ ବିଜ୍ଞାପନ ପ୍ରକାଶନ ତାରିଖରୁ (୧୫ଦିନ) ମଧ୍ୟରେ ଶ୍ରୀ ମାନସ ପଟ୍ଟନାୟକ କିମ୍ବା କାନାରା ବ୍ୟାଙ୍କ, ଆର୍‌ଏଏଚ୍ ଭୁବନେଶ୍ୱରଙ୍କୁ ସୂଚିତ କରିବା ପାଇଁ ଅନୁରୋଧ କରାଯାଉଛି। ସ୍ୱା./- ଶ୍ରୀ ମାନସ ପଟ୍ଟନାୟକ, ଶ୍ରୀ ସୁରୋନ୍ଦ୍ର ପଟ୍ଟନାୟକ। ଫୋନ୍ ନମ୍ବର: ୯୪୩୭୩୦୬୩୭୬। ଧ-୬୩୨୧୩

### 1st Birthday Wish



**Saiswastik Patra**
Sonepur

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାପା, ମାମା, ଦାଦା, ଖୁଡୀ, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୨୫୩

### ପ୍ରଥମ ଜନ୍ମଦିନର ଶୁଭେଚ୍ଛା



(ଶାମ)

**ଚିରାଗ ମହାପାତ୍ର**

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ ପୁଷ୍ପିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ

ଜେଜେବାପା, ଜେଜେମା, ଦାଦା, ଖୁଡୀ, ଭାଇ, ଭଉଣୀ। ଧ-୧୦୨୧୩

କୋଇଲା ଖଣିରେ ଫସି ରହିଛନ୍ତି ୧୩ ଶ୍ରମିକ

# ଉଦ୍ଧାର ପାଇଁ ମେଘାଳୟ ଯିବେ ଓଡିଶାର ୨୦ ଅଗ୍ନିଶମ କର୍ମଚାରୀ

**ଭୁବନେଶ୍ୱର,୨୭।୧୨ (ବ୍ୟୁରୋ):** ମେଘାଳୟର କାଶା ଗାଁସ୍ଥିତ କୋଇଲା ଖଣିରେ ୧୫ଜଣ ଶ୍ରମିକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ଓଡ଼ିଶାର ୨୦ଜଣ ଦକ୍ଷ ଅଗ୍ନିଶମ କର୍ମଚାରୀ ମେଘାଳୟ ଯିବେ। ଶୁକ୍ରବାର ସକାଳ ୭ଟା ୩୦ରେ ଏହି କର୍ମଚାରୀମାନେ ବରମୁଣ୍ଡା ଫାୟାର ଷ୍ଟେଶନରୁ ବାହାରିବେ। ସେମାନେ ସାଙ୍ଗରେ ୧୫ଟି ଉଚ୍ଚ କ୍ଷମତା ବିଶିଷ୍ଟ ପାଣି ପମ୍ପ ଓ ଉଦ୍ଧାର କାର୍ଯ୍ୟ ପାଇଁ ବ୍ୟବହୃତ ଉନ୍ନତ ଜ୍ଞାନକୌଶଳରହିତ ସରଞ୍ଜାମ ନେବେ। ସ୍ୱତନ୍ତ୍ର ସେନା ବିମାନ ଯୋଗେ ସେମାନେ ସିଧାସଳଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବେ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନାନୁସାରେ, ମେଘାଳୟ ଜଇଁତିଆ ପର୍ବତମାଳାର ଏକ କୋଇଲା ଖଣିରେ ଗତ ୧୩ ତାରିଖରେ ପାଣି ମାଡ଼ି ଆସିବା ସହ ଅତଡ଼ା ଖସିଥିଲା। ଫଳରେ ସେଠାରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ କେତେଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଆଉ କେତେଜଣଙ୍କୁ ଉଦ୍ଧାର ସମ୍ଭବ ହେଉନି। ଖଣି ନିକଟରେ ଏକ ନଦୀ ଥିବାରୁ ଏହାର ପାଣି ଖଣି ଭିତରକୁ ପଶୁଛି। ଫଳରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଏନ୍‌ଡିଏମ୍‌ଏ ଓଡିଶା ସରକାରଙ୍କୁ ସହାୟତା ମାଗିଥିଲେ। ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଅଗ୍ନିଶମ ଡିଜି ବି.କେ. ଶର୍ମା ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ମେଘାଳୟ ଯିବାର ବ୍ୟବସ୍ଥା କରିଛନ୍ତି।

■ ଧର୍ମଗଡ଼, ଜୁନାଗଡ଼କୁ ଜିଲ୍ଲା ମାନ୍ୟତା ଦାବି

# ଉଭୟ ସ୍ଥାନରେ ୧୨ ଘଣ୍ଟିଆ ବନ୍ଦ ପାଳନ

**ଧର୍ମଗଡ/ଜୁନାଗଡ଼,୨୭।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବି ନେଇ ଗୁରୁବାର ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଧର୍ମଗଡଠାରେ ୧୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ସହ ବନ୍ଦ କରାଯାଇଛି। ଧର୍ମଗଡ ଉପଖଣ୍ଡବାସୀଙ୍କ ସ୍ୱାର୍ଥ ଦୃଷ୍ଟିକୁ ରଖି ଅର୍ଥନୈତିକ ଅବରୋଧ ଓ ବନ୍ଦକୁ ଅଭୂତପୂର୍ବ ସମର୍ଥନ କରାଯାଇଛି। ଏହାର ପ୍ରଭାବ ଧର୍ମଗଡ ଉପଖଣ୍ଡର ଧର୍ମଗଡ, ଜୟପାଟଣା, କୋକସରା, ଜୁନାଗଡ ବ୍ଲକ ସମେତ ଧର୍ମଗଡ ଏନ୍‌ଏସି ଓ ଜୁନାଗଡ ଏନ୍‌ଏସିରୁ ଆରମ୍ଭ କରି ଗ୍ରାମାଞ୍ଚଳ ଯାଏଁ ଦେଖିବାକୁ ମିଳିଛି। ବନ୍ଦକୁ ବିଜେଡି ସମେତ ଭାଜପା, କଂଗ୍ରେସ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳର ମଧ୍ୟ ସମର୍ଥନ ରହିଥିଲା। ସେହିପରି ଜୁନାଗଡକୁ ଜିଲ୍ଲା ଓ ସଦରମହକୁମା ମାନ୍ୟତା ଦାବିରେ ସକାଳୁ ଜୁନାଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ୧୨ଘଣ୍ଟିଆ ଜୁନାଗଡ ବନ୍ଦ କରାଯାଇଥିଲା। ଲୋକେ ୨୬ନଂ ଜାତୀୟ ରାଜପଥର ଜୁନାଗଡ ହାତୀନଦୀ ପୋଲ ନିକଟ, ନୂଆ ବସଷ୍ଟାଣ୍ଡ, ଆଦି ସ୍ଥାନରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।

# 'ମରୁଡ଼ି ସମ୍ପର୍କରେ କେନ୍ଦ୍ରକୁ ଅବଗତ କରାଯାଇଛି'

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ଓଡ଼ିଶାର ମରୁଡ଼ି ସମ୍ପର୍କରେ କେନ୍ଦ୍ର କୃଷି ମନ୍ତ୍ରଣାଳୟକୁ ଅବଗତ କରାଯାଇଛି। ଏ ସଂକ୍ରାନ୍ତ ଏକ ଦାବିପତ୍ର କେନ୍ଦ୍ରକୁ ପ୍ରଦାନ କରାଯାଇଥିବା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଗୁରୁବାର କହିଛନ୍ତି। ଚଳିତ ବର୍ଷ ରାଜ୍ୟର ୯ଟି ଜିଲାର ୭୦ ବ୍ଲକ ମରୁଡି ଦ୍ୱାରା ପ୍ରଭାବିତ ହୋଇଛି। ଏହାର କ୍ଷତିପୂରଣ ବାବଦ ୧୫୩୪ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ରାଜ୍ୟ ପକ୍ଷରୁ ଦାବି କରାଯାଇଥିବା ମନ୍ତ୍ରୀ ମହାନ୍ତି କହିଛନ୍ତି।

କିଛିଦିନ ତଳେ ବିଜେଡି ରାଜ୍ୟ ସଭା ଏମ୍‌ପି ଅନୁଭବ ମହାନ୍ତି ଏ ସଂକ୍ରାନ୍ତ ଏକ ପ୍ରଶ୍ନ ପଚାରିଥିଲେ। ହେଲେ ଓଡ଼ିଶା ମରୁଡି ସଂକ୍ରାନ୍ତରେ କେନ୍ଦ୍ରକୁ ଅବଗତ କରାଇ ନ ଥିବା ଉତ୍ତରରେ ଉଲ୍ଲେଖ କରାଯାଇଥିଲା, ଯାହାକୁ ରାଜସ୍ୱ ମନ୍ତ୍ରୀ ଅଗ୍ରାହ୍ୟ କରିଛନ୍ତି। ରାଜ୍ୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଏବଂ ଫଟୋଚିତ୍ରକୁ ନେଇ ମନ୍ତ୍ରୀଙ୍କ ଉତ୍ତର ଅପଡେଟ୍ ହୋଇ ନ ଥିବା ମନ୍ତ୍ରୀ ମହେଶ୍ୱର କହିଛନ୍ତି।

# ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



**ସ୍ୱର୍ଗତା ସୌଦାମିନୀ ରଥ**
ବାରବାଟି, ନୂଆସାହି, ପୁରୀ
ଆବିର୍ଭାବ: ୧୯୪୩ ମସିହା
ତିରୋଧାନ: ୧୯।୧୨।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଖିଳବ୍ରହ୍ମାଣ୍ଡନାଥ ଅଶରଣ ଶରଣରକ୍ଷଣ, ମହାବାହୁ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ରଥ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୬୪୦୨୮

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ନୀଳିମା ଜେନା**
ଜନ୍ମ: ୦୪।୦୨।୧୯୬୯
ସ୍ୱର୍ଗାରୋହଣ: ୦୪।୦୧।୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଆମମାନଙ୍କ ପ୍ରତି ତୁମର ସ୍ନେହ ତଥା ଅବଦାନ ଆମେ କେବେ ବି ଭୁଲି ପାରିବୁ ନାହୁଁ।
ତୁମର ସ୍ୱାମୀ: ମାନଗୋବିନ୍ଦ ଓ ପୁଅ: ବାପ୍‌ଲୁ। ଧ-୧୦୨୩୯

### ୧୦ମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ରତ୍ନପ୍ରଭା ଧଳ**
ଜଗନ୍ନାଥ ରୋଡ, ଢେଙ୍କାନାଳ
ସ୍ୱାମୀ- ସୁଧାକର ଧଳ
ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୬୨୦୬୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଷ୍ଣୁ ଚରଣ ପାଣି**
ସ୍ୱର୍ଣ୍ଣଗୀତା ଭବନ, ୟୁନିଟ-୮,
ଡେଲ୍‌ଟା କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୪।୧୨।୧୯୩୨
ତିରୋଧାନ: ୧୮।୧୨।୨୦୧୮
ପଞ୍ଚଭୂତରେ ତୁମ ଶରୀର ବିଲୀନ ହେଲା ସତ, କିନ୍ତୁ ତୁମେ ଚିରଦିନ ଆମ ହୃଦୟରେ ଜୀବନ୍ତ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ବାୟାବାବାଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଇତି ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୧୦୨୫୪

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଗୋପାଳ ଚନ୍ଦ୍ର ମହାନ୍ତି**
ମେଣ୍ଢାଶାଳ, ଖୋର୍ଦ୍ଧା
ଆବିର୍ଭାବ: ୧୨।୦୧।୧୯୩୨
ତିରୋଧାନ: ୨୦।୧୨।୨୦୧୬
ଚାହୁଁ ଚାହୁଁ ଆପଣ ଯିବାର ଦୁଇବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପତ୍ନୀ-କିରଣ, ପୁତ୍ର-ପ୍ରଫୁଲ୍ଲ ଓ ପ୍ରଭାତ, କନ୍ୟା- ଗୀତା, ପୁତ୍ରବଧୂ ଓ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୫୪୨୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱ ସୁବାସିନୀ ସ୍ୱାଇଁ (ସିଲୁ)**
ଆବିର୍ଭାବ : ୧୦.୦୬.୧୯୭୬
ତିରୋଧାନ : ୨୭.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ : ଶାଶୂ, ଶ୍ୱଶୁର, ବାପା, ବୋଉ, ଭାଇ, ଭାଉଜ, ସ୍ୱାମୀ, ଦେଢ଼ଶୁର, ଯାଆ, ଦିଅର, ପୁଅ, ପୁତୁରା, ବନ୍ଧୁବାନ୍ଧବ, ସାଇ ସେବା ଟ୍ରଷ୍ଟର ସଭ୍ୟମାନେ ଧ-୧୦୨୫୬

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ। ନିଜର ସମ୍ପର୍କୀୟମାନଙ୍କ ଦ୍ୱାରା କୌଣସି ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ସହକର୍ମୀଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ। ନିଜର ସ୍ୱାର୍ଥ ହାସଲ ସକାଶେ ନିକଟରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ମିଥୁନ** ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି ମଧୁର କଥାକହି କୌଣସି ନୂତନ କାମ ଆରମ୍ଭ କରି ଖୁସି ରହିବେ। ପରିବାରର ସଦସ୍ୟଙ୍କ ପ୍ରତି ଉଦାସୀନ ହେତୁ ସମସ୍ୟା ବଢିପାରେ। ସରକାରୀ କାମରେ ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ବିଭିନ୍ନ କ୍ଷେତ୍ରରେ ରହି ଆସିଥିବା ସମସ୍ୟା କ୍ରମଶଃ ସୁଧୁରିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଜମିଜମା, କଚେରି ମାମଲା, ବନ୍ଧୁବର୍ଗରେ ଚେଷ୍ଟା କରୁଥିବା କାମ କୌଣସି ବ୍ୟକ୍ତିଙ୍କ ସହାୟତାରେ ସମ୍ପନ୍ନ ହେବ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ** ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ସାଙ୍ଗକୁ ସନ୍ତାନ ହେତୁକ ଦୁଶ୍ଚିନ୍ତା ମାନସିକ ସ୍ଥିତିକୁ ବିଡମ୍ବିତ କରିବ। ଲୋକମାନଙ୍କ କଥାକୁ ବିଶ୍ୱାସ କରି କୌଣସି କାମକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରି ପାରିବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା** କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ଆକସ୍ମିକ ଭାବେ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ପ୍ରବାସୀମାନେ ପରିବାରକୁ ମନେପକାଇ ନିଃସଙ୍ଗତାବୋଧ କରିପାରନ୍ତି।

**ତୁଳା** ଅର୍ଥନୈତିକ ସ୍ଥିତି ପ୍ରାୟତଃ ଭଲ ରହିଥିଲେ ମଧ୍ୟ କେତେକ ବାକି ପଡିଥିବା କାମକୁ ନେଇ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଙ୍କ ସାମ୍ନାରେ ମନର କଥାଟିକୁ ପ୍ରକାଶ କରିପାରିବେ ନାହିଁ। ନିଜର ଭାଇଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି।

**ବିଛା** ଆପଣ ଠିକ୍ ସମୟରେ ଯାହା ଆଶା କରୁଥିବେ ତାହା ପାଇବେ ନାହିଁ। ଅବହେଳାରେ ରହିଯାଇଥିବା କାମ ସାଙ୍ଗକୁ ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ଅପରାହ୍ନ ସମୟରେ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବନ୍ଧୁମାନଙ୍କ ସହାୟତାରେ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ** କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କଲେ ଉପକୃତ ହୋଇପାରିବେ। କଠିନ ଶ୍ରମଜନିତ ସନ୍ଧ୍ୟାରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ ପଛରେ ବାଧିଲାଭଳି କଥା କହିପାରନ୍ତି।

**ମକର** ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିପାରନ୍ତି। ଘରୋଇ କ୍ଷେତ୍ରରେ ମତଭେଦ କାରଣରୁ ସାମୂହିକ କାର୍ଯ୍ୟରେ ବାଧାବିଘ୍ନ ଦେଖାଦେବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟା ମଧଦେଇ ଗତି କରୁଥିବାରୁ ପ୍ରଗତିର ପଥରୋଧ ହୋଇପାରେ। ପରିବାରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟର ସୂଚନା ରହିଛି। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ ଓ କାମ ସମ୍ପନ୍ନ ହୋଇପାରିବ।

**ମୀନ** ହାତକୁ ନେଇଥିବା କାମଗୁଡ଼ିକ ସୁବିଧାରେ ହାସଲ କରିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଯଦିଓ ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପାଖ ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ। ଜନକଲ୍ୟାଣ କାମରେ ଅର୍ଥ ଓ ଶ୍ରମ ବିନିଯୋଗ କରି ପ୍ରଶଂସିତ ହେବେ।

ଆଜି ପୌଷ କୃଷ୍ଣ ସପ୍ତମୀ ଶୁକ୍ରବାର, ଡିସେମ୍ବର ୨୮ ତାରିଖ, ଦିବା ଘ୧୧।୦୩ମି. ପର୍ଯ୍ୟନ୍ତ ପୂର୍ବଫାଲ୍‌ଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୪୯ମି. ମଧ୍ୟେ ଘ୩।୫୪ମି. ଗତେ ଘ୫।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୯ମି. ଗତେ ଘ୯।୧୦ମି. ମଧ୍ୟେ, ଘ୧୧।୫୨ମି. ଗତେ, ଘ୧।୧୩,୩ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୧୦।୨୭ମି. ଗତେ ଘ୧୧।୪୮ମି. ମଧ୍ୟେ ରାହୁକାଳ।



ଭାରତୀୟ-ଆମେରିକୀୟ ରାଜେଶ ସୁବ୍ରମଣ୍ୟମ ଆମେରିକାର ମଲ୍ଟିନ୍ୟାଶନାଲ କୋରିୟର ଡେଲିଭରି ସଂସ୍ଥା 'ଫେଡ୍‌ଏକ୍ସ ଏକ୍ସପ୍ରେସ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ୨୦୧୯ ଜାନୁୟାରୀ ୧ରୁ ସେ କାର୍ଯ୍ୟରେ ଯୋଗ ଦେବେ। ଥିରୁଭାନନ୍ତପୁରମ୍‌ର ଆଇଆଇଟି-ବମ୍ବେ ଗ୍ରାଜୁଏଟ୍ ସୁବ୍ରମଣ୍ୟମ ଫେଡ୍‌ଏକ୍ସର ମୁଖ୍ୟ ମାର୍କେଟିଂ ଅଫିସର ଥିଲେ।




■ ଲୋକ ସଭାରେ ଖଣି ରାଷ୍ଟ୍ରମନ୍ତ୍ରୀଙ୍କ ଉତ୍ତର

# ଶେଷ ପର୍ଯ୍ୟାୟରେ ଡିଏମ୍‌ଏଫ୍ ଅଡିଟ୍

ନୂଆଦିଲ୍ଲୀ,୨୭।୧୨

ରାଜ୍ୟଗୁଡ଼ିକ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ(ଡିଏମ୍‌ଏଫ)ର ଅଡିଟ୍ ସାରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପରେ ଅନେକ ରାଜ୍ୟ ଏହା ସାରିଛନ୍ତି ଅଥବା ସେମାନଙ୍କ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କେନ୍ଦ୍ର ସରକାର ସଂସଦରେ ପ୍ରକାଶ କରିଛନ୍ତି।

ଲୋକ ସଭାରେ ଆଗତ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଖଣି ରାଷ୍ଟ୍ରମନ୍ତ୍ରୀ ହରିଭାଇ ପାର୍ଥିଭାଇ ଚୌଧୁରୀ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦୧୭-୧୮ ବର୍ଷ ପାଇଁ ଅଡିଟ୍ ସାରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଅଧୀନରେ ଅଡିଟ ସାରିବାକୁ ଚଳିତ ବର୍ଷ ଅକ୍ଟୋବର ୪ରେ ଖଣି ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଥିଲା ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୧୬ରେ ଜାରି ଗାଇଡଲାଇନ ଅନୁଯାୟୀ ପ୍ରତିବର୍ଷ ଡିଏମ୍‌ଏଫ ଆକାଉଣ୍ଟସକୁ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ଅଥବା ସରକାରଙ୍କ ଦ୍ୱାରା ସ୍ଥିରିକୃତ ବ୍ୟବସ୍ଥାରେ ଅଡିଟ କରିବାକୁ ପଡିଥାଏ। ଚୌଧୁରୀ କହିଛନ୍ତି ଯେ, ଖଣି ଓ ଖଣିଜ ସମ୍ପଦ ଆଇନ, ୧୯୫୭ର ଧାରା ୯ଖ ଅନୁଯାୟୀ ଖଣି ସଂକ୍ରାନ୍ତୀୟ କାର୍ଯ୍ୟକଳାପ ପାଇଁ ପ୍ରତି ଜିଲାରେ ଏକ ଡିଏମ୍‌ଏଫ ପ୍ରତିଷ୍ଠା କରାଯିବା ଆବଶ୍ୟକ। ଇତିପୂର୍ବରୁ ସରକାର କହିଥିଲେ ଯେ, ଡିଏମ୍‌ଏଫର ଅତିକମ୍‌ରେ ୬୦% ପାଣ୍ଠିକୁ ଖଣି ଜନିତ କାର୍ଯ୍ୟକଳାପ ଯୋଗୁ ପ୍ରଭାବିତ ଲୋକଙ୍କ ପାଇଁ ଜଳଯୋଗାଣ ଓ ପ୍ରଦୂଷଣ ନିୟନ୍ତ୍ରଣରେ ବ୍ୟୟ କରିବାକୁ ପଡିଥାଏ। ରାଜ୍ୟଗୁଡ଼ିକରେ ଡିଏମ୍‌ଏଫର କ୍ରିୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଆରମ୍ଭ କରାଯାଇଛି। ଖଣିଖାଦାନ କାର୍ଯ୍ୟକଳାପ ଯୋଗୁ ପ୍ରଭାବିତ ହେଉଥିବା ସ୍ଥାନୀୟ ଅଞ୍ଚଳର ଅଧିବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ଏହାର ଉଦ୍ଦେଶ୍ୟ ବୋଲି ସରକାର ସ୍ପଷ୍ଟ କରିସାରିଛନ୍ତି।

## ଗୁଳିକରି ଆର୍‌ଏସ୍‌ପି କର୍ମଚାରୀଙ୍କୁ ହତ୍ୟା

**ରାଉରକେଲା ଅଫିସ,୨୭।୧୨:** ଗୁରୁବାର ସନ୍ଧ୍ୟାରେ ସେକ୍ଟର-୧ ଅଞ୍ଚଳରେ ଗୁଳିକାଣ୍ଡ ଘଟିଛି। ଏଥିରେ ଆର୍‌ଏସ୍‌ପି କର୍ମଚାରୀ ତଥା ଡି/୧୪୮ କ୍ୱାର୍ଟର୍ସ ବାସିନ୍ଦା ନୃସିଂହ ସାହୁ (୫୦)ଙ୍କର ମୃତ୍ୟୁ ହୋଇଛି। ସେକ୍ଟର-୩ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।




■ ବେଆଇନ ଶେଲ୍‌ଟର ହୋମ୍ ମାମଲା

# ୪ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ରାଜ୍ୟରେ ଥିବା ବେଆଇନ ଶେଲ୍‌ଟର ହୋମ୍‌ଗୁଡିକ ବିରୋଧରେ କି ପଦକ୍ଷେପ ନେଇଛ। ଆସନ୍ତା ୪ ସପ୍ତାହ ମଧ୍ୟରେ ଏ ନେଇ ଏକ ଆକ୍ସନ ଟେକେନ ରିପୋର୍ଟ (ଏଟିଆର) ପ୍ରଦାନ କରିବାକୁ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କମିଶନର ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଢେଙ୍କାନାଳ ଜିଲାରେ ଥିବା ଗୁଡ୍ ନିୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ସହିତ ସେମାନଙ୍କର ଅଧିକାରକୁ ଉଲ୍ଲଂଘନ କରାଯାଉଥିଲା। ଜୁଭେନାଇଲ ଜଷ୍ଟିସ୍ ଆକ୍ଟକୁ ୨୦୧୫ରୁ ଉଲ୍ଲଂଘନ କରି ବେଆଇନ ଭାବେ ଉକ୍ତ ଶେଲ୍‌ଟର ହୋମ୍ ଚାଲୁଥିଲେ ମଧ୍ୟ ଢେଙ୍କାନାଳ ପୋଲିସ ଜାଣିପାରି ନ ଥିବା ସଫେଇ ଦେଉଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ) ଏହାକୁ ବନ୍ଦ କରିବାକୁ ନୋଟିସ ଦେବା ପରେ ମଧ୍ୟ ତାହା ଚାଲୁ ରହିଥିଲା। କୌଣସି ଅଧିକାରୀ ନିୟମିତ ଭାବେ ଏହାର ଯାଞ୍ଚ କରି ନ ଥିବା ମାମଲାରେ ଦର୍ଶାଯାଇଥିଲା। ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ ଯେ ଏହି ଅନୁଷ୍ଠାନ ପଞ୍ଜୀକୃତ ହୋଇ ନ ଥିବା ବେଳେ ବେଆଇନ ଭାବେ ଚାଲୁଥିଲା। ଦୀର୍ଘ ବର୍ଷ ଧରି ସେହି ବେଆଇନ ଅନୁଷ୍ଠାନ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ମାମଲାକାରୀ ପ୍ରଶ୍ନ ଉଠାଇଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଛାତ୍ରୀ ନିବାସ ଚାଲୁଛି। ତେବେ ଗୁଡ୍ ନିୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ୨୦୧୫ରେ ମୟୂରଭଞ୍ଜ, କଳାହାଣ୍ଡି, ଦେବଗଡ ଏବଂ ବାଲେଶ୍ୱରରେ ଥିବା ଶେଲଟର ହୋମ୍‌ଗୁଡିକର ପଞ୍ଜୀକରଣ ପାଇଁ ଆବେଦନ କରିଥିଲା। ତେବେ ସେଗୁଡିକୁ ଚଳାଇବାକୁ ଅନୁମତି ଦେବାକୁ ବାରଣ କରାଯାଇଥିଲା। ଏଥିସହିତ ସେହି ଅନୁଷ୍ଠାନ ପିଲାମାନଙ୍କୁ ବେଆଇନ ଭାବେ ଧର୍ମ ପରିବର୍ତ୍ତନ କରିବା ସହିତ ଶିଶୁ ଅଧିକାରକୁ ଉଲ୍ଲଂଘନ କରୁଥିଲା। ଏନ୍‌ଏଚ୍‌ଆରସି ଟିମ୍ ସମୁଦାୟ ଘଟଣାର ତଦନ୍ତ କରିବାକୁ ଅନୁରୋଧ କରାଯାଇଛି।

# 'ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ସମସ୍ତଙ୍କ ପ୍ରୟାସ ହେଉ'




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ଶିଶୁବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମରେ ପୋଷ୍ଟାଲ କଭର ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ବିଜ୍ଞାନର ପ୍ରଗତି ଦ୍ୱାରା ହିଁ ରାଷ୍ଟ୍ରର ପ୍ରଗତି ସମ୍ଭବ। ବିଜ୍ଞାନ, ବୈଷୟିକ ବିଦ୍ୟା ଏବଂ ଉଦ୍ଭାବନ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ରାଷ୍ଟ୍ର ଗଠନ କରିବାରେ ଉପଯୋଗ ହେବା ଉଚିତ। ସ୍ୱାସ୍ଥ୍ୟ ଓ ପରିବେଶ ବର୍ତ୍ତମାନ ସମୟର ମୁଖ୍ୟ ପ୍ରସଙ୍ଗ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରରେ ଦ୍ୱିତୀୟଥର ପାଇଁ ଆୟୋଜିତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ସେ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ସମସ୍ତଙ୍କର ମିଳିତ ଦାୟିତ୍ୱ ହେବା ଉଚିତ। ଭୁବନେଶ୍ୱର ପୂର୍ବ-ଭାରତର ଶିକ୍ଷାକ୍ଷେତ୍ରର ପ୍ରାଣକେନ୍ଦ୍ର ଭାବେ ଉଭା ହୋଇଛି। ଆଇଆଇଟି, ଏମ୍ସ, ନାଇଜର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ଭଳି ଅନୁଷ୍ଠାନ ଏହାର ଗୁରୁତ୍ୱ ବଢାଇଛି। ଏହି ସହରର ଗୌରବମୟ ଐତିହ୍ୟ ରହିଛି। ଜୀବନ ଧାରଣ ମାନର ଗୁଣାତ୍ମକ ଉନ୍ନତି କରିବାରେ ବୈଷୟିକ ବିଦ୍ୟା ବିଶେଷ ଭୂମିକା ଗ୍ରହଣ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବିକଶିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ରାଜ୍ୟ ସରକାର ସାଇନ୍ସ ପାର୍କ ଏବଂ ସାଇନ୍ସ ପ୍ଲାନେଟାରିୟମ ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସରେ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ୧୦ଟି ଏସିଆ, ୫ଟି ଗଲ୍‌ଫ ରାଷ୍ଟ୍ରରୁ ୮୦୦ ଶିଶୁ ବୈଜ୍ଞାନିକ, ୪୦୦ ବୈଜ୍ଞାନିକ, ଇଭାଲ୍ୟୁଟର, ମେଣ୍ଟର ଏବଂ ଅଭିଭାବକ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଏକ ପୋଷ୍ଟାଲ କଭର ମଧ୍ୟ ଉନ୍ମୋଚନ କରିଛନ୍ତି।





ତାମିଲନାଡୁର ବିରୁଧୁନଗର ଜିଲାରେ ଜଣେ ଗର୍ଭବତୀ ମହିଳାଙ୍କୁ ଏଚଆଇଭି ସଂକ୍ରମିତ ରକ୍ତ ପ୍ରଦାନ କରାଯିବା ଘଟଣାରେ ମାଡ୍ରାସ ହାଇକୋର୍ଟ ନିଜ ଆଡୁ ମାମଲା ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଏଥିପାଇଁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଏ ସମ୍ପର୍କିତ ସ୍ଥିତି ରିପୋର୍ଟ ଜାନୁୟାରୀ ୩ ସୁଦ୍ଧା ଦାଖଲ କରିବା ଲାଗି କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



CLASSIFIED DISPLAY










# ଭିମ୍‌ସାର ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ

ସମ୍ବଲପୁର,୨୭।୧୨(ବ୍ୟୁରୋ)

ଏବେ ଛୁଟିରେ ଥିବା ଭିମସାର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ଓଡିଶା ମେଡିକାଲ କାଉନ୍‌ସିଲ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ମେଡିକାଲ ରେଜିଷ୍ଟ୍ରାର ଅଫିସ ପତ୍ର ସଖ୍ୟା ୨୦/୧୮ରେ ୧୫ ଦିନ ଭିତରେ କାରଣ ଦର୍ଶାଇବାକୁ ତାଙ୍କୁ କୁହାଯାଇଛି । ବୁର୍ଲା ଜୁନିୟର ଡାକ୍ତର ସଂଘ ବିଭିନ୍ନ ଅଭିଯୋଗକୁ ନେଇ କାଉନ୍‌ସିଲ ଉକ୍ତ ଚିଠି କରିଛି । ଲୁଣ ପଦ୍ଧତି ଚିକିତ୍ସା, ଡାକ୍ତର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିବା ଭଳି ୮ ଟି ଅଭିଯୋଗ ଉପରେ ନିଜ ପକ୍ଷ ରଖିବାକୁ ଉଲ୍ଲେଖ କରାଯାଇଛି । ଏହା ସହ ଏମ୍‌ବିବିଏସ୍ ରେଜିଷ୍ଟ୍ରେଶନ ସାର୍ଟିଫିକେଟର ନକଲ ଦାଖଲ କରିବାକୁ ତାଙ୍କୁ କୁହାଯାଇଛି । ଏ ସମ୍ପର୍କରେ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ପଚାରିବାରୁ ଅଭିଯୋଗରେ କିଛି ନୂତନତା ନାହିଁ । ମୁଁ ମୋର ପକ୍ଷ ରଖି ଦୁଇଦିନ ଭିତରେ ରିପୋର୍ଟ ପ୍ରଦାନ କରିବି ବୋଲି କହିଛନ୍ତି ।




■ ଦିଲ୍ଲୀରେ ବିଜୁ କୃଷକ ଜନତା ଦଳର ୮ରେ ବିକ୍ଷୋଭ

# ଓଡ଼ିଶା ଭବନରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ବିଜୁ କୃଷକ ଜନତା ଦଳ ପକ୍ଷରୁ ଆସନ୍ତା ଜାନୁୟାରୀ ୮ରେ ଦିଲ୍ଲୀଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିପାଇଁ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏ ସଂକ୍ରାନ୍ତ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ଅନୁଷ୍ଠିତ ହୋଇଯାଇଛି।

ଏ ନେଇ ବିଜୁ କୃଷକ ଜନତା ଦଳର ସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଦୁଇବର୍ଷ ଧରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଦାବି କରୁଛନ୍ତି। ହେଲେ ଏହାକୁ କେନ୍ଦ୍ର ଅଗ୍ରାହ୍ୟ କରିଚାଲିଛି। ଏହି ଦାବିର ଯଥାର୍ଥ ଉପସ୍ଥାପନ ପାଇଁ ଆସନ୍ତା ୮ରେ ବିକ୍ଷୋଭ ହେବା ସହ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏଥିପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ପ୍ରାୟ ୫୦୦୦ ବ୍ୟକ୍ତିବିଶେଷ ଏହି ବିକ୍ଷୋଭରେ ଯୋଗଦେବେ। ତେଣୁ ସେମାନଙ୍କ ଯିବା ଆସିବାକୁ ଗୁରୁତ୍ୱ ଦେବା ସହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବୈଠକରେ ଆଲୋଚନା ହୋଇଛି। ସେହିପରି ନୂଆଦିଲ୍ଲୀସ୍ଥିତ ତଲକଟୋରା ଷ୍ଟାଡିୟମ୍‌ରେ ଏହି ବିକ୍ଷୋଭ ହେବ। ଉକ୍ତ ଦିନ ସମବେତ ଚାଷୀ ପ୍ରତିନିଧି ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବୋଧନ କରିପାରନ୍ତି ବୋଲି ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବିଜୁ କୃଷକ ଜନତା ଦଳର ମହାସଚିବ ପ୍ରତାପ ଜେନା, ଏମ୍‌ପି ତଥାଗତ ସତପଥୀ, ପ୍ରସନ୍ନ ପାଟ୍ଟଶାଣୀ, ପ୍ରଶାନ୍ତ ନନ୍ଦ, ଡକ୍ଟର ପ୍ରଭାସ ସିଂ, ରୀତା ତରାଇ ଏବଂ ବିଧାୟକ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।



ଓଡ଼ିଶା ଭବନରେ ଗୁରୁବାର ଆୟୋଜିତ ବୈଠକରେ ବିଜେଡି ନେତୃବୃନ୍ଦ।

# ଡିପ୍ଲୋମା ଇଞ୍ଜିନିୟରଙ୍କୁ ଥ୍ରୀ-ଟି ଅନୁସରଣ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ଓଡ଼ିଶା ଦ୍ରୁତ ବେଗରେ ବିକାଶ କରୁଛି। ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନର ଆମେ ଦ୍ୱାରଦେଶରେ ପହଞ୍ଚିଲୁଣି। ଆମେ ରାଜ୍ୟରେ ବହୁମାତ୍ରାରେ ଯୋଗାଯୋଗ ଭିତ୍ତିଭୂମି ନିର୍ମାଣ କରିଚାଲିଛୁ। ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ଯୋଗାଇବା ପାଇଁ ନିକଟତର ହୋଇସାରିଲୁଣି। ସେହିପରି ଖୁବ୍‌ଶୀଘ୍ର ଅତିରିକ୍ତ ୧୦ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ଯାଉଛୁ। ଦ୍ରୁତ ବେଗରେ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଛୁ। ସମସ୍ତ କାର୍ଯ୍ୟର ତୃଣମୂଳସ୍ତରରେ ଆପଣମାନେ କାର୍ଯ୍ୟ କରୁଛନ୍ତି। ମୋର ବିଶ୍ୱାସ ଆପଣମାନେ ୩-ଟି (ଟ୍ରାନ୍ସପାରେନ୍ସି, ଟେକ୍ନୋଲୋଜି ଆଣ୍ଡ ଟିମ ୱାର୍କ)କୁ ମନ୍ତ୍ରଭାବେ ଗ୍ରହଣ କରିବେ। ପ୍ରକଳ୍ପ ନିର୍ମାଣ ହେଉ କି ରକ୍ଷଣାବେକ୍ଷଣ ସବୁଠିରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁବାର ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସଠାରେ ଆୟୋଜିତ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ୭୩ତମ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ଆପଣମାନଙ୍କ ଦାବି ବିଷୟରେ ସଚେତନ ଅଛନ୍ତି। ବିଚାରବିମର୍ଶ ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଆର୍ଥିକ ସ୍ୱାୟତ୍ତତା ଦାବିକୁ ବିରୋଧୀଙ୍କ ସମାଲୋଚନା

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ବିଜୁ ଜନତା ଦଳ ନିଜର ୨୧ତମ ପ୍ରତିଷ୍ଠା ଦିବସରେ କେନ୍ଦ୍ରଠାରୁ ଆର୍ଥିକ ସ୍ୱାୟତ୍ତତା ପାଇଁ ଦାବି କରିଥିଲା, ଯାହାକୁ ବିରୋଧୀ ଦଳ ପକ୍ଷରୁ ଗୁରୁବାର ସମାଲୋଚନା କରାଯାଇଛି। ରାଜ୍ୟ ସରକାର ସଂଘୀୟ ବ୍ୟବସ୍ଥାରେ ବିଶ୍ୱାସ କରୁ ନ ଥିବା ଉଭୟ କଂଗ୍ରେସ ଓ ଭାଜପା ପକ୍ଷରୁ କୁହାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ନବୀନ ବାବୁ କ'ଣ ଓଡ଼ିଶାକୁ ଭାରତରୁ ଅଲଗା କରିବାକୁ ଚାହୁଁଛନ୍ତି କି। ଦୀର୍ଘ ୧୮ ବର୍ଷ ମୁଖ୍ୟମନ୍ତ୍ରୀ ରହିବା ପରେ ସେ କ'ଣ ସମ୍ବିଧାନ ଏବଂ ସଂଘୀୟ ବ୍ୟବସ୍ଥାକୁ ଅସ୍ୱୀକାର କରୁଛନ୍ତି କି। ବିଜେଡି ଆସନ୍ତା ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ନାହିଁ। ତେଣୁ ଶାସକ ଦଳ ପକ୍ଷରୁ ଏପରି ମନ୍ତବ୍ୟ ଦିଆଯାଉଥିବା ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସେହିପରି ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ଆର୍ଥିକ ସ୍ୱାୟତ୍ତତା ଏକ ଦିବା ସ୍ୱପ୍ନ। ଏ କଥା ସମସ୍ତଙ୍କୁ ଜଣା, ହେଲେ ଆଗକୁ ନିର୍ବାଚନ ଥିବାରୁ ନବୀନ ବାବୁ ଏଭଳି ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ଅପରପକ୍ଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶାକୁ କେବଳ ଲଗାତର ଅବହେଳା କରୁନାହିଁ। ରାଜ୍ୟକୁ ବିଭିନ୍ନ ପ୍ରସଙ୍ଗରେ ଅଣଦେଖା କରିବା ସହ ହକ୍‌ରୁ ବଞ୍ଚିତ କରୁଥିବା ମନ୍ତ୍ରୀ ବେହେରା କହିଛନ୍ତି। ତେଣୁ ଆର୍ଥିକ ସ୍ୱାୟତ୍ତତା ଦାବିର ଯଥାର୍ଥତା ରହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୮, ୨୦୧୮



ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପଞ୍ଚୁପାଲି ଗ୍ରାମରେ ଥିବା ହରପ୍ରସାଦ ନୋଡ଼ାଲ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ବାରିକଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ୧୬ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୯୬ ଲକ୍ଷ ୫ ହଜାର ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ଠାବ କରିଛି।



# ଜାନୁୟାରୀ ୧୧ରୁ ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରି ମିଟ୍

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

- ମୁଖ୍ୟ ପ୍ରସଙ୍ଗ 'ନିତିଦିନ ଜୀବନରେ ସାହିତ୍ୟ'
- ଯୋଗଦେବେ ଦେଶର ପ୍ରମୁଖ ସାହିତ୍ୟିକ, ଚିନ୍ତକ, କଳାକାର

ବହୁ ପ୍ରତୀକ୍ଷିତ ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରି ମିଟ୍(ଟିଏସ୍‌ବିଏଲ୍‌ଏମ୍)ର ୪ର୍ଥ ସଂସ୍କରଣ ଆସନ୍ତା ଜାନୁୟାରୀ ୧୧ରୁ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ସ୍ଥାନୀୟ ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ପରିସରରେ ଆୟୋଜନ ହେବାକୁ ଥିବା ଏହି ମହୋତ୍ସବକୁ ଚଳିତବର୍ଷ ଆହୁରି ବ୍ୟାପକ କରାଯାଇଛି। କଳା, ସଙ୍ଗୀତ, ନୃତ୍ୟ ଏବଂ ସାମ୍ପ୍ରତିକ ପ୍ରସଙ୍ଗର ସମାହାରକୁ ନେଇ ଏହା ଅନୁଷ୍ଠିତ ହେବ। ଏଥିରେ ଦେଶର ପ୍ରମୁଖ ସାହିତ୍ୟିକ, ଚିନ୍ତକ, କଳାକାର ଓ ନେତୃବୃନ୍ଦ ଯୋଗଦେବେ। ମହୋତ୍ସବର ମୁଖ୍ୟ ପ୍ରସଙ୍ଗ ସାହିତ୍ୟ ରହିଥିବା ବେଳେ ଏହା କିଭଳି ଆମ ସାଂସ୍କୃତିକ ଏବଂ ନିତିଦିନର ଜୀବନ ଉପରେ ପ୍ରଭାବ ପକାଉଛି, ତାହା ଆଲୋଚନା ହେବ। ୧୧ତାରିଖ ଅପରାହ୍ଣରେ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କକୁ ନେଇ ଆଲୋଚନା 'ଗାନ୍ଧୀ ଆଟ୍ ୧୫୦' ଉପରେ ବକ୍ତବ୍ୟ ରଖିବେ ସୁଜାତା ବୋଷ ଓ ଜତୀନ୍ଦ୍ର ନାୟକ। ଏହାପରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ୱାହିଦା ରେହମନ ନିଜ ଫିଲ୍ମ କ୍ୟାରିୟର ଉପରେ କହିବେ। ଲେଖକ ରବୀନ୍ଦର୍ ସିଂ, ବିନୀତ୍ ବାଜପେୟୀ ଏବଂ ଷ୍ଟାଣ୍ଡଅପ୍ କମେଡିଆନ୍ ଅଭିଜିତ୍ ଗାଙ୍ଗୁଲି ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିଭଳି ଓଡ଼ିଆ ଅଧିବେଶନରେ 'ଓଡ଼ିଶାରେ ଗାନ୍ଧୀ', 'ଫକୀର ମୋହନ ସେନାପତି' ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ। ଖ୍ୟାତନାମା ଲେଖକ ପଦ୍ମଭୂଷଣ ରସ୍କିନ୍ ବଣ୍ଡ ଦୁଇଟି ସେସନ୍‌ରେ ବକ୍ତବ୍ୟ ଦେବେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଅତିଶ ତସିର୍, ଜୟନ୍ତ କୃପାଲାନୀ, ବିକ୍ରମ ଗ୍ରେୱାଲ, ନିକୋଲାସ୍ ଜେମ୍‌ସ, ସୁଚେତା ମିଶ୍ର, ଇଲିଆନା ଚିତାରିସ୍ତି, ମିତ୍ରା ଫୁକନ୍, କିଶୋର ଦେଶାଇ, ଅନନ୍ତ ମହାପାତ୍ର, ପ୍ରୀତୀଶ ଆଚାର୍ଯ୍ୟ, ଦେବାଶିଷ ପାଣିଗ୍ରାହୀ, ଦାଶ ବେନହୁର ପ୍ରମୁଖ ରହିଛନ୍ତି। ଉଦ୍‌ଯାପନୀ ସମାରୋହରେ କଣ୍ଠଶିଳ୍ପୀ ରେଖା ଭରଦ୍ୱାଜ ସଙ୍ଗୀତ ପରିବେଷଣ କରିବେ। ଚଳିତବର୍ଷ ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରି ମିଟ୍ ସାହିତ୍ୟ, ମନୋରଞ୍ଜନ ଓ ନୂଆ ଚିନ୍ତାଧାରାର ସମାହାରକୁ ନେଇ ଆୟୋଜନ ହେବ ବୋଲି ଫେଷ୍ଟିଭାଲ ଡାଇରେକ୍ଟର ମାଳବିକା ବାନାର୍ଜୀ କହିଛନ୍ତି। ଭୁବନେଶ୍ୱର ଭଳି ଏକ ଐତିହ୍ୟ ଓ ସାହିତ୍ୟର ସହରରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ନୂଆ ସମ୍ଭାବନା ସୃଷ୍ଟି କରିଥିବା ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସ୍‌ର ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ କହିଛନ୍ତି।

**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**

**Bank Misc. Case No.59/17**
(U/s 14 of SARFAESI Act)

**Allahabad Bank, Old Station Square Branch, Bhubaneswar .** ..............Petitioner

Vrs

**Maitreya Mishra & Kadambini Mishra** .............Opp. Parties

To,
**Sri Maitreya Mishra & Smt Kadambini Mishra,** Plot No.- 335/ 2514, Sabak Plot No.- 44/1021, Hal Khata No.- 97, Sabak Khata- 267, Bhubaneswar Sahar Unit- 27, Mouza- Bhubaneswar, P.S- Lingaraj, Dist- Khurda .

Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 59/17**, against you for the purpose of taking physical possession of the Secured Assets . Above notice was sent to you by Regd. Post, but the same was returned . You are hereby informed to appear in person or through your pleader on **18.01.2019 at 10.00 AM** in the Court to answer the claim, failing which the aforesaid matter will be decided in your absence .

**By the orders of DM & Collector (Khurda)**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

OPTCL
Lifeline of Odisha

ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧ ୦୨୨, ଓଡ଼ିଶା

CIN : U40102OR2004SGC007553

## ଓପିଟିସିଏଲ ଅଧୀନରେ ଥିବା ନିମ୍ନଲିଖିତ ଇ.ଏଚ୍.ଟି ଉପାଦାନ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ନିମନ୍ତେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ

| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| (କ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବୁର୍ଲା** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବୁର୍ଲା** | | | |
| ୧. | ୨୨୦ କେଭି ବୁଢ଼ିପଦର - ତାର୍କେରା ସର୍କିଟ୍ - I | ୦୫.୦୧.୧୯ ଏବଂ ୦୬.୦୧.୧୯ | ୦୮.୦୦-୧୬.୦୦ | ୨ |
| ୨. | ୨୨୦ କେଭି ବୁଢ଼ିପଦର - ବେଦାନ୍ତ ସର୍କିଟ୍ - I | ୦୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି କଟାପଲୀ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଟ୍ରାନ୍ସଫର୍ମର ନଂ - I ଏବଂ II | ୦୭.୦୧.୧୯ | ୦୮.୦୦-୧୬.୦୦ | ୧ |
| ୪. | ୨୨୦ କେଭି ବୁଢ଼ିପଦର - ତାର୍କେରା ସର୍କିଟ୍ ନଂ - II | ୦୭.୦୧.୧୯ ଏବଂ ୧୦.୦୧.୧୯ | ୦୮.୦୦-୧୬.୦୦ | ୨ |
| ୫. | ୨୨୦ କେଭି ବୁଢ଼ିପଦର - ବେଦାନ୍ତ ସର୍କିଟ୍ ନଂ - II | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨ କେଭି ବୁଢ଼ିପଦର - ରାଜଗାଙ୍ଗପୁର ସିଙ୍ଗିଲ୍ ସର୍କିଟ୍ ଲାଇନ୍ | ୧୨.୦୧.୧୯ ଏବଂ ୧୩.୦୧.୧୯ | ୦୮.୦୦-୧୬.୦୦ | ୨ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୁଢ଼ିପଦର | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨/୩୩/ ୧୧ କେଭି ବ୍ରଜରାଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଟ୍ରାନ୍ସଫର୍ମର ନଂ - I ଏବଂ III | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୯. | ୨୨୦/୧୩୨/୩୩ କେଭି ବୁଢ଼ିପଦର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଅଟୋ ଟ୍ରାନ୍ସଫର୍ମର ନଂ - II | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨ କେଭି ବୁଢ଼ିପଦର - ସୁନ୍ଦରଗଡ଼ ଫିଡର | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨/୧୧ କେଭି ଝାରସୁଗୁଡ଼ା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୨୦.୦୧.୧୯ | ୦୮.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ରାଉରକେଲା / ରାଜଗାଙ୍ଗପୁର** | | | |
| ୧. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ରିଜର୍ଭ ବସ୍ | ୦୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୨. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍ ସେକ୍ସନ୍ - II | ୦୫.୦୧.୧୯ ଏବଂ ୦୬.୦୧.୧୯ | ୦୮.୦୦-୧୬.୦୦ | ୨ |
| ୩. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ - II | ୦୮.୦୧.୧୯ ଏବଂ ୦୯.୦୧.୧୯ | ୦୮.୦୦-୧୬.୦୦ | ୨ |
| ୪. | ୧୩୨ କେଭି ଛେଣ୍ଡ - ନୂଆଗାଁ ଲାଇନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ଛେଣ୍ଡ - ନିପାଜ ଲାଇନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୬. | ଏମ୍/ ଏସ୍ ଶ୍ରୀ ଗଣେଶ ମେଟାଲିକ୍ସ ଲିମିଟେଡ୍ ର ୧୩୨ କେଭି ଲିଲୋ ସବ୍‌ଷ୍ଟେସନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ଛେଣ୍ଡ - ଏମ୍/ ଏସ୍ ଶ୍ରୀ ଗଣେଶ ମେଟାଲିକ୍ସ ଲିମିଟେଡ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨ କେଭି ଛେଣ୍ଡ ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଳୁଙ୍ଗା | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଉରକେଲା | ୧୨.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଜଗାଙ୍ଗପୁର | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୨. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାର୍କୋଟ୍ | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୩. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୁନ୍ଦରଗଡ଼ | ୧୯.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୪. | ୧୩୨ କେଭି ବୁଢ଼ିପଦର - ସୁନ୍ଦରଗଡ଼ ଫିଡର | ୧୯.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୫. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଜଗାଙ୍ଗପୁର | ୨୧.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୬. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଉରକେଲା | ୨୭.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୭. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାର୍କୋଟ୍ | ୨୯.୦୧.୧୯ | ୦୮.୦୦-୧୬.୦୦ | ୧ |
| (ଖ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବଲାଙ୍ଗୀର** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବଲାଙ୍ଗୀର** | | | |
| ୧. | ୨୨୦ କେଭି କଟାପଲୀ - ବଲାଙ୍ଗୀର ସର୍କିଟ୍ - II | ୦୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୨. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସଦେଇପାଲି | ୦୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବଲାଙ୍ଗୀର | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ସଦେଇପାଲି - ବଲାଙ୍ଗୀର ସର୍କିଟ୍ - I | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବଲାଙ୍ଗୀର - ବରଗଡ଼ ଲାଇନ୍ | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବରପାଲ୍ଲୀ | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୭. | ୨୨୦ କେଭି କଟାପଲୀ - ପିଜିସିଆଇଏଲ୍ - ସଦେଇପାଲି ଲାଇନ୍ ସର୍କିଟ୍ - II | ୧୯.୦୧.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨ କେଭି ବଲାଙ୍ଗୀର-ବରଗଡ଼ ଲାଇନ୍ | ୨୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍‌ସବ୍‌ଷ୍ଟେସନ୍ - ପାଟଣାଗଡ଼ | ୨୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨ କେଭି ବଲାଙ୍ଗୀର - ପାଟଣାଗଡ଼ ଲାଇନ୍ | ୨୫.୦୧.୧୯ | ୦୮.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, କେସିଙ୍ଗା** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କେସିଙ୍ଗା | ୧୦.୦୧.୧୯ | ୦୭.୦୦-୧୭.୦୦ | ୧ |
| ୨. | ୧୩୨ କେଭି କେସିଙ୍ଗା - ଥେରୁବାଲି ଲାଇନ୍ | ୧୨.୦୧.୧୯ | ୦୭.୦୦-୧୭.୦୦ | ୧ |
| ୩. | ୧୩୨ କେଭି କେସିଙ୍ଗା - ଖରିଆର ଲାଇନ୍ | ୧୬.୦୧.୧୯ | ୦୭.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସଇଁତଳା | ୧୯.୦୧.୧୯ | ୦୭.୦୦-୧୭.୦୦ | ୧ |
| ୫. | ୧୩୨ କେଭି କେସିଙ୍ଗା - ଜୁନାଗଡ଼ ଲାଇନ୍ | ୧୯.୦୧.୧୯ | ୦୭.୦୦-୧୭.୦୦ | ୧ |
| (ଗ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଜୟପୁର** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଜୟନଗର** | | | |
| ୧. | ବାଲିମେଳା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୨୦ ଏମ୍‌ଭିଏ, ଟ୍ରାନ୍ସଫର୍ମର - I | ୦୬.୦୧.୧୯ | ୦୭.୦୦-୧୭.୦୦ | ୧ |
| ୨. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୨.୫ ଏମ୍‌ଭିଏ (ଜିଇସି) ଏବଂ ୨୦ ଏମ୍‌ଭିଏ (ଅଲସ୍ଥୋମ) ଟ୍ରାନ୍ସଫର୍ମର | ୧୧.୦୧.୧୯ | ୦୭.୦୦-୧୭.୦୦ | ୧ |
| ୩. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ବିଟିଏଚ୍ ପୋର୍ସନ୍ ଠାରେ ୧୩୨ କେଭି ମେନ୍ ବସ୍ | ୧୧.୦୧.୧୯ ଏବଂ ୧୨.୦୧.୧୯ | ୦୭.୦୦-୧୭.୦୦ | ୨ |
| ୪. | ୧୩୨ କେଭି ଜୟନଗର - ଦାମନଯୋଡ଼ି ଲାଇନ୍ | ୧୩.୦୧.୧୯ | ୦୭.୦୦-୧୭.୦୦ | ୧ |
| ୫. | ବାଲିମେଳା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୨୦ ଏମ୍‌ଭିଏ ଟ୍ରାନ୍ସଫର୍ମର - II | ୧୭.୦୧.୧୯ | ୦୭.୦୦-୧୭.୦୦ | ୧ |
| ୬. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ - II | ୧୮.୦୧.୧୯ | ୦୭.୦୦-୧୭.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ତେନ୍ତୁଳିଖୁଣ୍ଟି | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଜୟନଗର - ତେନ୍ତୁଳୀଖୁଣ୍ଟି ଲାଇନ୍ | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଉମରକୋଟ | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ଡାବୁଗାଁ - ଉମରକୋଟ ଲାଇନ୍ | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଥେରୁବାଲି** | | | |
| ୧. | ୨୨୦ କେଭି ଥେରୁବାଲି - ଜୟନଗର ସର୍କିଟ୍ - II | ୦୬.୦୧.୧୯ ଏବଂ ୧୧.୦୧.୧୯ | ୦୭.୦୦-୧୭.୦୦ | ୨ |
| ୨. | ଥେରୁବାଲି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୧୨.୫ ଏମ୍‌ଭିଏ ଟ୍ରାନ୍ସଫର୍ମର - I ଏବଂ ୩୩ କେଭି ବସ୍ ସେକ୍ସନ -I | ୨୦.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ଥେରୁବାଲି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୧୨.୫ ଏମ୍‌ଭିଏ ଟ୍ରାନ୍ସଫର୍ମର - II ଏବଂ ୩୩ କେଭି ବସ୍ ସେକ୍ସନ -II | ୨୨.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ନରେନ୍ଦ୍ରପୁର - ଥେରୁବାଲି ସର୍କିଟ୍ - I (ଡୁମୁଳାପଦର ପର୍ଯ୍ୟନ୍ତ) | ୨୭.୦୧.୧୯ ରୁ ୨୯.୦୧.୧୯ | ୦୭.୦୦-୧୬.୦୦ | ୩ |
| (ଘ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଯାଜପୁର ରୋଡ୍** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାଲେଶ୍ୱର** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋମନାଥପୁର | ୧୦.୦୧.୧୯ | ୦୭.୦୦-୧୭.୦୦ | ୧ |
| ୨. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୧୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୬୦ ଏମ୍‌ଭିଏ ଅଟୋ- II | ୨୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୨୨୦ କେଭି ଭଦ୍ରକ - ବାଲେଶ୍ୱର ଲାଇନ୍ ସର୍କିଟ୍ - II (ଲୋକେସନ ନଂ. ୧୯୮ ରୁ ୪୪୯) | ୩୦.୦୧.୧୯ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାରିପଦା** | | | |
| ୧. | ବାରିପଦା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୦୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି କରଞ୍ଜିଆ ଡିସି ଲିଲୋ ଲାଇନ୍ (ଲୋକେସନ ନଂ. ୧ ରୁ ୮୮) | ୧୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୧୩୨ କେଭି କରଞ୍ଜିଆ -ପଳାସପଙ୍ଗା ଲାଇନ୍ | ୨୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଇରଙ୍ଗପୁର | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭଦ୍ରକ** | | | |
| ୧. | ଭଦ୍ରକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୨୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି ମେସ୍କୋ-ଭଦ୍ରକ ଲାଇନ୍ (ଗ୍ରୀଡ୍ ଠାରୁ ଲୋକେସନ ୬୧ ପର୍ଯ୍ୟନ୍ତ) | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଯାଜପୁର ରୋଡ୍** | | | |
| ୧. | ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦/୧୩୨ କେଭି, ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର - II | ୦୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି ଡୁବୁରି - ଜଖପୁରା ଟ୍ରାକ୍ସନ ଫିଡର | ୦୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ଯାଜପୁର ରୋଡ୍ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୦୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି ରୁଢ଼ିଆ-ଯାଜପୁର ଟାଉନ୍ ସର୍କିଟ୍- ୧ ଲାଇନ୍ | ୦୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦/୧୩୨ କେଭି, ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର - III | ୧୩.୦୧.୧୯ | ୦୭.୦୦-୧୬.୦୦ | ୧ |
| ୬. | ୪୦୦ କେଭି ନିଉ ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ - II | ୧୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୭. | ୧୩୨ କେଭି ରୁଢ଼ିଆ-ଯାଜପୁର ଟାଉନ୍ ସର୍କିଟ୍- ୨ ଲାଇନ୍ | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| (ଙ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଭୁବନେଶ୍ୱର** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭୁବନେଶ୍ୱର** | | | |
| ୧. | ୧୩୨ କେଭି ଚନ୍ଦକା - ରଣସିଂହପୁର ଲାଇନ୍ | ୦୫.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଚନ୍ଦକା - ଖୋର୍ଦ୍ଧା ଲାଇନ୍ | ୦୭.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ମେଣ୍ଢାଶାଳ-ଚନ୍ଦକା ସର୍କିଟ୍ - IV | ୧୦.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ଭଞ୍ଜନଗର-ମେଣ୍ଢାଶାଳ ଲାଇନ୍ | ୧୦.୦୧.୧୯ ଏବଂ ୧୧.୦୧.୧୯ | ୦୮.୦୦-୧୭.୦୦ | ୨ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭୁବନେଶ୍ୱର | ୧୨.୦୧.୧୯ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି ମେଣ୍ଢାଶାଳ-ଚନ୍ଦକା ସର୍କିଟ୍ - III | ୧୬.୦୧.୧୯ | ୦୮.୦୦-୧୭.୦୦ | ୧ |
| ୭. | ଚନ୍ଦକା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ | ୩୦.୦୧.୧୯ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ମେଣ୍ଢାଶାଳ** | | | |
| ୧. | ୪୦୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ଲାଇନ୍ | ୦୭.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ମେଣ୍ଢାଶାଳ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ - ବି | ୧୮.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ଲାଇନ୍ | ୨୦.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ଲାଇନ୍ ସର୍କିଟ୍ - II | ୨୮.୦୧.୧୯ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ଲାଇନ୍ ସର୍କିଟ୍ - I | ୨୯.୦୧.୧୯ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ପୁରୀ** | | | |
| ୧. | ୧୩୨ କେଭି ଖୋର୍ଦ୍ଧା-ପୁରୀ ଲାଇନ୍ | ୦୯.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ନିମାପଡ଼ା | ୨୪.୦୧.୧୯ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଖୋର୍ଦ୍ଧା** | | | |
| ୧. | ୨୨୦ କେଭି ନୟାଗଡ଼-ମେଣ୍ଢାଶାଳ ଲାଇନ୍ | ୦୫.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ନୟାଗଡ଼ | ୦୫.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ଅଟ୍ରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୧୩.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଅରଗୁଳ ଏବଂ ୧୩୨ କେଭି ଅଟ୍ରି-ଅରଗୁଳ ଡିସି ଲାଇନ୍ | ୧୩.୦୧.୧୯ | ୦୮.୦୦-୧୭.୦୦ | ୧ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଙ୍କି ଏବଂ ୧୩୨ କେଭି ଅଟ୍ରି-ବାଙ୍କି ଲାଇନ୍ | ୧୩.୦୧.୧୯ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଖୋର୍ଦ୍ଧା | ୧୪.୦୧.୧୯ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ଖୋର୍ଦ୍ଧା-ବାଲୁଗାଁ ଲାଇନ୍ | ୨୧.୦୧.୧୯ | ୦୮.୦୦-୧୭.୦୦ | ୧ |
| (ଚ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବ୍ରହ୍ମପୁର** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭଞ୍ଜନଗର** | | | |
| ୧. | ୨୨୦/୧୩୨/୩୩ କେଭି ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ - ୨ | ୦୫.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୨୨୦ କେଭି ଭଞ୍ଜନଗର - ମେରାମୁଣ୍ଡଳୀ ସର୍କିଟ୍ - II | ୧୦.୦୧.୧୯ ଏବଂ ୧୧.୦୧.୧୯ | ୦୭.୦୦-୧୬.୦୦ | ୨ |
| ୩. | ୧୩୨/୩୩ କେଭି ଆସ୍କା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୧୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି ଭଞ୍ଜନଗର - ଅସ୍କା ଡି.ସି. ଲାଇନ୍ | ୧୨.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ୧୩୨ କେଭି ଭଞ୍ଜନଗର - ଫୁଲବାଣୀ ଏସ୍‌ସି ଲାଇନ୍ | ୧୬.୦୧.୧୯ ଏବଂ ୧୭.୦୧.୧୯ | ୦୭.୦୦-୧୬.୦୦ | ୨ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଫୁଲବାଣୀ | ୧୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୭. | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୨୦.୦୧.୧୯ | ୦୭.୦୦-୧୬.୦୦ | ୧ |
| ୮. | ୨୨୦ କେଭି ଭଞ୍ଜନଗର - ମେରାମୁଣ୍ଡଳୀ ସର୍କିଟ୍ - I | ୨୦.୦୧.୧୯ ଏବଂ ୨୧.୦୧.୧୯ | ୦୭.୦୦-୧୬.୦୦ | ୨ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବ୍ରହ୍ମପୁର** | | | |
| ୧. | ୧୩୨ କେଭି ବ୍ରହ୍ମପୁର - ମୋହନା ଲାଇନ୍ | ୦୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ବସ୍ ସେକ୍ସନ୍ - II ଏବଂ ୪୦ ଏମ୍‌ଭିଏ ଟ୍ରାନ୍ସଫର୍ମର | ୦୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ସର୍କିଟ୍ - I (ଲୋକେସନ ନଂ. ୨୬୧ ପର୍ଯ୍ୟନ୍ତ) | ୧୧.୦୧.୧୯ ରୁ ୧୩.୦୧.୧୯ | ୦୭.୦୦-୧୬.୦୦ | ୩ |
| ୪. | ୧୩୨ କେଭି ଛତ୍ରପୁର - ଅସ୍କା ଡି.ସି. ଲାଇନ୍ | ୧୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ସର୍କିଟ୍ - II (ଲୋକେସନ ନଂ. ୨୬୧ ପର୍ଯ୍ୟନ୍ତ) | ୧୯.୦୧.୧୯ ରୁ ୨୧.୦୧.୧୯ | ୦୭.୦୦-୧୬.୦୦ | ୩ |
| ୬. | ୨୨୦ କେଭି ନରେନ୍ଦ୍ରପୁର - ଥେରୁବାଲି ସର୍କିଟ୍ - I (ଡୁମୁଳାପୋଦାର ପର୍ଯ୍ୟନ୍ତ) | ୨୭.୦୧.୧୯ ରୁ ୨୯.୦୧.୧୯ | ୦୭.୦୦-୧୬.୦୦ | ୩ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଛତ୍ରପୁର** | | | |
| ୧. | ଛତ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୧୮.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ମୋହନା ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୧୩୨ କେଭି ଛତ୍ରପୁର-ବାଲୁଗାଁ ଲାଇନ୍ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଲୁଗାଁ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବାଲୁଗାଁ, ସୋଲାରି ଟ୍ରାକ୍ସନ୍ ଲାଇନ୍ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| (ଛ) | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ, ଚାଇଁପାଳ** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଚାଇଁପାଳ / ମେରାମୁଣ୍ଡଳୀ / ଢେଙ୍କାନାଳ** | | | |
| ୧. | ୪୦୦ କେଭି ରେଙ୍ଗାଲୀ - ବାରିପଦା (ଲୋକେସନ ନଂ. ୧ ରୁ ୬୦୨) | ୦୪.୦୧.୧୯ ରୁ ୦୭.୦୧.୧୯ | ୦୭.୦୦-୧୭.୦୦ | ୪ |
| ୨. | ୨୨୦ କେଭି ଟିଟିପିଏସ୍ - ମେରାମୁଣ୍ଡଳୀ ସର୍କିଟ୍ - I | ୦୫.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୨୨୦ କେଭି ଟିଟିପିଏସ୍ - ମେରାମୁଣ୍ଡଳୀ ସର୍କିଟ୍ - II | ୦୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୨୨୦ କେଭି ମେରାମୁଣ୍ଡଳୀ - ଭଞ୍ଜନଗର ସର୍କିଟ୍ - II | ୦୯.୦୧.୧୯ ରୁ ୧୨.୦୧.୧୯ | ୦୭.୦୦-୧୬.୦୦ | ୪ |
| ୫. | ୪୦୦ କେଭି ରେଙ୍ଗାଲୀ - ବାରିପଦା ଲାଇନ୍ (ଲୋକେସନ ନଂ. ୬୦୪ ରୁ ୬୬୩) | ୧୨.୦୧.୧୯ | ୦୭.୦୦-୧୬.୦୦ | ୧ |
| ୬. | ୧୩୨ କେଭି ମେରାମୁଣ୍ଡଳୀ-ଢେଙ୍କାନାଳ ଲାଇନ୍ | ୧୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୭. | ୨୨୦ କେଭି ମେରାମୁଣ୍ଡଳୀ-ଭଞ୍ଜନଗର ସର୍କିଟ୍-I | ୧୯.୦୧.୧୯ ରୁ ୨୧.୦୧.୧୯ | ୦୭.୦୦-୧୬.୦୦ | ୩ |
| ୮. | ମେରାମୁଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ସ୍ୱିଚ୍‌ୟାର୍ଡ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୯. | ମେରାମୁଣ୍ଡଳୀ ୪୦୦/୨୨୦ କେଭି ଆଇସିଟି -I ଟ୍ରାନ୍ସଫର୍ମରର କଣ୍ଡିସନିଙ୍ଗ୍ ମନିଟରିଙ୍ଗ୍ ପରିକ୍ଷଣ, ଇକ୍ୟୁପ୍‌ମେଣ୍ଟ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ | ୨୦.୦୧.୧୯ ଏବଂ ୨୧.୦୧.୧୯ | ୦୭.୦୦-୧୬.୦୦ | ୨ |
| ୧୦. | ୧୩୨ କେଭି ମେରାମୁଣ୍ଡଳୀ - ବିଆରଜି ଫିଡର | ୨୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୧. | ୧୩୨ କେଭି ମେରାମୁଣ୍ଡଳୀ-ଆରତୀ ଲାଇନ୍ | ୨୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୨. | ୧୩୨ କେଭି ଢେଙ୍କାନାଳ-ଯୋରନ୍ଦା ଟ୍ରାକ୍ସନ୍ ଲାଇନ୍ | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୩. | ମେରାମୁଣ୍ଡଳୀ ୪୦୦/୨୨୦ କେଭି ଆଇସିଟି -II ଟ୍ରାନ୍ସଫର୍ମରର କଣ୍ଡିସନିଙ୍ଗ୍ ମନିଟରିଙ୍ଗ୍ ପରିକ୍ଷଣ, ଇକ୍ୟୁପ୍‌ମେଣ୍ଟ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ | ୨୭.୦୧.୧୯ ଏବଂ ୨୮.୦୧.୧୯ | ୦୭.୦୦-୧୬.୦୦ | ୨ |
| ୧୪. | ୨୨୦ କେଭି ମେରାମୁଣ୍ଡଳୀ - ଡୁବୁରି ସର୍କିଟ୍ -II | ୨୮.୦୧.୧୯ ରୁ ୩୦.୦୧.୧୯ | ୦୭.୦୦-୧୬.୦୦ | ୩ |
| ୧୫. | ୨୨୦/୧୩୨ କେଭି ଅଟୋ - I ମେରାମୁଣ୍ଡଳୀ | ୨୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୬. | ୨୨୦/୧୩୨ କେଭି ଅଟୋ - II ମେରାମୁଣ୍ଡଳୀ | ୩୦.୦୧.୧୯ | ୦୭.୦୦-୧୬.୦୦ | ୧ |

# ସମଲିଙ୍ଗୀ ସମ୍ପର୍କ ବୈଧ

ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତବୟସ୍କ ସମଲିଙ୍ଗୀଙ୍କ ମଧ୍ୟରେ ରଖାଯାଉଥିବା ସମ୍ପର୍କ ଆଉ ଅପରାଧ ଭାବେ ପରିଗଣିତ ହେବନାହିଁ ବୋଲି ସେପ୍ଟେମ୍ବର ୬ରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଲେ। ଏଥିସହ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ୧୮୬୦ର ଦଫା ୩୭୭କୁ ସର୍ବୋଚ୍ଚ ଅଦାଲତ ଅଯୌକ୍ତିକ, ଅସମର୍ଥନୀୟ ଓ ସ୍ପଷ୍ଟ ସ୍ୱେଚ୍ଛାଚାରିତା ଭାବେ ଅଭିହିତ କରି ଅପରାଧମୁକ୍ତ କଲେ। ଏହି ୧୫୮ ବର୍ଷ ପୁରୁଣା ଆଇନ ସମ୍ବିଧାନ ପ୍ରଦତ୍ତ ସମାନତା ଓ ସସମ୍ମାନେ ବଞ୍ଚିବା ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସ୍ପଷ୍ଟ କଲେ। ଏହି ଯୁଗାନ୍ତକାରୀ ରାୟକୁ ସ୍ତ୍ରୀ ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅସ୍ୱାଭାବିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ) ଗୋଷ୍ଠୀ ସ୍ୱାଗତ କରି ଦେଶବ୍ୟାପୀ ଉତ୍ସବ ମନାଇଥିଲେ।



# ଆଇନ ଅଦାଲତ




# ରାଫାଲ-କ୍ଲିନ୍‌ଚିଟ୍

ଫ୍ରାନ୍ସରୁ ୩୬ଟି ରାଫାଲ୍ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ସ୍ପଷ୍ଟ କଲେ। ଏହାସହ ୫୮ ହଜାର କୋଟି ଟଙ୍କାର ରାଫାଲ୍ ଚୁକ୍ତିକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ପାଇଁ ଦାଏର ଏକାଧିକ ପିଟିଶନକୁ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଖାରଜ କଲେ। ନରେନ୍ଦ୍ର ମୋଦି ସରକାର ଏହାକୁ ସର୍ବୋଚ୍ଚ ଅଦାଲତଙ୍କ କ୍ଲିନ୍‌ଚିଟ୍ ଭାବେ ଅଭିହିତ କରିଥିବାବେଳେ ଏନ୍‌ଡିଏର ଚାଲାକିକୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ବିରୋଧୀ। ଶୀର୍ଷ ଅଦାଲତଙ୍କ ରାୟ କେନ୍ଦ୍ରକୁ ଆଶ୍ୱସ୍ତି ପ୍ରଦାନ କରିଥିବାବେଳେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଟଳ ରହିଛି କଂଗ୍ରେସ।

# ଆଧାର ବୈଧତା ବଜାୟ

ଆଧାର ବୈଧ। ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ ବୋଲି ସେପ୍ଟେମ୍ବର ୨୬ରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଲେ। ସର୍ବୋଚ୍ଚ ଅଦାଲତ ସାମାଜିକ ଯୋଜନାଗୁଡ଼ିକର ସୁବିଧା ହାସଲ ପାଇଁ ଆଧାରର ବୈଧତାକୁ ସୀମିତ ରଖିଥିବାବେଳେ ମୋବାଇଲ୍ ଫୋନ୍, ବ୍ୟାଙ୍କ ଆକାଉଣ୍ଟ ଓ ସ୍କୁଲରେ ନାମଲେଖା ଭଳି କ୍ଷେତ୍ରରେ ଏହାର ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିବା ସହ ଏଥିରେ ଥିବା କେତେକ ନିୟମକୁ ବାଦ୍ ଦେଲେ। ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠଙ୍କ ଏହି ସନ୍ତୁଳିତ ରାୟକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାଜପା ରାୟକୁ କେନ୍ଦ୍ର ସରକାରଙ୍କ ବିଜୟ ବୋଲି ଅଭିହିତ କରିଥିବାବେଳେ କଂଗ୍ରେସ ଏହାକୁ ଭିନ୍ନ ଦୃଷ୍ଟିକୋଣରୁ ସ୍ୱାଗତ କରିଥିଲା।




**ଆଉ ତିନିଦିନ ବିତିଲେ ବିଦାୟ ନେବ ଦୁଇହଜାର ଅଠର। ଅନେକ ପ୍ରମୁଖ ଘଟଣାର ମୂକସାକ୍ଷୀ ସମୟ ସ୍ରୋତରେ ଅପସରିଯିବ କ୍ୟାଲେଣ୍ଡର ପୃଷ୍ଠାରୁ। ହେଲେ ବିଦାୟୀ ବର୍ଷ ସ୍ମରଣୀୟ ହୋଇରହିବ ସର୍ବୋଚ୍ଚ ଅଦାଲତଙ୍କ କେତୋଟି ଐତିହାସିକ ରାୟକୁ ନେଇ। ଆଧାରର ବୈଧତା ବଜାୟ ହେଉ ଅଥବା ରାଫାଲ ଚୁକ୍ତିକୁ କ୍ଲିନ୍‌ଚିଟ୍, ସମଲିଙ୍ଗୀ ସମ୍ପର୍କ ଓ ପରକୀୟା ପ୍ରୀତିକୁ ଅପରାଧମୁକ୍ତ ଘୋଷଣା ହେଉ ଅବା ସାବରିମାଲା ମନ୍ଦିରରେ ମହିଳାଙ୍କୁ ପ୍ରବେଶ ଅନୁମତି ସୁପ୍ରିମକୋର୍ଟଙ୍କ ପ୍ରତ୍ୟେକ ନିଷ୍ପତ୍ତି ଦେଶର ବିଚାର ବ୍ୟବସ୍ଥା ଇତିହାସରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ହୋଇ ରହିବ। ଏବର୍ଷ ନ୍ୟାୟପାଳିକାର ଚର୍ଚ୍ଚିତ ଓ ନିର୍ଣ୍ଣାୟକ ରାୟକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା 'ଆଇନ ଅଦାଲତ'।**



## ଅଯୋଧ୍ୟା ଶୁଣାଣି

ଇସ୍‌ଲାମ ଧର୍ମର ପ୍ରଥା ପାଳନ ପାଇଁ ମସ୍‌ଜିଦ ନିହାତି ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ। ମୁସଲମାନ ଧର୍ମାବଲମ୍ବୀମାନେ କେବଳ ମସ୍‌ଜିଦରେ ନମାଜ ପାଠ କରିବେ, ସେନେଇ କୌଣସି ଧରାବନ୍ଧା ନିୟମ ନାହିଁ। ଖୋଲା ଜାଗାରେ ମଧ ନମାଜ ପଢ଼ିହେବ ବୋଲି ୧୯୯୪ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାର ସମୀକ୍ଷା ଲାଗି ହୋଇଥିବା ଆବେଦନକୁ ସେପ୍ଟେମ୍ବର ୨୭ରେ ଅଗ୍ରାହ୍ୟ କରିଦେଇଥିଲେ ସର୍ବୋଚ୍ଚ ଅଦାଲତ। ବୃହତ୍ ସାମ୍ବିଧାନିକ ପୀଠକୁ ଏହି ମାମଲା ହସ୍ତାନ୍ତର କରାଯିବ ନାହିଁ ବୋଲି ୨:୧ ରାୟରେ କୋର୍ଟ ସ୍ପଷ୍ଟ କରିଥିଲେ। ଏହି ରାୟ ପରେ ଅଯୋଧ୍ୟା ଜମି ବିବାଦର ମୁଖ୍ୟ ମାମଲା ଉପରେ ନ୍ୟାୟିକ ଲଢ଼େଇ ପାଇଁ ପଥ ପରିଷ୍କାର ହୋଇଥିଲା। ରାୟକୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ସମେତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା।



## ସାବରିମାଲାରେ ମହିଳାଙ୍କୁ ପ୍ରବେଶ ଅଧିକାର



କେରଳର ସାବରିମାଲାସ୍ଥିତ ପ୍ରସିଦ୍ଧ ଆୟାପ୍ପା ମନ୍ଦିରରେ ଏଣିକି ମହିଳାମାନେ ପ୍ରବେଶ କରିପାରିବେ। ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ନିର୍ମିତ ଏହି ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଓ ପୂଜାର୍ଚ୍ଚନା ଉପରେ ଜାରି କରାଯାଇଥିବା କଟକଣାକୁ ସେପ୍ଟେମ୍ବର ୨୮ରେ ସୁପ୍ରିମକୋର୍ଟ ଉଠାଇ ଦେଇଥିଲେ। ଲିଙ୍ଗଗତ ପ୍ରଭେଦ ଦୃଷ୍ଟିରୁ ଧର୍ମପୀଠରେ ହିନ୍ଦୁ ମହିଳାଙ୍କ ପ୍ରବେଶକୁ ନିଷିଦ୍ଧ କରାଯିବା ସେମାନଙ୍କ ଅଧିକାରର ଉଲ୍ଲଂଘନ ବୋଲି ସିଜେଆଇ ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ସାମ୍ବିଧାନିକ ପୀଠ ଅବିହିତ କରିଥିଲେ। ଏଥିସହ ଏହି ପରମ୍ପରା ସ୍ୱତଃ ଉଚ୍ଛେଦ ହୋଇଯାଇଛି। ମହିଳା ଅଧିକାର କର୍ମୀମାନେ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟକୁ ସ୍ୱାଗତ କରିଛନ୍ତି। ହେଲେ ବିକ୍ଷୋଭକାରୀଙ୍କ ବିରୋଧ ଯୋଗୁ ଅଦ୍ୟାବଧି ସାବରିମାଲା ମନ୍ଦିରକୁ ମହିଳାଙ୍କ ପ୍ରବେଶ ହୋଇପାରିନାହିଁ।

## ଅପରାଧ ନୁହେଁ ପରକୀୟା ପ୍ରୀତି



ପରକୀୟା ପ୍ରୀତି ବା ବ୍ୟଭିଚାର ଅପରାଧ ନୁହେଁ। ବିବାହିତ ପୁରୁଷ ଅନ୍ୟ ସ୍ତ୍ରୀ ଅଥବା ବିବାହିତା ସ୍ତ୍ରୀ ଅନ୍ୟ ପୁରୁଷ ସହିତ ଯୌନ ସମ୍ପର୍କ ରଖିବା ଆଇନତଃ ଦଣ୍ଡନୀୟ ନୁହେଁ ବୋଲି ସେପ୍ଟେମ୍ବର ୨୭ରେ ସୁପ୍ରିମକୋର୍ଟ ସ୍ପଷ୍ଟ କଲେ। ଆଇପିସିର ଦଫା ୪୯୭ ମହିଳାମାନଙ୍କଠାରୁ ଯୌନ ପସନ୍ଦ ଅଧିକାରକୁ ଛଡ଼ାଇନିଏ। ତେଣୁ ଯୌନ ସ୍ୱାଧୀନତାର ବିରୁଦ୍ଧାଚରଣ କରୁଥିବା ଏହି ଏକତରଫା ଓ ଅସାମ୍ବିଧାନିକ ଦଣ୍ଡବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ଜରୁରୀ ବୋଲି ସିଜେଆଇ ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ସାମ୍ବିଧାନିକ ପୀଠ ରାୟ ଦେଲେ। ଏଥିସହ ଦଫା ୪୯୭କୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ବୋଲି ଅଭିହିତ କରିବା ସହ ଏହାକୁ ଅପରାଧମୁକ୍ତ ଘୋଷଣା କଲେ। ଫଳରେ ୧୫୮ ବର୍ଷ ପୁରୁଣା ଏସଂକ୍ରାନ୍ତ ଆଇନ ସ୍ୱତଃ ଅକାମୀ ହୋଇଗଲା। ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଇଚ୍ଛାମୃତ୍ୟୁ ଆଇନସିଦ୍ଧ

ଭାରତର ସମ୍ବିଧାନର ଧାରା ୨୧ ନାଗରିକଙ୍କୁ ଜୀବନଧାରଣର ଅଧିକାର ଦେଇଛି। ସମ୍ମାନର ସହ ବଞ୍ଚିବା ସମସ୍ତଙ୍କ ମୌଳିକ ଅଧିକାର। ଠିକ୍ ସେହିପରି ସସମ୍ମାନେ ମରିବା ମଧ ଏକ ମୌଳିକ ଅଧିକାର ଭାବେ ପରିଗଣିତ। ରୋଗୀ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଚାହୁଁଥିଲେ ତାଙ୍କର ଜୀବନ ରକ୍ଷାକାରୀ ଉପଚାର ହଟାଇ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ସୁଯୋଗ ଦିଆଯିବ। କିନ୍ତୁ ଏଥିପାଇଁ ସମ୍ପୃକ୍ତ ରୋଗୀ ସାବାଳକ ହୋଇଥିବା ଏବଂ ଆଗକୁ ଚିକିତ୍ସା ଗ୍ରହଣ କରିବାକୁ ଚାହୁଁ ନ ଥିବା ବିଷୟ ଇଚ୍ଛାପତ୍ରରେ ଉଲ୍ଲେଖ କରିବା ଜରୁରୀ। ଏଭଳି ସ୍ଥଳେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ହେବେ ନାହିଁ ବୋଲି ମାର୍ଚ୍ଚ ୯ରେ ସୁପ୍ରିମକୋର୍ଟ ୫୩୮ ପୃଷ୍ଠାର ଯୁଗାନ୍ତକାରୀ ରାୟ ଦେଇଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏନ୍‌ଜିଓ 'କମନ୍ କଜ୍' ପକ୍ଷରୁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି 'ୟୁଥାନାସିଆ'କୁ ନେଇ ଦେଇଥିବା ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହାକୁ ପ୍ରଶଂସା କରିଥିବାବେଳେ ଆଉ କେତେକେ ନିନ୍ଦା କରିଥିଲେ।



## ନିର୍ଭୟା ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀରେ ଜଣେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ଫିଲ୍ମ ଦେଖି ଏକ ଘରୋଇ ବସରେ ଫେରୁଥିବାବେଳେ ବଳାତ୍କାରର ଶିକାର ହୋଇଥିଲେ। ୬ ଅଭିଯୁକ୍ତ ପାଶବିକ ଲାଳସା ଚରିତାର୍ଥ କରିବା ପରେ ବସରୁ ଛାତ୍ରୀ ଓ ପୁରୁଷ ବନ୍ଧୁଙ୍କୁ ନିର୍ଦ୍ଦୟ ଭାବେ ଫିଙ୍ଗିଦେଇଥିଲେ। ପୀଡ଼ିତାଙ୍କୁ ସିଙ୍ଗାପୁର ନିଆଯାଇ ଏଲିଜାବେଥ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୩ ଦିନ ଧରି ଜୀବନ ସହ ସଂଗ୍ରାମ କରିବା ପରେ ଶେଷରେ ପୀଡ଼ିତା ୨୯ ତାରିଖ ରାତିରେ ଆଖିବୁଜି ଦେଇଥିଲେ। ଏହି ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଏହି ବହୁଚର୍ଚ୍ଚିତ ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦିଆଯିବ ବୋଲି ୨୦୧୮ ଜୁଲାଇ ୯ରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ପୂର୍ବରୁ ସର୍ବୋଚ୍ଚ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅକ୍ଷୟ କୁମାର ସିଂ(୩୧) ଦଣ୍ଡ ସ୍ୱୀକାର କରି ପୁନର୍ବିଚାର ପାଇଁ ଆବେଦନ କରି ନ ଥିବାବେଳେ ମୁକେଶ ସିଂ(୨୯), ପବନ ଗୁପ୍ତା(୨୨) ଓ ବିନୟ ଶର୍ମା (୨୩) ରିଭ୍ୟୁ ପିଟିଶନ ଦାଏର କରିଥିଲେ। ୨୦୧୩ ମାର୍ଚ୍ଚ ୧୧ରେ ତିହାର ଜେଲରେ ରାମ ସିଂ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ସେହି ବର୍ଷ ଜୁଲାଇ ୧୧ରେ ଜୁଭେନାଇଲ ଜଷ୍ଟିସ ବୋର୍ଡ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରି ଅଗଷ୍ଟ ୩୧ରେ ୩ ବର୍ଷ ପାଇଁ ବାଳ ସୁଧାର ଗୃହକୁ ପଠାଇଦେଇଥିଲେ।




## ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ



ଆଗକୁ ଘରେ ବସି କ୍ରିକେଟ ଖେଳ ଭଳି କୋର୍ଟରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ଟିଭି ଚ୍ୟାନେଲରେ ଦେଖିହେବ। ସେପ୍ଟେମ୍ବର ୨୬ରେ ସୁପ୍ରିମକୋର୍ଟ ଏନେଇ ଅନୁମତି ପ୍ରଦାନ କରିଥିଲେ। ଜନସାଧାରଣଙ୍କ ଅଧିକାରରେ ସନ୍ତୁଳନ ଆଣି ଆବେଦନକାରୀଙ୍କ ଗରିମା ସୁରକ୍ଷିତ ରଖିବା ଓ ବିଚାର ପ୍ରକ୍ରିୟାକୁ ଅଧିକ ନିରପେକ୍ଷ କରିବା ଲାଗି କୋର୍ଟ ପ୍ରସିଡିଂର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଜରୁରୀ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ।

## ଲଢ଼ିପାରିବେ ଦାଗୀ ନେତା

ଦାଗୀ ନେତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏପରି କି ଯେଉଁମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିବ ସେମାନେ ମଧ ପ୍ରାର୍ଥୀ ହୋଇପାରିବେ। ଏଭଳି ନେତାଙ୍କୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରିବାକୁ ସେପ୍ଟେମ୍ବର ୨୫ରେ ସୁପ୍ରିମକୋର୍ଟ ମନା କରିଦେଲେ। ତେବେ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଏ ସଂକ୍ରାନ୍ତ ଆଇନ ପ୍ରଣୟନ ଲାଗି ପାର୍ଲାମେଣ୍ଟ ଉପରେ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ଛାଡ଼ିଦେଲେ। ଏହାସହ ପ୍ରାର୍ଥୀଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଭୋଟରଙ୍କ ଅବଗତି ନିମନ୍ତେ ନିଜ ୱେବ୍‌ସାଇଟ୍ ତଥା ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶ କରିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଲେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ।

## ନଦୀ ରାଜ୍ୟର ସମ୍ପତ୍ତି ନୁହେଁ

ନଦୀ କୌଣସି ରାଜ୍ୟର ନୁହେଁ, ବରଂ ଜାତୀୟ ସମ୍ପତ୍ତି। ଏହା ଉପରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ରାଜ୍ୟ ନିଜ କର୍ତ୍ତୃତ୍ୱ ଜାହିର କରିପାରିବ ନାହିଁ। ପ୍ରବାହମାନ ଧାରାର ଜଳ ଉପରେ କୌଣସି ଭୂଖଣ୍ଡର ଅଧିବାସୀ ବା ସରକାରଙ୍କ ଏକଚାଟିଆ ଅଧିକାର ନାହିଁ। କାବେରୀ ଜଳକୁ ନେଇ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ଫେବୃୟାରୀ ୧୬ରେ ଏହା ସ୍ପଷ୍ଟ କରିଥିଲେ ସୁପ୍ରିମକୋର୍ଟ। ଆନ୍ତଃ ରାଜ୍ୟ ଜଳ ବିବାଦ ମାମଲାର ବହୁ ପ୍ରତୀକ୍ଷିତ ରାୟ ଶୁଣାଇ ସର୍ବୋଚ୍ଚ ଅଦାଲତ ୨୦୦୭ରେ କାବେରୀ ୱାଟର ଡିସ୍‌ପ୍ୟୁଟ୍ ଟ୍ରିବ୍ୟୁନାଲ (ସିଡବ୍ଲ୍ୟୁଡିଟି)ଙ୍କ ଦ୍ୱାରା ନିର୍ଦ୍ଧାରିତ ଆବଣ୍ଟନ ସୂତ୍ରରେ ପରିବର୍ତ୍ତନ ଆଣିଥିଲେ। ଏହାକୁ କର୍ଣ୍ଣାଟକ ସ୍ୱାଗତ କରିଥିବାବେଳେ ତାମିଲନାଡୁକୁ ଶକ୍ତ ଝଟକା ଲାଗିଥିଲା।

## ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ୍

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଦିଲ୍ଲୀ ହାଇକୋର୍ଟ ଡିସେମ୍ବର ୧୭ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଥିଲେ। ସେ ଜୀବନ କାଳ ପର୍ଯ୍ୟନ୍ତ ଜେଲ୍‌ରେ କଟାଇବେ। ଏହି ଦଙ୍ଗା ମାନବିକତା ବିରୋଧରେ ଅପରାଧ ଥିଲା। ଦଙ୍ଗା ଘଟାଇଥିବା ଲୋକମାନଙ୍କୁ ରାଜନୈତିକ ସୁରକ୍ଷା ମିଳୁଥିଲା ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଲାଗିଛି। ସତ୍ୟ ପଦାକୁ ଆସିବା ଓ ମୃତକଙ୍କ ପରିବାରକୁ ନ୍ୟାୟ ମିଳିବା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅଦାଲତ କହିଥିଲେ। ଅନ୍ୟପକ୍ଷରେ ହାଇକୋର୍ଟଙ୍କ ରାୟ ବିରୋଧରେ ସଜ୍ଜନ କୁମାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



# ଚର୍ଚ୍ଚିତ ବିବାହ



ଅନେକ ଘଟଣା, ଦୁର୍ଘଟଣାର ମୁକସାକ୍ଷୀ ୨୦୧୮ । କିନ୍ତୁ ଯେଉଁ ଘଟଣା ବହୁ ସେଲିବ୍ରିଟିଙ୍କୁ ଜୀବନସାଥୀରେ ପରିଣତ କରିଥିଲା ତାହା ଥିଲା ବୈବାହିକ ପରମ୍ପରା। ଚଳିତ ବର୍ଷ ଅନେକ ସେଲିବ୍ରିଟିଙ୍କ ପ୍ରେମ-ପରିଣୟ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ଦୀପିକା-ରଣବୀରଙ୍କଠାରୁ ଆରମ୍ଭ କରି ପ୍ରିନ୍ସ ହାରି - ମେଘାନ୍ ମର୍କଲେ ପର୍ଯ୍ୟନ୍ତ ସଫଳ ପ୍ରେମୀଯୁଗଳ ସେମାନଙ୍କ ବୈବାହିକ ଜୀବନକୁ ଚରିତାର୍ଥ କରିଛନ୍ତି। ନୂତନ ବର୍ଷ ୨୦୧୯ ଅବ୍ୟବହିତ ପୂର୍ବରୁ ସେଇ ଚର୍ଚ୍ଚିତ ଯୋଡ଼ିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା

## ଈଶା ଅମ୍ବାନୀ-ଆନନ୍ଦ ପିରାମଲ୍

ବିଶିଷ୍ଟ ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ କନ୍ୟା ଈଶା ଅମ୍ବାନୀଙ୍କ ବିବାହ ଉତ୍ସବରେ ବଲିଉଡ୍‌ର ନାମିଦାମୀ ତାରକା, ରାଜନେତା ସାମିଲ୍ ହୋଇଥିଲେ। ଉଦୟପୁରରେ ପିରାମଲ ଗ୍ରୁପ୍ ଅଫ୍ କମ୍ପାନୀର ପ୍ରତିଷ୍ଠାତା ଅଜୟ ଏବଂ ସ୍ୱାତୀ ପିରାମଲଙ୍କ ପୁଅ ଆନନ୍ଦଙ୍କ ସହ ଈଶାଙ୍କ ନିର୍ବନ୍ଧ ହୋଇଥିଲା। ମୁମ୍ବାଇସ୍ଥିତ ଅମ୍ବାନୀଙ୍କ ବାସଭବନରେ ବିବାହ ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ ଉଦ୍ୟୋଗପତି, ବଲିଉଡ୍‌ର ଅଭିନେତା ଓ ଅଭିନେତ୍ରୀମାନେ ଯୋଗ ଦେଇଥିଲେ। ସୁପରଷ୍ଟାର୍ ରଜନୀକାନ୍ତ ଓ ତାଙ୍କ ପତ୍ନୀ ଲତା, ବଚନ ପରିବାର, ଦୀପିକା-ରଣବୀର, ପ୍ରିୟଙ୍କା ଚୋପ୍ରା- ନିକ୍ ଜୋନ୍‌ସ, ବଲିଉଡ୍‌ର ଥ୍ରୀ ଖାନ୍ ଏବଂ କପୁର ପରିବାର ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ପ୍ରିନ୍‌ସେସ୍ ୟୁଜିନି-ଜ୍ୟାକ୍ ବ୍ରୁକ୍ସବ୍ୟାଙ୍କ



ବ୍ରିଟେନ୍‌ର ୱିଣ୍ଡର କ୍ୟାସଲ୍‌ସ୍ଥିତ ସେଣ୍ଟ ଜର୍ଜଙ୍କ ଉପାସନାପୀଠରେ ୟର୍କର ରାଜକୁମାରୀ ୟୁଜିନି ଓ ଜ୍ୟାକ୍ ବ୍ରୁକ୍‌ସବ୍ୟାଙ୍କ ମଧ୍ୟରେ ୨୦୧୮ ଅକ୍ଟୋବର ୧୨ରେ ବିଭାଘର ଅନୁଷ୍ଠିତ ହୋଇଥିଲା। ରାଜକୁମାରୀ ୟୁଜିନି ବ୍ରିଟେନ୍ ରାଜ ପରିବାରର ସଦସ୍ୟ ତଥା ପ୍ରିନ୍ସ ଆଣ୍ଡ୍ର୍ୟୁ ଓ ସାରାଙ୍କ ଦ୍ୱିତୀୟ ତଥା କନିଷ୍ଠ କନ୍ୟା। ଜ୍ୟାକ୍ ବ୍ରୁକ୍ସବ୍ୟାଙ୍କ ହେଉଛନ୍ତି ବ୍ରିଟେନ୍ ମଦ୍ୟ ବ୍ୟବସାୟୀ ତଥା କାସାମିଗୋଜ୍ ଟେକ୍ୱିଲାର ବ୍ରାଣ୍ଡ ଆମ୍ବାସାଡର। ପ୍ରିନ୍‌ସେସ୍ ୟୁଜିନି ହେଉଛନ୍ତି ପ୍ରଥମ ବ୍ରିଟିଶ୍ ରାଜକୁମାରୀ, ଯିଏ ୪୫ବର୍ଷ ପରେ ଏକ ଚର୍ଚ୍ଚରେ ବିବାହ କରିଛନ୍ତି। ଡ୍ୟୁକ୍ ଅଫ୍ ୟର୍କ ପ୍ରିନ୍ସ ଆଣ୍ଡ୍ର୍ୟୁ ଏବଂ ଡଚେସ୍ ଅଫ୍ ୟର୍କ ସାରାଙ୍କର ସେ ହେଉଛନ୍ତି ଦ୍ୱିତୀୟ କନ୍ୟା। ଜାକ୍ ଖ୍ରୀଷ୍ଟୋଫର ଷ୍ଟମ୍ପ ବ୍ରୁକ୍ସବ୍ୟାଙ୍କ୍ କାସାମିଗୋଜ୍ ଟେକ୍ୱିଲା କମ୍ପାନିର ୟୁରୋପୀୟ ବ୍ରାଣ୍ଡ ମ୍ୟାନେଜର।

## କପିଲ ଶର୍ମା-ଜିନି ଚତ୍‌ରଥ

ଡିସେମ୍ବର ୧୩ରେ କମେଡି କିଙ୍ଗ୍ କପିଲ ଶର୍ମା ଏବଂ ତାଙ୍କ ପ୍ରେମିକା ଗିନି ଚତରଥଙ୍କ ମଧ୍ୟରେ ହାତଗଣ୍ଠି ପଡ଼ିଛି। ଜଲନ୍ଧରସ୍ଥିତ ଗ୍ରାଣ୍ଡ କବାନା ରିସର୍ଟରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତାଙ୍କ ପରିବାର ସମେତ ବଲିଉଡ୍ ଇଣ୍ଡଷ୍ଟ୍ରିର ବହୁ କଳାକାର ଏଥିରେ ଯୋଗ ଦେଇଥିଲେ। ପୂର୍ବ ରାତିରେ କପିଲ ଶର୍ମାଙ୍କ ପରିବାର ଏକ ଜାଗୋ ଉତ୍ସବ ପାଳନ କରିଥିଲେ। ଏଥିରେ କପିଲଙ୍କ ଘନିଷ୍ଠ ସମ୍ପର୍କୀୟ ଏବଂ ପରିବାର ସଦସ୍ୟ ଯୋଗ ଦେଇଥିଲେ। ଭାରତୀ ସିଂ, ହର୍ଷ ଲିମ୍ବାଚିୟା, କୃଷ୍ଣ ଅଭିଷେକ, ସୁମୋନା ଚକ୍ରବର୍ତ୍ତୀ ପ୍ରମୁଖଙ୍କ ସମେତ ବହୁ କଳାକାର ଏଥିରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ପ୍ରାକ୍-ପରିଣୟ ଉତ୍ସବ କପିଳଙ୍କ ଭଉଣୀଙ୍କ ବାସଭବନରେ ଆୟୋଜିତ ହୋଇଥିଲା। ଏଥିରେ ରହସ୍ୟାଭିନେତାଙ୍କ ମା' ତାଙ୍କର ଠୁମ୍‌କା ନୃତ୍ୟରେ ସମସ୍ତଙ୍କୁ ମୁଗ୍‌ଧ କରିଥିଲେ।



## ଦୀପିକା ପାଦୁକୋନ୍-ରଣବୀର ସିଂ



ଚଳିତବର୍ଷ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ଅଭିନେତା ରଣବୀର ସିଂଙ୍କ ବିବାହ ଥିଲା ଖୁବ୍ ଚର୍ଚ୍ଚାରେ। ଉକ୍ତ ବିବାହ ଥିଲା ଖୁବ୍ ଆଡମ୍ବରପୂର୍ଣ୍ଣ ଓ ବିଳାସମୟ। ଇଟାଲୀର ଲେକ୍ କୋମୋଠାରେ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗୀତ, ମେହେନ୍ଦୀ କାର୍ଯ୍ୟକ୍ରମ କରାଯିବା ସହିତ ଦୁଇଟି ପ୍ରଥାରେ ବିଭାଘର କରାଯାଇଥିଲା। ତନ୍ମଧ୍ୟରୁ ଗୋଟିଏ କୋଙ୍କଣୀ ପ୍ରଥା ଏବଂ ଅନ୍ୟଟିରେ ଆନନ୍ଦ କରଜ ପାଳନ କରାଯାଇଥିଲା। ଏହାପରେ ଉକ୍ତ ଦମ୍ପତି ଘନିଷ୍ଠ ବନ୍ଧୁବାନ୍ଧବଙ୍କ ନିମନ୍ତେ ୩ଟି ରିସେପ୍‌ଶନ୍ ପାର୍ଟି ଆୟୋଜନ କରିଥିଲେ। ନଭେମ୍ବର ୨୧ରେ ଦୀପିକାଙ୍କ ବନ୍ଧୁବାନ୍ଧବଙ୍କ ନିମନ୍ତେ ବେଙ୍ଗାଲୁରୁଠାରେ ଏବଂ ପରେ ନଭେମ୍ବର ୨୮ରେ ରଣବୀରଙ୍କ ପରିବାର ସଦସ୍ୟ ଏବଂ ଆତ୍ମୀୟଙ୍କ ନିମନ୍ତେ ଆଉ ଏକ ରିସେପ୍ସନ୍ କରାଯାଇଥିଲା।

## ପ୍ରିନ୍ସ ହାରି-ମେଘାନ୍ ମର୍କଲେ

ବ୍ରିଟେନ୍‌ର ୱିଣ୍ଡସର କ୍ୟାସଲ୍‌ସ୍ଥିତ ସେଣ୍ଟ ଜର୍ଜଙ୍କ ଉପାସନା ପୀଠରେ ୨୦୧୮ ମେ ୧୯ରେ ପ୍ରିନ୍ସ ହାରି ଏବଂ ମେଘାନ୍ ମର୍କଲେଙ୍କ ମଧ୍ୟରେ ବିଭାଘର ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସ ହାରି ବ୍ରିଟେନ୍ ରାଜପରିବାରର ସଦସ୍ୟ ହୋଇଥିବା ବେଳେ ମେଘାନ୍ ମର୍କଲେ ହେଉଛନ୍ତି ଆମେରିକୀୟ ଅଭିନେତ୍ରୀ। ବିବାହ ଦିନ ସକାଳେ ପ୍ରିନ୍ସ ହାରିଙ୍କ ଜେଜେ ମା' କୁଇନ୍ ଏଲିଜାବେଥ୍ ଦ୍ୱିତୀୟ ପ୍ରିନ୍ସଙ୍କୁ ଡ୍ୟୁକ୍ ଅଫ୍ ସସେକ୍ସ, ୟର୍ଲ ଅଫ୍ ଡୁମ୍ବାର୍ଟନ୍ ଏବଂ ବାରନ୍ କିଲ୍‌କିଲ୍ ଟାଇଟଲ୍ ପ୍ରଦାନ କରିଥିଲେ। ବିବାହ ଦିନ ମର୍କଲେ ଡଚେସ୍ ଅଫ୍ ସସେକ୍ସ ନାମରେ ନାମିତ ହୋଇଥିଲେ। ପ୍ରିନ୍ସ ହାରି ହେଉଛନ୍ତି ୱେଲ୍‌ସ ଯୁବରାଜ ଚାର୍ଲସ ଏବଂ ଯୁବରାଣୀ ଡାଏନାଙ୍କ ଦ୍ୱିତୀୟ ସନ୍ତାନ। ମେଘାନ ମର୍କଲେ ହେଉଛନ୍ତି ଆମେରିକୀୟ ଅଭିନେତ୍ରୀ। ୨୦୧୬ ଜୁଲାଇରେ ଉଭୟଙ୍କ ମଧ୍ୟରେ ସାକ୍ଷାତ ହେବାପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।



## ଇମ୍ରାନ୍ ଖାନ୍-ବୁଶ୍ରା ମାନେକା

ପାକିସ୍ତାନର ତେହରିକ୍-ଇ-ଇନ୍‌ସାଫ୍ ମୁଖ୍ୟ ଇମ୍ରାନ୍ ଖାନ୍ ତାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶକ ବୁଶ୍ରା ମାନେକାଙ୍କୁ ଫେବୃୟାରୀ ୧୮ରେ ବିବାହ କରିଥିଲେ। କ୍ରିକେଟରୁ ରାଜନେତା ପାଲଟିଥିବା ଇମ୍ରାନ୍ ବର୍ତ୍ତମାନ ପାକିସ୍ତାନର ପ୍ରଧାନମନ୍ତ୍ରୀ ଅଛନ୍ତି। ଲାହୋରସ୍ଥିତ ବୁଶ୍ରାଙ୍କ ଭାଇଙ୍କ ବାସଭବନରେ ଏକ ନିରାଡମ୍ବର ଉତ୍ସବରେ ଉକ୍ତ ବିବାହ ଅନୁଷ୍ଠିତ ହୋଇଥିଲା। ଇମ୍ରାନ୍ ପ୍ରଥମେ ୧୯୯୫ରେ ଜେମିମା ଗୋଲ୍ଡସ୍ମିଥ୍‌ଙ୍କୁ ବିବାହ କରିଥିଲେ । ତାହା ବେଶିଦିନ ତିଷ୍ଠିପାରି ନ ଥିଲା। ଦୀର୍ଘ ୯ବର୍ଷ ପରେ ୨୦୦୪ରେ ସେମାନଙ୍କ ମଧ୍ୟରେ ଛାଡପତ୍ର ଦିଆନିଆ ହୋଇଥିଲା। ଇମ୍ରାନ୍ ଦ୍ୱିତୀୟରେ ଟିଭି ଆଙ୍କର ରେହମାନ୍ ଖାନ୍‌ଙ୍କୁ ବିବାହ କରିଥିଲେ। ଏହା ମାତ୍ର ୧୦ମାସ ତିଷ୍ଠି ରହିଥିଲା।



## ତେଜପ୍ରତାପ-ଐଶ୍ୱର୍ଯ୍ୟା

ବହୁ କୋଟି ଟଙ୍କାର ଗୋଖାଦ୍ୟ ଦୁର୍ନୀତିରେ ଜଡିତ ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ତଥା ଆରଜେଡି ବିଧାୟକ ତେଜ ପ୍ରତାପଙ୍କ ସହିତ ଐଶ୍ୱର୍ଯ୍ୟା ରାୟଙ୍କର ବିବାହ ମେ ୧୨ରେ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଲାଲୁ ପାରୋଲ୍‌ରେ ଜେଲ୍‌ରୁ ଆସି ପୁଅ ବାହାଘରରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ୍‌ଙ୍କ ସମେତ ପ୍ରାୟ ସବୁ ଦଳର ନେତା ଏଥିରେ ସାମିଲ ହୋଇଥିଲେ। ଉକ୍ତ ହାଇ-ପ୍ରୋଫାଇଲ୍ ବାହାଘରରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ଆରଜେଡି ସମର୍ଥକମାନେ ଭିଆଇପି ଏରିଆର କର୍ଡନ ଭାଙ୍ଗି ଖାଦ୍ୟ ସାମଗ୍ରୀ ସମେତ ସାଜ ସରଞ୍ଜାମ ଲୁଟ୍‌ପାଟ୍ କରିଥିଲେ। ବାହାଘର କିଛିଦିନ ପରେ ଏବେ ଛାଡ଼ପତ୍ର ବିବାଦ ମୁଣ୍ଡ ଟେକିଛି।



## ଆୟାକୋ-କେଇ ମୋରିୟା

ଜାପାନ୍ ରାଜକୁମାରୀ ଆୟାକୋ ତାଙ୍କ ଦୀର୍ଘଦିନର ପୁରୁଷ ବନ୍ଧୁ କେଇ ମୋରିୟାଙ୍କୁ ବିବାହ କରିଥିଲେ। ଟୋକିଓର ଐତିହାସିକ ମେଇଜି ଶ୍ରାଇନ୍‌ଠାରେ ବାହାଘର ହୋଇଥିଲା। ଉକ୍ତ ବିବାହ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। କାରଣ ରାଜକୁମାରୀ ଆୟାକୋ ଜଣେ ସାଧାରଣ ନାଗରିକଙ୍କୁ ବିବାହ କରିଥିଲେ। ମୋରିୟା ଏକ ବୃହତ୍ ଶିପିଂ କମ୍ପାନୀର ଜଣେ କର୍ମଚାରୀ। ଜାପାନର ଇମ୍ପେରିଆଲ୍ ହାଉସ୍‌ର ଆଇନ ଅନୁଯାୟୀ, ରାଜନନ୍ଦିନୀ ଜଣେ ସାଧାରଣ ବ୍ୟକ୍ତିଙ୍କୁ ବିବାହ କଲେ ସେ ଉକ୍ତ ରାଜ ପରିବାରର ସଂଜ୍ଞା, ସୌଭାଗ୍ୟ ଏବଂ ସ୍ଥାନ ହରାଇବେ। ଆୟାକୋ ତାଙ୍କର ସମ୍ପର୍କୀୟା ଭଉଣୀ ପ୍ରିନ୍‌ସେସ୍ ମାକୋଙ୍କ ପଦାଙ୍କ ଅନୁସରଣ କଲେ ବୋଲି ଅନେକେ ଆଲୋଚନା କରିଥିଲେ। କଲେଜରେ ପଢୁଥିବା ସମୟରେ ମାକୋ ଜଣେ ସାଧାରଣ ବର୍ଗର ଯୁବକଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ୨୦୨୦ରେ ସେମାନଙ୍କ ବିଭାଘର ହେବ।



## ମିଲିନ୍ଦ ସୋମନ-ଅଙ୍କିତା କନୱାର

ମଡେଲ ତଥା ଅଭିନେତା ଭାବରେ ପରିଚିତ ମିଲିନ୍ଦ ସୋମନ ଏବଂ ତାଙ୍କ ବାଳିକାବନ୍ଧୁ ଅଙ୍କିତା ପାରମ୍ପରିକ ରୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ମହାରାଷ୍ଟ୍ରର ଆଲିବାଗ୍‌ଠାରେ ବିବାହ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଦୁଇ ପରିବାରର ଘନିଷ୍ଠ ବନ୍ଧୁବାନ୍ଧବ ଓ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ମିଲିନ୍ଦ ମହାରାଷ୍ଟ୍ରର ବାସିନ୍ଦା ହୋଇଥିବା ବେଳେ ଅଙ୍କିତା ଆସାମ ରାଜ୍ୟର ତରୁଣୀ। ଉଭୟଙ୍କ ସଂସ୍କୃତି ଓ ପରମ୍ପରା ଭିନ୍ନ ହୋଇଥିଲେ ମଧ୍ୟ ଦୁଇ ପରମ୍ପରାକୁ ସମ୍ମାନ ଜଣାଇ ଉଭୟ ରୀତିରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମିଳିନ୍ଦ ଓ ଅଙ୍କିତାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିବା ପରେ ଏହା ପରବର୍ତ୍ତୀ ପର୍ଯ୍ୟାୟରେ ବିବାହର ରୂପ ନେଇଥିଲା। ମିଳିନ୍ଦଙ୍କୁ ୫୨ବର୍ଷ ଏବଂ ଅଙ୍କିତାଙ୍କୁ ୨୭ବର୍ଷ ବୟସ। ଦୁହିଁଙ୍କ ବୟସର ବ୍ୟବଧାନ ୨୫ବର୍ଷ ହୋଇଥିଲେ ହେଁ ଭଲ ପାଇବା କ୍ଷେତ୍ରରେ ଏହା ଅନ୍ତରାୟ ସୃଷ୍ଟି କରିପାରି ନ ଥିଲା।





ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।
- ସତ୍ୟସାଇ ବାବା

## ସଂକ୍ଷେପରେ

### ଜାନୁୟାରୀ ୫ରୁ ମିଷ୍ଟିକ୍ କଳିଙ୍ଗ ଫେଷ୍ଟିଭାଲ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ଆଲୋଚନାକୁ ନେଇ ଜାନୁୟାରୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଏବଂ ଚିଲିକାରେ ମିଷ୍ଟିକ୍ କଳିଙ୍ଗ ଫେଷ୍ଟିଭାଲ ଅନୁଷ୍ଠିତ ହେବ। 'ଫ୍ରମ୍ ଦ କାରନାଲ୍ ଟୁ ଦ କସ୍‌ମିକ୍: ଏ ସେଲିବ୍ରେଶନ ଅଫ୍ ଭକ୍ତି ପୋଏଟ୍ରି' ବିଷୟବସ୍ତୁକୁ ନେଇ ଚଳିତବର୍ଷ ଆୟୋଜନ ହେଉଥିବା ଏହି ମହୋତ୍ସବରେ କବି, ଲେଖକ, କାହାଣୀକାର ଓ ସଙ୍ଗୀତକାରମାନେ ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିବେ। ଓଡ଼ିଶାର ପ୍ରସିଦ୍ଧ ଲେଖକ ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ପ୍ରତିଭା ରାୟ ପ୍ରମୁଖଙ୍କ ସହ ସୁପ୍ରସିଦ୍ଧ ହିନ୍ଦୀ କବି ତଥା ସମୀକ୍ଷକ ଅଶୋକ ବାଜପେୟୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେବେ। ଏହାସହ ଉତ୍ସବରେ ପାର୍ବତୀ ବାଉଲ, ସିନେମା ନିର୍ମାତା, ଲେଖକ ଏବଂ ଐତିହାସିକ ଲତା ମଣି, ବରିଷ୍ଠ ଶିକ୍ଷାବିତ୍ ଆର୍ସିଆ ସତ୍ତାର ଯୋଗଦେବେ। ଆଞ୍ଚଳିକ ଭକ୍ତି ଆନ୍ଦୋଳନଗୁଡ଼ିକ କାହିଁକି ଅଣଦେଖା ହୋଇଯାଇଛି, ତାହା ଉପରେ ପ୍ରମୁଖ ପୌରାଣିକ କଥାକାର ଦେବଦତ୍ତ ପଟ୍ଟନାୟକ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ଥିବା ମିଷ୍ଟିକ୍ କଳିଙ୍ଗର କ୍ରିଏଟିଭ ନିର୍ଦ୍ଦେଶକ ଅରୁନ୍ଧତୀ ସୁବ୍ରମଣ୍ୟମ୍ ଓ ସଭାପତି ରଶ୍ମିରଞ୍ଜନ ପରିଡ଼ା କହିଛନ୍ତି।

### ଠିକାଦାରଙ୍କଠାରୁ ୧ଲକ୍ଷ ଲୁଟ୍
#### ସିସିଟିଭିରେ ଲୁଟ୍‌ର ଦୃଶ୍ୟ



**ଭୁବନେଶ୍ୱର,୨୭।୧୨ (ବ୍ୟୁରୋ):** ରାଜଧାନୀ ଖାରବେଳନଗର ଥାନାଞ୍ଚଳରେ ସିରିଜ୍ ଲୁଟ ପରେ ଗୁରୁବାର ଅପରାହ୍ନରେ କ୍ୟାପିଟାଲ ଥାନା ଅନ୍ତର୍ଗତ ରେମଣ୍ଡ ଶୋ'ରୁମ୍ ନିକଟ ଏକ ହାର୍ଡୱେର ଦୋକାନ ସମ୍ମୁଖରେ ଲୁଟ୍ ହୋଇଛି। ଠିକାଦାର ପ୍ରଶାନ୍ତ କୁମାର ସ୍ୱାଇଁଙ୍କଠାରୁ ଲୁଟେରାମାନେ ୧ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଦୋକାନରେ ଲାଗିଥିବା ସିସିଟିଭିରେ ରହିଛି ଲୁଟ୍‌ର ଦୃଶ୍ୟ। ପ୍ରଶାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଶ୍ରୀ ସପ୍ଲାଏ ଏଜେନ୍ସି ନାମକ ଏକ ହାର୍ଡୱେର୍ ଦୋକାନରେ ବାକି ଥିବା ୧ ଲକ୍ଷ ଟଙ୍କା ଦେବାକୁ ଆସିଥିଲେ। ଦୋକାନ ଆଗରେ ଗାଡି ରଖି ଡିକିରୁ ଟଙ୍କା ବ୍ୟାଗ କାଢ଼ିବା ସମୟରେ ଏକ ପଲସର ବାଇକରେ ଥିବା ଦୁଇଜଣ ଲୁଟେରା ପ୍ରଶାନ୍ତଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ରାଜମହଲ ଅଭିମୁଖେ ଫେରାର ହୋଇଯାଇଥିଲେ।

### ଅନ୍‌ଲାଇନ ଟିକେଟ ଦର୍ଶନକୁ ବିରୋଧ

**ପୁରୀ ଅଫିସ,୨୭।୧୨:** ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଥିବା ଅନ୍‌ଲାଇନ ଟିକେଟ ଦର୍ଶନ ବ୍ୟବସ୍ଥାକୁ ପୁରୀ ଜିଲା ଭାଜପା ମହିଳା ମୋର୍ଚ୍ଚା ବିରୋଧ କରିଛି। ଗୁରୁବାର ମୋର୍ଚ୍ଚାର ସଭାନେତ୍ରୀ ଜ୍ୟୋତି ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତି ଯେ, ଶ୍ରୀମନ୍ଦିରରେ ଅନ୍‌ଲାଇନ ଟିକେଟ ବ୍ୟବସ୍ଥା ପ୍ରଚଳନ ହେଲେ ଭକ୍ତମାନଙ୍କ ମଧ୍ୟରେ ଧନୀ, ଗରିବ ଭେଦଭାବ ସୃଷ୍ଟି ହେବ। ଗରିବ ଶ୍ରେଣୀର ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଧାଡ଼ିରେ ଦୀର୍ଘ ସମୟ ଧରି ଅପେକ୍ଷା କରିବେ। ହେଲେ ବଡ଼ବଡ଼ିଆ ଭକ୍ତମାନେ ଟିକେଟ କାଟି ଠାକୁରଙ୍କୁ ଦର୍ଶନ କରିବେ। ତେଣୁ ପ୍ରଶାସନ ଏଭଳି ନିଷ୍ପତ୍ତିରୁ ଓହରିଯିବା ଦରକାର। ଯଦି ଅନ୍‌ଲାଇନ ଟିକେଟ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ତେବେ ଜିଲା ଭାଜପା ମହିଳା ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାନେତ୍ରୀ କହିଛନ୍ତି।

### ତେଜୁଛି ପାଳିଆ ପୁରସ୍କାର ବିବାଦ
# ଶ୍ରୀମନ୍ଦିରରେ ନୀତି ୫ ଘଣ୍ଟା ବିଳମ୍ବ

**ପୁରୀ ଅଫିସ,୨୭।୧୨**

- ମଧ୍ୟାହ୍ନରେ ବାହାରିଲା ପହିଲି ଭୋଗ
- ସନ୍ଧ୍ୟାରେ ହେଲା ମଧ୍ୟାହ୍ନ ଧୂପ
- ନୂଆବର୍ଷରେ ସୃଷ୍ଟି ହୋଇପାରେ ଅପ୍ରୀତିକର ପରିସ୍ଥିତି



ପାଳିଆ ପୁରସ୍କାରକୁ ନେଇ ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଲାଗିଥିବା ବିବାଦ ଗୁରୁବାର ମହାପ୍ରଭୁଙ୍କ ନୀତିକାନ୍ତିକୁ ପ୍ରଭାବିତ କରିଛି। ଅସନ୍ତୁଷ୍ଟ ସେବାୟତଙ୍କ ଅସହଯୋଗ ଯୋଗୁ ନୀତିରେ ବିଳମ୍ବ ଘଟିଥିବା କୁହାଯାଉଛି। ଏହାର ପ୍ରଭାବ ବର୍ତ୍ତମାନ ଶ୍ରୀମନ୍ଦିରରେ ଚାଲିଥିବା ସ୍ୱତନ୍ତ୍ର ପହିଲି ଭୋଗ ନୀତିରେ ପ୍ରତିଫଳିତ ହେଉଛି। ସକାଳ ୬ଟା ୨୦ରୁ ୬ଟା ୫୦ ମଧ୍ୟରେ ପହିଲି ଭୋଗର ନୀତି ନିର୍ଘଣ୍ଟ କରାଯାଇଛି। ହେଲେ ଏଥିରେ ପ୍ରାୟ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବ ହୋଇଛି। ମଧ୍ୟାହ୍ନ ୧୨ଟା ୧୫ରେ ବାହାରିଛି ପହିଲି ଭୋଗ। ସେହିପରି ସନ୍ଧ୍ୟା ୬ଟା ୧୫ରେ ହୋଇଥିଲା ମଧ୍ୟାହ୍ନ ଧୂପ। ଶ୍ରୀମନ୍ଦିର ପ୍ରଶାସନ ଯଦି ସେବାୟତଙ୍କ ପ୍ରାପ୍ୟ ପାଉଣା ବିଷୟରେ କିଛି ସ୍ପଷ୍ଟ ନ କରେ ତେବେ ଆଗକୁ ନୂଆବର୍ଷରେ ଶ୍ରୀମନ୍ଦିରରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିପାରେ ବୋଲି ଚର୍ଚ୍ଚା ହେଉଛି।

ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ପାଇଁ ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ ହୋଇଛି। ରାତ୍ର ୩ଟାରେ ଦ୍ୱାର ଫିଟାଯିବାକୁ ସ୍ଥିର ହୋଇଥିବା ବେଳେ ଗୁରୁବାର ଭୋର ୫ଟା ୨୫ରେ ଦ୍ୱାର ଫିଟାଯାଇଥିଲା। ଏହିଠାରୁ ସବୁ ନୀତି ବିଳମ୍ବ ହୋଇଥିଲା। ରାତ୍ର ୩ଟା ୪୫ରେ ନିର୍ଘଣ୍ଟ ହୋଇଥିବା ମଙ୍ଗଳ ଆଳତି ସକାଳ ୬ଟା ୧୫ରେ ସମ୍ପନ୍ନ ହୋଇଥିଲା। ସକାଳ ସାଢେ ୭ଟାରୁ ୯ଟା ମଧ୍ୟରେ ସକାଳ ଧୂପ ନୀତି ନିର୍ଘଣ୍ଟ ହୋଇଥିଲେ ହେଁ ଏଥିରେ ୫ ଘଣ୍ଟା ବିଳମ୍ବ ହୋଇ ଅପରାହ୍ନ ୨ଟା ୧୦ରେ ଏହା ବଢିଥିଲା। ଅପରାହ୍ନ ୪ଟା ୨୦ରେ ଅବଢ଼ା ବାହାରିଥିଲା। ଫଳରେ ଏହାକୁ ନେଇ ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଜଗମୋହନ ମରାମତି ସମୟରେ ପରିମାଣିକ ଟିକେଟ ଦର୍ଶନ ଏବଂ ଭିତର କାଠ ଦର୍ଶନ ବନ୍ଦ ରହିଥିଲା। ଏହି ସମୟରେ ସେବାୟତଙ୍କୁ ଦୁଇଗୁଣା ପାଳିଆ ପୁରସ୍କାର ମିଳୁଥିଲା। ଏଥିସହ ପରିମାଣିକ ଦର୍ଶନ ଓ ପିଣ୍ଡିକାରୁ ଅଂଶଧନ ପାଉଥିବା କିଛି ସେବାୟତ ନିଯୋଗଙ୍କୁ କ୍ଷତିପୂରଣ ମଧ୍ୟ ଦିଆଯାଉଥିଲା। ଗତ ଅଗଷ୍ଟ ମାସରୁ ଏହାକୁ ବନ୍ଦ କରାଯାଇ କେବେଳ ଗୋଟିଏ ପାଳିଆ ପୁରସ୍କାର ମିଳୁଛି। ସେହିପରି ପରିମାଣିକ ଦର୍ଶନ ଓ ପିଣ୍ଡିକାରୁ ଅଂଶଧନ ପାଉଥିବା ସେବାୟତଙ୍କୁ ୫ ମାସ ହେବ କ୍ଷତିପୂରଣ ମିଳୁନାହିଁ। ଅନ୍ୟପକ୍ଷରେ କିଛି ନିଯୋଗର ସେବାୟତମାନେ ଗୋଟିଏ ପାଳିଆ ପୁରସ୍କାର ଗ୍ରହଣ କରୁନାହାନ୍ତି। ତେଣୁ ସେମାନଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶ୍ରୀମନ୍ଦିର ପ୍ରଶାସନ ଟିକେଟ ଦର୍ଶନ ଆରମ୍ଭ ହେଲେ ସେବାୟତଙ୍କୁ ସେମାନଙ୍କ ପ୍ରାପ୍ୟ ପାଉଣା ମିଳିବ ବୋଲି କହୁଛି। ହେଲେ ଏହି ଟିକେଟରୁ ସେବାୟତଙ୍କୁ କେତେ ପ୍ରତିଶତ ପ୍ରାପ୍ୟ ଦିଆଯିବ ତାହା ସ୍ପଷ୍ଟ କରୁନାହିଁ। ତେଣୁ ନୂଆବର୍ଷ ପୂର୍ବରୁ ପ୍ରଶାସନ ଏହା ସ୍ପଷ୍ଟ କରୁ ବୋଲି ସେବାୟତମାନେ ଅଡି ବସିଛନ୍ତି। ନଚେତ ସେମାନେ ପ୍ରଶାସନ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବେ। କିନ୍ତୁ ଠାକୁରଙ୍କ ସେବାପୂଜାରେ କୌଣସି ପ୍ରକାର ଅନ୍ତରାୟ ସୃଷ୍ଟି କରିବେ ନାହିଁ। ମାତ୍ର ପ୍ରଶାସନ ଯେଉଁ ନୀତି ନିର୍ଘଣ୍ଟ କରିଛି ତାହାକୁ ସେମାନେ ମାନିବେ ନାହିଁ ବୋଲି ସୂଚନା ମିଳିଛି।

ଗୁରୁବାର ନୀତି ପ୍ରଭାବିତ ସମ୍ପର୍କରେ ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ କୁହନ୍ତି, ସେମିତି କିଛି ନୀତି ପ୍ରଭାବିତ ହୋଇନାହିଁ। ପାଳିଆ ପୁରସ୍କାର ନେଇ ସେବାୟତଙ୍କ ମନରେ ସାମାନ୍ୟ ଅସନ୍ତୋଷ ରହିଛି। ଏ ନେଇ ବୁଧବାର ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଏହାର ବ୍ୟବସ୍ଥା କରାଯାଉଛି।

# ଆଜି ରିଲିଜ ହେବ 'ଶିମ୍ବା'

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

### ଫିଲ୍ମ ଫ୍ରାଇଡେ'



ଫିଲ୍ମ ଫ୍ରାଇଡେ'ରେ ଶୁକ୍ରବାର ରିଲିଜ ହେବାକୁ ଯାଉଛି ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶିତ ବହୁପ୍ରତୀକ୍ଷିତ ହିନ୍ଦୀ ଫିଲ୍ମ 'ଶିମ୍ବା'। 'ସିଙ୍ଘମ୍' ଫ୍ରାଞ୍ଚାଇଜ୍‌ର ଏହି ସ୍ପିନ୍-ଅଫ୍ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି ରଣବୀର ସିଂ ଏବଂ 'କେଦାରନାଥ' ଫେମ୍ ସାରା ଅଲ୍ଲୀ ଖାନ୍। 'ସିଙ୍ଘମ୍' ଭଳି ଏହି ଫିଲ୍ମରେ ମଧ୍ୟ ମୁଖ୍ୟ ଆକର୍ଷଣ ରହିବ ଆକ୍ସନ। ରୋହିତ ସେଟ୍ଟୀ ପିକ୍‌ଚର୍ସ ଏବଂ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'ଶିମ୍ବା'ର ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ଅକ୍ଷୟ କୁମାର, ସୋନୁ ସୁଦ୍, ଆଶୁତୋଷ ରାଣା, ବ୍ରଜେଶ ହୀରଜି, ସିଦ୍ଧାର୍ଥ ଯାଦବ, ଅରୁଣ ନାଲୱାଡେ, ଅଶ୍ୱିନୀ କଲ୍‌ସେକର ଓ ବିଜୟ ପାଟକର ଅଭିନୟ କରିଛନ୍ତି। ତେବେ ଫିଲ୍ମରେ ବାଜିରାଓ ସିଙ୍ଘମ୍ ଭୂମିକାରେ ପୁଣିଥରେ ଅଜୟ ଦେବଗନଙ୍କୁ ଦେଖିବାକୁ ମିଳିବ। ଏହାବ୍ୟତୀତ ବିଭିନ୍ନ କ୍ୟାମିଓ ରୋଲ୍‌ରେ ତୁଷାର କପୁର, କୁନାଲ ଖେମ୍ମୁ, ଶ୍ରେୟାସ ତଲ୍‌ପଡେ, ଅର୍ଶଦ ୱାର୍‌ସି, କରନ ଜୋହର ପ୍ରମୁଖ ନଜର ଆସିବେ।

ଫିଲ୍ମର ପ୍ଲଟ୍ ଅରିଜିନାଲ ଥିବାବେଳେ ଏହାର କିଛିଟା ଆକ୍ସନ ଦୃଶ୍ୟ ୨୦୧୫ରେ ରିଲିଜ ହୋଇଥିବା ତେଲୁଗୁ ଫିଲ୍ମ 'ଟେମ୍ପର୍'ରୁ ଅଣାଯାଇଛି। ୮୦କୋଟି ଟଙ୍କା ବଜେଟରେ ନିର୍ମିତ ଏହି ଫିଲ୍ମର ଗୀତଗୁଡ଼ିକୁ କମ୍ପୋଜ୍ କରିଛନ୍ତି ତନିସ୍କ ବାଗ୍‌ଚୀ, ଲିଜୋ ଜର୍ଜ ଓ ଏସ୍. ଥାମନ୍। ଏଥିରେ ରଣବୀରଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର ସଂଗ୍ରାମ ଶିମ୍ବା ଭାଲେରାଓ ଭୂମିକାରେ ଦେଖାଯାଇଥିବା ବେଳେ ପ୍ରଥମାର୍ଦ୍ଧରେ ନିଜ ପଦବୀର ଦୁରୁପଯୋଗ କରି ସେ କିଭଳି ନିଜର ସ୍ୱାର୍ଥ ପାଇଁ ଲାଭ ଉଠାଉଛନ୍ତି, ତାହା ଦେଖିବାକୁ ମିଳିବ। ହେଲେ ଫିଲ୍ମର ଦ୍ୱିତୀୟ ଭାଗରେ କାହାଣୀରେ ଟୁଇଷ୍ଟ ଆସିଛି। ନିଜ ପ୍ରିୟଜନଙ୍କ ସହ ଘଟିଥିବା ଦୁର୍ଘଟଣା ରଣବୀରଙ୍କୁ ସମ୍ପୂର୍ଣ୍ଣ ବଦଳାଇଦେଇଛି ଓ ନ୍ୟାୟ ପାଇଁ ଜଣେ ସଚ୍ଚୋଟ ପୋଲିସ ଅଫିସର ଭାବେ ସେ ସଂଘର୍ଷ କରିବା ଆରମ୍ଭ କରିଛନ୍ତି। ଏହାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ ହୋଇଛି। କେଦାରନାଥ ଭଳି ଶିମ୍ବାରେ ସାରାଙ୍କ ଅଭିନୟ ପୁଣିଥରେ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଉଛି। ରୋହିତ ସେଟ୍ଟୀଙ୍କ ଆକ୍ସନ ସିକ୍ୱେନ୍ସ ଏହାର ପ୍ଲସ୍ ପଏଣ୍ଟ ରହିବ ବୋଲି କୁହାଯାଉଛି। 'ଶିମ୍ବା'ରେ ଥିବା 'ଆଖଁ ମାରେ' ଗୀତର ରିମିକ୍ସ ପୂର୍ବରୁ ହିଟ୍ ହୋଇସାରିଥିବା ବେଳେ ଅନ୍ୟ ଗୀତଗୁଡ଼ିକ ମଧ୍ୟ ବେଶ୍ ଭଲ ରହିଛି।

# ଯନ୍ତ୍ରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ବାଜ୍ୟାପ୍ତ

**କଟକ ଅଫିସ, ୨୭।୧୨**

ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ପାରଳାଖେମୁଣ୍ଡି ଜଳସେଚନ ଉପଖଣ୍ଡର ପୂର୍ବତନ ଯନ୍ତ୍ରୀ ପଦ୍ମଚରଣ ତ୍ରିପାଠୀଙ୍କ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟର ପ୍ରାଧିକୃତ ଅଧିକାରୀ ୭/୨୦୧୩ରେ ରୁଜୁ ହୋଇଥିବା ବାଜ୍ୟାପ୍ତି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଗୁରୁବାର ତ୍ରିପାଠୀଙ୍କର ୭ ଲକ୍ଷ ୪୭ହଜାର ୭୫୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଆଦେଶ ଦେଇଛନ୍ତି। ସମ୍ପତ୍ତିଗୁଡ଼ିକ ମଧ୍ୟରେ ବ୍ରହ୍ମପୁର ବ୍ରଜରାଜନଗର ନିକଟରେ ଗୋଟିଏ କୋଠା, ବ୍ରହ୍ମପୁର ଓ ଭୁବନେଶ୍ୱର ପଟିଆ ସମେତ ଅନ୍ୟାନ୍ୟ ସ୍ଥାନରେ ଥିବା ୬ଟି ଫ୍ଲାଟ୍ ଏବଂ ବ୍ୟାଙ୍କ ଜମା ଆଦି ରହିଛି। ସୂଚନାଥାଉ କି, ତ୍ରିପାଠୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହେବା ପରେ ୧୯୯୬ ଜାନୁୟାରୀ ୬ ତାରିଖରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର, ଅଫିସ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬/୧୯୯୬) ରୁଜୁ ହୋଇଥିଲା। ମାମଲାର ତଦନ୍ତ ପରେ ୨୦୦୦ ସେପ୍ଟେମ୍ବର ୧୯ ତାରିଖରେ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ଚାର୍ଜଶିଟ୍‌ରେ ତ୍ରିପାଠୀ ୭ ଲକ୍ଷ ୪୭ ହଜାର ୭୫୨ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦର୍ଶାଯାଇଥିଲା। ଉକ୍ତ ମାମଲାରେ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ତ୍ରିପାଠୀଙ୍କୁ ୨୦୧୫ ମାର୍ଚ୍ଚ ୧୮ ତାରିଖରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତ କରିବା ପାଇଁ କୋର୍ଟରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱତନ୍ତ୍ର ପିପି ଅଜୟ ପଟ୍ଟନାୟକ ଭିଜିଲାନ୍ସ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

### ଟ୍ରାଫିକ ନିୟମ ଉଲ୍ଲଂଘନ ଆଳରେ ଟୁରିଷ୍ଟ ବସ୍ ଅଟକ
# ୪ ଘଣ୍ଟା ଭୋକରେ ରହିଲେ ଛତିଶଗଡ଼ ପର୍ଯ୍ୟଟକ

**ଭୁବନେଶ୍ୱର,୨୭।୧୨ (ବ୍ୟୁରୋ)**

- ଜେବ୍ରା କ୍ରସିଂକୁ ପଶିଯାଇଥିଲା ବସ୍
- ଖବରଦାତାଙ୍କ ହସ୍ତକ୍ଷେପ ପରେ ଛାଡ଼ିଲା



'ଅତିଥି ଦେବୋ ଭବ'ର ବାର୍ତ୍ତା ଦେଉଛି ପର୍ଯ୍ୟଟକ ବିଭାଗ। ଓଡ଼ିଶା ଆସୁଥିବା ବାହାର ପର୍ଯ୍ୟଟନ ଓ ଅତିଥିଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ପୋଲିସକୁ ମଧ୍ୟ ଶିକ୍ଷା ଦିଆଯାଉଛି। ଏପରିସ୍ଥଳେ ଗୁରୁବାର ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ପୋଲିସ ଛତିଶଗଡ଼ରୁ ଆସିଥିବା ଏକ ପର୍ଯ୍ୟଟକ ବସ୍‌କୁ ୪ ଘଣ୍ଟା ଧରି ଅଟକ ରଖିବା ଓ ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଭୋକ ଉପାସରେ ରହିଥିବା ଦେଖିବାକୁ ମିଳିଥିଲା। ଫାଇନ କାଟି ଛାଡି ଦେବାକୁ କହିଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା। ବଡ଼ ବାବୁ ଆସିଲେ ତାଙ୍କୁ କହିବ ବୋଲି କହିବାରୁ ପର୍ଯ୍ୟଟକମାନେ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଫୋନ୍ କରିଥିଲେ। ହେଲେ ରାଜ୍ୟ ବାହାରେ ଥିବା ପୋଲିସ କମିଶନର ଫୋନ୍ କଲ୍ ଉଠାଇ ନ ଥିଲେ। କେତେଜଣ ଖବରଦାତା ଏହାଦେଖି ଟ୍ରାଫିକ ପୋଲିସକୁ ପଚରାଉଚରା କରିବା ପରେ ୫ଶହ ଟଙ୍କା ଫାଇନ କାଟି ଛଡ଼ାଯାଇଥିଲା। ପର୍ଯ୍ୟଟକମାନେ ଯିବାବେଳେ ଓଡ଼ିଶା ପୋଲିସ ଏମିତି ନିର୍ଯାତନା ଦେଇଥାଏ, ଆଉ କେବେ ଓଡ଼ିଶା ଆସିବେ ନାହିଁ ବୋଲି କହି ସ୍ଥାନ ଛାଡ଼ିଥିଲେ।

କମିଶନରେଟ ପୋଲିସ ପକ୍ଷରୁ ଅନେକ ନିୟମ ଲାଗୁ କରାଯାଇଛି। କିଛିଦିନ ପରେ ଅଧିକାଂଶ ନିୟମକୁ ଲୋକେ ମାନୁନାହାନ୍ତି। ଖୋଦ୍ ପୋଲିସ ନିୟମ ଉଲ୍ଲଂଘନ କରୁଥିବା ମଧ୍ୟ ନଜିର ରହିଛି। ହେଲେ ଓଡ଼ିଶାର ନିୟମ ସମ୍ପର୍କରେ ଜାଣି ନ ଥିବା ବାହାର ରାଜ୍ୟର ଗାଡି ଡ୍ରାଇଭର ଓ ପର୍ଯ୍ୟଟକଙ୍କୁ ପୋଲିସ ସଚେତନ କରିବା ପରିବର୍ତ୍ତେ ଏଭଳି ଶୋଷଣ ଓ ନିର୍ଯାତନା ଦେଉଛି।

ସୂଚନାନୁସାରେ, ଛତିଶଗଡ଼ର ପ୍ରାୟ ୪୦ଜଣ ପର୍ଯ୍ୟଟକ ଏକ ବସ୍ (ସିଜି୧୫ଏବି୦୭୪୪)ରେ ଗତ ୨୪ ତାରିଖରୁ ଓଡିଶା ବୁଲିବାକୁ ଆସିଥିଲେ। ଗୁରୁବାର ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସକାଳ ପ୍ରାୟ ୧୧ଟାରେ ଭୁବନେଶ୍ୱର ଆସିଥିଲେ। ଏଜି ଛକ ବସ୍‌ଟି ଜେବ୍ରା କ୍ରସିଂର ସାମାନ୍ୟ ଆଗକୁ ମାଡ଼ିଯାଇଥିଲା। ଫଳରେ ଡ୍ୟୁଟିରେ ଥିବା ଟ୍ରାଫିକ ପୋଲିସ ଗାଳିଗୁଲଜ କରିବା ସହ ଉକ୍ତ ବସ୍‌କୁ ଟ୍ରାଫିକ ଥାନାକୁ ନେଇଥିଲା ବୋଲି ଡ୍ରାଇଭର ନିତ୍ୟାନନ୍ଦ ଯାଦବ କହିଛନ୍ତି। ଫାଇନ ନ କାଟି ଟ୍ରାଫିକ୍ ଥାନାରେ ଦୀର୍ଘ ସମୟ ଧରି ଅଟକାଇ ରଖିଥିଲା। ଏ ସଂକ୍ରାନ୍ତରେ ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋଙ୍କୁ ପଚାରିବାରୁ ସେ କ'ଣ ହୋଇଛି ଦେଖୁଛି ବୋଲି କହି ଏଡାଇ ଯାଇଥିଲେ।





ପ୍ରିୟଦର୍ଶିନୀ


ସୌମ୍ୟ


ପୁପୁଲ


ଶୁଭଦର୍ଶନ


ଭାବନା


ଉତ୍ତମ


ଲକ୍ଷ୍ମୀଧର


ପ୍ରଶାନ୍ତ


ସତ୍ୟବ୍ରତ


ଦିବ୍ୟେନ୍ଦୁ



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନା କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବା।

- ଟମାସ କାର୍ଲାଇଲ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓୟୁଏଟି ଓ ସତ୍ୟସାଇ ଟ୍ରଷ୍ଟ, କଟକର ମିଳିତ ଆନୁକୂଲ୍ୟରେ ଭାରତୀୟ ଜଳବାୟୁ କଂଗ୍ରେସ, ଓୟୁଏଟି ସ୍ୱାମୀନାଥନ୍ ହଲ୍, ପୂର୍ବାହ୍ନ ୧୦ଟା।
- ଦଳିତ ଅଧିକାର ସଙ୍ଗଠନ ଏବଂ ଆକ୍ସନଏଡ୍ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ବଲାଙ୍ଗୀର ଜିଲା ଅଙ୍ଗନୱାଡ଼ି କର୍ମଚାରୀଙ୍କ ଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଫଟୋଗ୍ରାଫି ପ୍ରଦର୍ଶନୀ ଉଦ୍‌ଯାପନ, ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ-୨୦୧୮, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଏଡିଏମ୍ ଅଫିସ୍, ୟୁନିଟ୍-୫, ଓପେପା ଅଫିସ୍ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲର ୪୪ତମ ବାର୍ଷିକ ଉତ୍ସବ 'ଡ୍ରିମସ୍କେପ୍-୨୦୧୮' ଉଦ୍‌ଯାପନ, ସ୍କୁଲ ପରିସର, ଅପରାହ୍ନ ୪ଟା।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ରୂପାନ୍ୱେଷ' ଏବଂ ସ୍ଲାଇଡ୍ ପ୍ରେଜେଣ୍ଟେଶନ୍ସ, ଏବିଜେଏ ଫାଉଣ୍ଡେଶନ, କେ୮/୫୪୬, କଳିଙ୍ଗ ନଗର, ବିଡିଏ ପାର୍କ ନିକଟ, ଅପରାହ୍ନ ୪ଟା।
- ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍କୁଲ ପରିସର, ଭିଏସ୍ଏସ୍ ନଗର, ଅପରାହ୍ନ ୫ଟା।
- ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗରର ବାର୍ଷିକ ଉତ୍ସବ 'ସରଞ୍ଜନା', ସ୍କୁଲ ପରିସର, ଘାଟିକିଆ, ଅପରାହ୍ନ ୫ଟା।
- ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ, କେଦାରଗୌରୀ ବିହାରର ବାର୍ଷିକ ଉତ୍ସବ, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ୧୩ତମ ତୋଷାଳୀ ଜାତୀୟ କ୍ରାଫ୍ଟସ୍ ମେଳା-୨୦୧୮ ଉଦ୍‌ଘାଟନ, ଜନତା ମଇଦାନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷା ମନ୍ଦିରର ୧୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ନହରକଣ୍ଟା କଲେଜ ଖେଳପଡ଼ିଆ, ସକାଳ ୯ଟା।
- ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପନ, ଜବାହରଲାଲ୍ ନେହେରୁ କଲେଜ, ପୂର୍ବାହ୍ନ ୧୦ଟା।

## ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ):** ଗୀତା ଜୟନ୍ତୀ ସମିତି, ବିମାନଘାଟି ଅଞ୍ଚଳ ଭୁବନେଶ୍ୱର ପକ୍ଷରୁ ଗତ ୨୧ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିମାନଘାଟି ଅଞ୍ଚଳ ଲେନ-୫ରେ ଥିବା ଅଧିଷ୍ଠାତ୍ରୀ ଦେବୀ ଚାମୁଣ୍ଡେଶ୍ୱର ମନ୍ଦିର ପୂର୍ବତଟ ନୂତନ ପଡିଆରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସ୍କୃତି ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଗୀତାଯଜ୍ଞ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ସମର୍ପିତ କରାଯିବା ସହ ପ୍ରତି ସନ୍ଧ୍ୟାରେ ସୁନାମଧନ୍ୟ କଳାକାର ଏବଂ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଏବଂ ପାଲା ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସର୍ବବୟୋଜ୍ୟେଷ୍ଠ ବ୍ୟକ୍ତି ପର୍ଶୁରାମ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଲକ୍ଷ୍ମୀସାଗର କ୍ରିକେଟ ବିନ୍ଦାସ୍, ଶହୀଦନଗର ବିଜୟୀ

**କଟକରୋଡ, ୨୭।୧୨(ଡି.ଏନ୍.ଏ.):** ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଲକ୍ଷ୍ମୀସାଗର ଦିବାରାତ୍ର ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ କଟକର ବିନ୍ଦାସ ଓ ଭୁବନେଶ୍ୱରର ଆଇଆରସି ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଇଆରସି ଟିମ୍ ଟସ୍ ଜିତି ବ୍ୟାଟିଂ ପାଇଁ ବିନ୍ଦାସ୍‌କୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ହରାଇ ବିନ୍ଦାସ ଟିମ ୧୬୯ ରନ ସଂଗ୍ରହ କରିଥିବାବେଳେ ଜବାବରେ ଆଇଆରସି ୧୬୭ ରନକରି ପରାସ୍ତ ହୋଇଥିଲା। ବିଜୟୀ ଟିମର ସ୍ୟାଣ୍ଡି ୩ଉଇକେଟ ସହ ୧୬ରନ କରି ମ୍ୟାନ ଅଫ ଦ ମ୍ୟାଚ ପାଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ ଜଗତ୍‌ସିଂହପୁରର ପାକବାନ ସହ ଭୁବନେଶ୍ୱରର ଶହୀଦନଗର ଟିମ ମଧ୍ୟରେ ହୋଇଥିଲା। ପାକବାନ ପ୍ରଥମ ବ୍ୟାଟିଂ କରି ୮ଉଇକେଟ ବିନିମୟରେ ୧୩୫ରନ କରିଥିବାବେଳେ ଶହୀଦ ନଗର ଟିମ ୧୨ଓଭରରେ ୪ଉଇକେଟ ହରାଇ ୧୩୮ ରନ କରି ବିଜୟୀ ହୋଇଥିବା କ୍ରିକେଟ କ୍ଲବ ସମ୍ପାଦକ କରୁଣାକର ରାଉତ ସୂଚନା ଦେଇଛନ୍ତି।

# ଜିରୋ ନାଇଟ୍ ପାଇଁ ୧୭ ପ୍ଲାଟୁନ ଫୋର୍ସ

**ଅଶ୍ଳୀଳ ନୃତ୍ୟକୁ ବରଦାସ୍ତ କରାଯିବନି: ଅତିରିକ୍ତ ସିପି**

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ରାଜଧାନୀରେ ପ୍ରାୟ ୧୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଏଥିସହ ସହରର ପ୍ରମୁଖ ଛକଗୁଡ଼ିକରେ ବ୍ଲକିଂ ଓ ଚେକିଂକୁ ଜୋର୍‌ଦାର କରାଯିବ। ବିଶେଷ କରି ନିଶାଗ୍ରସ୍ତଙ୍କୁ ସାବାଡ କରାଯିବ। ବ୍ଲକିଂ ହେଉଥିବା ସ୍ଥାନରେ ଗାଡି ଚାଳକ ନିଶା ସେବନ କରିଛନ୍ତି କି ନାହିଁ ଯାଞ୍ଚ କରାଯିବ। ଯେଉଁମାନେ ନିଶା ସେବନ କରିଥିବା ଧରାପଡିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ କହିଛନ୍ତି। ଅନ୍ୟ କଟକଣା ସମ୍ପର୍କରେ ସେ କହିଛନ୍ତି, ଜିରୋ ନାଇଟ୍ ସେଲିବ୍ରେଶନରେ ଅଶ୍ଳୀଳ ନୃତ୍ୟକୁ ବରଦାସ୍ତ କରାଯିବ ନାହିଁ। ଯେଉଁଠି ଅଶ୍ଳୀଳ ନୃତ୍ୟ ହେଉଥିବା ନେଇ ପ୍ରମାଣ ମିଳିବ ସେଠାରେ ଚଢାଉ କରାଯିବ। ବିଭିନ୍ନ ହୋଟେଲରେ ସାଦା ପୋଷାକଧାରୀ ପୋଲିସ ମୁତୟନ ରହିବେ। ମହିଳାଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯିବ। ଯେଉଁଠି ଅଭିଯୋଗ ଆସିବ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଗଳିକନ୍ଦିରେ ପୋଲିସ ପାଟ୍ରୋଲିଂ କରିବ। ସନ୍ଦିଗ୍ଧମାନଙ୍କୁ ଧରାଯିବ ବୋଲି ଅତିରିକ୍ତ କମିଶନର ସିଂ କହିଛନ୍ତି। ଅନ୍ୟପଟରେ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲର ବାର ଲାଇସେନ୍ସ ଯାଞ୍ଚ କରାଯିବ। ଲାଇସେନ୍ସ ନ ନେଇ ସେଲିବ୍ରେଶନର ଆୟୋଜନ କରାଯାଉଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଶାନ୍ତିଶୃଙ୍ଖଳାର ସହ ହକି ବିଶ୍ୱକପ୍‌ର ଆୟୋଜନ କରିଛି ଓଡ଼ିଶା। ଓଡ଼ିଶାର ଆତିଥ୍ୟ ଦେଶବିଦେଶର କ୍ରୀଡ଼ାବିତ୍ ଓ ସଙ୍ଗଠକମାନଙ୍କୁ ଅଭିଭୂତ କରିଥିବା ବେଳେ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି 'ସଂସ୍କୃତି ଓ ସଂସ୍କୃତି' ଏବଂ 'ସଚେତନ ନାଗରିକ ଫୋରମ୍'। ଗୁରୁବାର ଉଭୟ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୁଇ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମ୍ମାନସୂଚକ ଭାବେ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିନିଧି ଦଳରେ ଅନୁଷ୍ଠାନ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲିଙ୍କ ସହ ଲୁଟୁ ମହାନ୍ତି, ଲୋକନାଥ ଦାଶ, ଶ୍ରୀଧର ମାର୍ଥା, ରବୀନ୍ଦ୍ର ବିଶ୍ୱାଳ, ରଜନୀ ରଞ୍ଜନ ଦାଶ, ଅଲେଖ ନାୟକ, ସମୀର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ ବାର୍ଷିକ ଉତ୍ସବ 'ଡ୍ରିମ୍‌ସ୍କେପ୍-୨୦୧୮'ରେ ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଶ୍ରୀଲିଙ୍ଗରାଜ ମନ୍ଦିରକୁ ମୋ ବସ ସେବା ପାଇଁ ଦାବି

ପୁରୁଣା ଭୁବନେଶ୍ୱର, ୨୭।୧୨(ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ନିକଟକୁ ଟାଉନ ବସ ସେବା ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ନିକଟରେ ମୋ ବସ୍ ସେବା ଏଠାରୁ ଚାଲୁ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି। ୧୯୯୬-୯୭ ପର୍ଯ୍ୟନ୍ତ ପ୍ରାୟ ୩୫ ଗୋଟି ଟାଉନ ବସ ଆସୁଥିଲା। ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ପୁରୁଣା ବସଷ୍ଟାଣ୍ଡ, ପଟିଆ, ବନମାଳୀପୁର, ଜଟଣୀ, ଖୋର୍ଦ୍ଧା ଆଦି ଅଞ୍ଚଳକୁ ବସ୍ ଯାଆସ କରୁଥିଲା। ଏଥିରେ କେବଳ ଯାତ୍ରୀମାନେ ନୁହନ୍ତି ଦିନ ମଜୁରିଆ ଶ୍ରମିକ, ଚାକିରିଆ, ବ୍ୟବସାୟୀନେ ମଧ୍ୟ ସୁବିଧା ପାଉଥିଲେ। ହେଲେ ଦୀର୍ଘଦିନ ହେବ କୌଣସି କାରଣରୁ ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରକୁ ଟାଉନ ବସ୍ ଆସୁନାହିଁ। ସରକାରଙ୍କ ବିଭିନ୍ନ ଯୋଜନା ଅନେକ ସମୟରେ ଅଞ୍ଚଳ ଓ ବ୍ୟକ୍ତି ବିଶେଷ ପାଇ ପାରୁ ନ ଥିବା ବେଳେ ଏକାମ୍ର କ୍ଷେତ୍ରର ଶ୍ରୀଲିଙ୍ଗରାଜଙ୍କ ପୀଠକୁ ତୁରନ୍ତ ମୋ ବସ୍ ଭଳି ଟାଉନ ବସ ସେବା ଯୋଗାଇଦେବାକୁ ଅଞ୍ଚଳର ବନଜ ମହାରଣା, ନାରାୟଣ ବେହେରା, ସନ୍ତୋଷ ବାରିକ, ବାବୁ ସାମନ୍ତରାୟ, ପ୍ରସନ୍ନ ମହାସୁଆରଙ୍କ ଭଳି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କୁ ନାଲକୋ ସଙ୍ଗୀତ ସୁଧା ସମ୍ମାନ



ଭୁବନେଶ୍ୱର, ୨୭।୧୨

ବିଶିଷ୍ଟ ବଂଶୀ ବାଦକ ପଦ୍ମ ବିଭୂଷଣ ପଣ୍ଡିତ ହରି ପ୍ରସାଦ ଚୌରାସିଆଙ୍କୁ ନାଲକୋ ସଙ୍ଗୀତ ସୁଧା ସମ୍ମାନ ପ୍ରଦାନ କରାଯାଇଛି। ଦ୍ୱାଦଶ ଚୌଷଠି ଯୋଗିନୀ ମହୋତ୍ସବ ଅବସରରେ ନାଲ୍‌କୋ ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶାର କଳା ସଂସ୍କୃତି ବିକାଶ ପାଇଁ ନାଲ୍‌କୋ ନିରନ୍ତର ଭାବେ ପ୍ରଚେଷ୍ଟା ଜାରି ରଖିଥିବା ଚାନ୍ଦ ଏହି ଅବସରରେ ସୂଚନା ଦେଇଛନ୍ତି। ରାଜ୍ୟର ଐତିହ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

## ଶୃଙ୍ଖଳା ଛାତ୍ରୀଛାତ୍ରଙ୍କ ବ୍ରତ ହେଉ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲର ୩୩ତମ ବାର୍ଷିକ ଉତ୍ସବ ଗୁରୁବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ଅଧ୍ୟକ୍ଷ ଏନ୍.ଏସ୍. ପ୍ରସାଦ ସ୍ୱାଗତଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସିକା ତଥା ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଅଭିଭାବକମାନେ ନିଜ ପିଲାମାନଙ୍କୁ ଛୋଟବେଳୁ ଉଚ୍ଚାକାଂକ୍ଷାର ସ୍ୱପ୍ନ ଦେଖାଇବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ଏହା ବାସ୍ତବ ଜୀବନର ଏକ ପ୍ରମୁଖ ଅଂଶ। ଶୃଙ୍ଖଳା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଜୀବନର ପରମବ୍ରତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଡିନ୍ ସଞ୍ଜୟ କୁମାର ଶତପଥୀ ଯୋଗଦେଇ ଶିକ୍ଷାରେ ଶୃଙ୍ଖଳା ଓ ଅନୁଶାସନ ରହିବା ଦରକାର ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦିକା ଡ. ବୀଣାପାଣି ରଥ, ଟ୍ରଷ୍ଟି ଶୋଭାକର ଦାସ ଫତେସିଂ ଓ ବୀଣା ମହାପାତ୍ର ଉପସ୍ଥିତ ଥିଲେ। କିଶୁଚାନ୍ଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଭ୍ରମଣ ମାଧ୍ୟମରେ ଶିକ୍ଷା ପ୍ରଦାନ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)




ଶିକ୍ଷା ବିକାଶ ଯାତ୍ରାରେ ସାମିଲ ହୋଇଥିବା ପିଲା ଓ ଅନ୍ୟମାନେ।

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ 'ଲିଟିଲ୍ ଷ୍ଟାର୍ ଗ୍ରୁପ୍' ପକ୍ଷରୁ ଚତୁର୍ଦ୍ଦଶ ଶିକ୍ଷା ବିକାଶ ଯାତ୍ରା ଗୁରୁବାର ସ୍ଥାନୀୟ ସୂର୍ଯ୍ୟନଗରଠାରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଭ୍ରମଣ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନ ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ନିମାପଡ଼ାରୁ ୪୦ଜଣିଆ ଶିଶୁ ପ୍ରତିନିଧି ଦଳ ଆସି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏବଂ ଏକ ବିସ୍କୁଟ୍ କମ୍ପାନୀ ପରିଦର୍ଶନ କରିଥିଲେ। ଏହି ଅବସରରେ ଏକ ଭାବବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏଥିରେ ଚଳଚ୍ଚିତ୍ର ଅଭିନେତ୍ରୀ ତଥା 'ଅପେରା ମିସ୍ ୱାର୍ଲଡ ୨୦୧୮' ବିଜୟିନୀ ପୁପୁଲ୍ ଭୂୟାଁ ଯୋଗଦେଇଥିଲେ। ସୁମନ୍ତ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଧୀର କୁମାର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ହରପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

## ଭୁଜାଲିରେ ଆକ୍ରମଣ ଘଟଣା: ଜଣେ ଗିରଫ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ଶହୀଦନଗର ଥାନା ଅଧୀନ କୁଆଖାଇ ନଦୀ କୂଳରେ ଜଣେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଟଙ୍କପାଣିରୋଡ଼ ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ବାଙ୍କୁଆଳ ଅଞ୍ଚଳର ସାଗର ସ୍ୱାଇଁ। ସୂଚନା ମୁତାବକ, ବଡ଼ଗଡ଼ ଅଞ୍ଚଳର ଦୀପକ ରଞ୍ଜନ ପାତ୍ର ଗତ ଅକ୍ଟୋବର ୧୦ତାରିଖ ଅପରାହ୍ନରେ କଟକରୁ ଘରକୁ ଫେରୁଥିଲେ। କୁଆଖାଇ ନଦୀକୂଳରେ ସାଗର ଏବଂ ତାଙ୍କର ସହଯୋଗୀମାନେ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଅଟକାଇଥିଲେ। ଏ ନେଇ ଦୀପକ ତାଙ୍କୁ ବିରୋଧ କରିବାରୁ ତାଙ୍କ ହାତ ଏବଂ ପିଠିକୁ ସାଗର ଓ ତାଙ୍କ ସାଙ୍ଗମାନେ ଭୁଜାଲିରେ ଆକ୍ରମଣ କରି ତାଙ୍କ ବାଇକ୍‌କୁ ଭଙ୍ଗାରୁଜା କରି ଫେରାର ହୋଇଯାଇଥିଲେ। ଏ ନେଇ ଦୀପକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୯୩/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସାଗରଙ୍କୁ ପଚରାଉଚରା କରିବା ପରେ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ନେଇ ଚଢ଼ାଉ ଆରମ୍ଭ କରିଛି।

## ବିପିୟୁଟିର ଗବେଷଣାଭିତ୍ତିକ କର୍ମଶାଳା




ଭୁବନେଶ୍ୱର, ୨୭।୧୨

ବିପିୟୁଟି ପକ୍ଷରୁ ବୈଷୟିକ ଗବେଷଣାଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହା ଟିଇକ୍ୟୁଆଇପି ଆନୁକୂଲ୍ୟରେ ସମ୍ବଲପୁରଠାରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଏମ୍‌ୟୁ କୁଳପତି ପ୍ରଫେସର ଅତନୁ ପତି, ସମ୍ମାନିତ ଅତିଥି ଭାବେ ବେଦାନ୍ତ ସିଇଓ ଅଭିଜିତ ପତି, ବିପିୟୁଟି କୁଳପତି ତଥା ଉତ୍ତରାଞ୍ଚଳ ଆରଡିସି ଡିଭି ସ୍ୱାମୀ, ପାଠ୍ୟକ୍ରମ ନିର୍ଦ୍ଦେଶକ ଡ. ପାର୍ଥ ସରକାର, ନିଯୁକ୍ତି ନିର୍ଦ୍ଦେଶକ ଡ. ମୋତିଲାଲ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଂପ୍ରତି ବୈଷୟିକ ଶିକ୍ଷା କ୍ଷେତ୍ରରେ ରାଜ୍ୟରେ କିଭଳି ପରିବର୍ତ୍ତନ ଆସିବା ଆବଶ୍ୟକ ସେ ଉପରେ ଡିଭି ସ୍ୱାମୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିପିୟୁଟି ଏବଂ ବେଦାନ୍ତ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। କର୍ମଶାଳାରେ ନିସ୍ଟ ବ୍ରହ୍ମପୁରର ନିର୍ଦ୍ଦେଶକ ଡ. ଅଜିତ ପଣ୍ଡା, ଜିଏମ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଜି.ଏନ୍. ଦାଶ, ଭିସୁଟ ବୁର୍ଲାର ଡ. ସଞ୍ଜୟ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବୈଷୟିକ କଲେଜରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ମରଣାନ୍ତକ ଆକ୍ରମଣ ଘଟଣାରେ ୩ ଗିରଫ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ):** ଶହୀଦନଗର ଥାନା ଅଧୀନ ବାୟାବାବା ମଠ ଅଞ୍ଚଳରେ ଗୋଟିଏ ପରିବାରକୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାୟାବାବା ମଠ ଅଞ୍ଚଳର ସୁଶାନ୍ତ ଜେନା, କେଶବ ଜେନା ଓ ରିନା ଜେନା। ବାୟା ବାବା ମଠ ନିକଟରେ ନୀଳକଣ୍ଠ ବେହେରାଙ୍କ ପରିବାର ରହୁଥିବା ବେଳେ ପଡ଼ୋଶୀ ସୁଶାନ୍ତଙ୍କ ସହ ତାଙ୍କର ବିବାଦ ରହିଥିଲା। ଏ ନେଇ ବୁଧବାର ସାମାନ୍ୟ ଗାଡି ପାର୍କିଂକୁ ନେଇ ଦୁଇ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସୁଶାନ୍ତଙ୍କ ସମର୍ଥକମାନେ ବାଇକ୍‌ରେ ଆସି ନୀଳକଣ୍ଠଙ୍କ ପରିବାରକୁ ଆକ୍ରମଣ କରିଥିଲେ। ପଡୋଶୀଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ଆହତମାନଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ନୀଳକଣ୍ଠଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୫୬୨/୧୮ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ୧୩ତମ ହେମଲତା ଓରାସନ୍

ଭୁବନେଶ୍ୱର, ୨୭।୧୨

ହେମଲତା ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ୧୩ତମ ହେମଲତା ଓରାସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେନ୍ନାଇର ଆଦ୍ୟାରସ୍ଥିତ କ୍ୟାନସର ଇନଷ୍ଟିଚ୍ୟୁଟର ଉପସଭାପତି ତଥା ବିଶିଷ୍ଟ ସର୍ଜିକାଲ ଅନକୋଲୋଜିଷ୍ଟ ବିଶେଷଜ୍ଞ ଡା.ଇ. ହେମନ୍ତ ରାଜ୍ ଏହି ଅବସରରେ 'ମେକିଙ୍ଗ ଅଫ୍ ଆନ୍ ଅନ୍‌କୋଲୋଜିଷ୍ଟ' ପ୍ରସଙ୍ଗରେ ଅଭିଭାଷଣ ରଖିଥିଲେ। ୧୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ହେମଲତା ହସ୍ପିଟାଲ ଗୁଣବତ୍ତା ଚିକିତ୍ସା ସେବା ଯୋଗାଣ ଧାରା ଜାରି ରଖିଥିବା ପ୍ରତିଷ୍ଠାନର ଏମ୍‌ଡି ଡା.ଏ. କେ. ରଥ ସୂଚନା ଦେଇଛନ୍ତି।



ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ୧୯୯୧ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଖଣ୍ଡଗିରି ନିକଟ ଜୟଦେବ ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆବାହକ ସୌରଭ, ଶ୍ୟାମାପ୍ରସାଦ, ସୁନନ୍ଦା, ବନ୍ଦିତା, ସୋନାଲି, ଆଲୋକେନ୍ଦୁ, ଦୀପକ, ରମା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**■ ଧଉଳି ଥାନା ଅଞ୍ଚଳରେ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ**

## ଯୁବତୀଙ୍କୁ ମାରଣାସ୍ତ୍ର ଦେଖାଇ ଚୋରି

**ଦୁଇଟି ଘଟଣାର ସୁରାକ୍ ପାଇ ପୋଲିସ ଚୁପ**

ପୁରୁଣା ଭୁବନେଶ୍ୱର, ୨୭।୧୨(ଡି.ଏନ.ଏ.)

ଧଉଳି ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ୩ ଦିନରେ ତିନୋଟି ଚୋରି ଓ ରାହାଜାନି ଲୋକଙ୍କୁ ନିଦ ହଜାଇ ଦେଇଛି। କମିଶନରେଟ୍ ପୋଲିସ କିନ୍ତୁ ଲୁଟେରାଙ୍କ ସୁରାକ ପାଇ ଚୁପ ହୋଇ ବସିଛି। ଯାହାକୁ ନେଇ ସାଧାରଣରେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୁଧବାର ଏହି ଥାନା ଅଧୀନ ଲିଙ୍ଗିପୁର ବାଇପାସ ନିକଟ ଜୟକୃଷ୍ଣ ନଗର ଅଞ୍ଚଳରେ ଭଡାରେ ରହୁଥିବା ଯୁବତୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା।

ପୂଜାରାଣୀ ବେଉରିଆ ଏଠାରେ ନିଜ ଭଉଣୀଭିଣୋଇଙ୍କ ପାଖରେ ରହୁଥିଲେ। ଘଟଣା ଦିନ ତାଙ୍କର ଭିଣୋଇ ଚାକିରି କାର୍ଯ୍ୟରେ ବାହାରରେ ରହୁଥିଲେ। ଦୁର୍ବୃତ୍ତ ଜଣକ ପାଚେରି ଡେଇଁ ଝରକା ତାଡିଥିଲେ। ପରେ ପୂଜାରାଣୀ ଶୋଇଥିବା ବେଡରୁମ କବାଟ ତାଡି ଘର ଭିତରେ ପଶିଥିଲେ। ପୂଜାରାଣୀଙ୍କୁ ମାରଣାସ୍ତ୍ର ଦେଖାଇ ଆଲମିରା ଚାବି ମାଗିଥିଲେ। ସେ ମନା କରିବାରୁ ଘରର ଆଲୁଅ ବନ୍ଦ କରି ଦେଇ ମାରଣାସ୍ତ୍ରରେ ଆଲମିରା ତାଡିଥିଲେ। ଦୁର୍ବୃତ୍ତ ସେଥିରୁ ୨ ହଳ ସୁନାଚୁଡି, ହଳେ ସୁନା ଶଙ୍ଖା, ୪ ହଳ କାନଫୁଲ, ଗୋଟିଏ ମଙ୍ଗଳସୂତ୍ର, ୨ ହଳ ରୁପା ପାଉଁଜି ଏବଂ ୪୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଗଲାବେଳେ ଗ୍ରୀଲ୍ ବାଟେ ପୂଜାରାଣୀଙ୍କୁ ତାଙ୍କ ମୋବାଇଲକୁ ଫେରାଇ ଦେଇଥିଲେ। ସେହିଭଳି ମଙ୍ଗଳବାର ରାତିରେ ଇନ୍ଦିରା ହାଉସିଂ କଲୋନୀରେ ରହୁଥିବା ପ୍ରଣବ କୁମାର ମହାନ୍ତିଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିଲା। ସେହିଭଳି ବିଜୟ ବିହାରରେ କୋଣାର୍କ ଅଞ୍ଚଳର ଭଡାରେ ରହୁଥିବା ଜଣେ ବ୍ୟକ୍ତି ସୋମବାର ସକାଳ ସାଢେ ୧୦ଟାରେ ଠାକୁର ପୂଜା କରୁଥିବାବେଳେ ଅନ୍ୟ ଘର ଟେବୁଲ ଉପରେ ଥିବା ଏକ ଦାମୀ ମୋବାଇଲ ଦୁର୍ବୃତ୍ତ ନେଇ ଚମ୍ପଟ ମାରିଥିଲେ। ଉଭୟ ଘଟଣାରେ ଦୁର୍ବୃତ୍ତଙ୍କ କାରନାମା ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ପୋଲିସ ଏଭଳି ସୁରାକ ପାଇବା ପରେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହେବା ପାରିବାପଣିଆକୁ ପଦାରେ ପକାଇଛି।



ଦିଲ୍ଲୀ ଓ ଉତ୍ତରପ୍ରଦେଶର ୧୭ଟି ସ୍ଥାନରେ ବୁଧବାର ଏନ୍‌ଆଇଏର ଚଢ଼ାଉରେ ଗିରଫ ହୋଇଥିବା ୧୨ ସନ୍ଦିଗ୍ଧ ଆଇଏସ୍ ଅନୁବନ୍ଧିତ ହରକତ୍-ଉଲ୍-ଇ-ଇସ୍‌ଲାମ ସଦସ୍ୟଙ୍କୁ ଦିଲ୍ଲୀ କୋର୍ଟ ଗୁରୁବାର ଜାନୁୟାରୀ ୮ ତାରିଖ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇଛନ୍ତି। ସେମାନଙ୍କୁ ୧୫ ଦିନ ହାଜତକୁ ନେବାକୁ ଏନ୍‌ଆଇଏ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା।

# ‘ଗବେଷଣା ତୃଣମୂଳରେ ପହଞ୍ଚିବାର ଆବଶ୍ୟକତା ରହିଛି’

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ବିଜ୍ଞାନ ଏବଂ ସମାଜ ବିଜ୍ଞାନରେ ଗବେଷଣା ଦେଶର ତୃଣମୂଳସ୍ତରରେ ପହଞ୍ଚିବା ଉଚିତ। ସମାଜ ବିଜ୍ଞାନରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିବାର ଆବଶ୍ୟକତା ରହିଛି। କିଟ୍ ପରିସରରେ ଗୁରୁବାର ଆୟୋଜିତ ୪୨ତମ ସର୍ବଭାରତୀୟ ସୋସିଆଲ ସାଇନ୍ସ କଂଗ୍ରେସ(ଆଇଏସ୍ଏସ୍‌ସି)ରେ ଯୋଗଦେଇ ମଣିପୁର ରାଜ୍ୟପାଳ ନଜ୍‌ମା ହେପତୁଲ୍ଲା ଏହି କଥା କହିଛନ୍ତି।

ନଜ୍‌ମା କହିଛନ୍ତି ଯେ, ବିଜ୍ଞାନ ଏବଂ ସମାଜ ବିଜ୍ଞାନର ସମସ୍ତ ଶାଖାକୁ ଗୋଟିଏ ଛତା ତଳକୁ ଆଣିବା ଆବଶ୍ୟକ। ଦେଶର କୋଣ ଅନୁକୋଣରେ ବିଜ୍ଞାନ ଏବଂ ସମାଜ ବିଜ୍ଞାନର ବାର୍ତ୍ତା ପହଞ୍ଚାଇବାର ଆବଶ୍ୟକତା ରହିଛି। ସମାଜ ବିଜ୍ଞାନୀମାନେ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

‘ହ୍ୟୁମାନ ଫିଚର ଇନ୍ ଡିଜିଟାଲ ଏରା’ ଚଳିତ ବର୍ଷ ଏହି କଂଗ୍ରେସର ବାର୍ତ୍ତା ରହିଛି। ଏଥିରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଗବେଷଣାକାରୀ ଭାଗ ନେଇଛନ୍ତି। ୫ ଦିନ ଚାଲିବାକୁ ଥିବା ଏହି କଂଗ୍ରେସରେ ୨୮ ବିଷୟଭିତ୍ତିକ କମିଟି, ୨୧ ଆନ୍ତଃଶୃଙ୍ଖଳା ଥେମାଟିକ୍ ପ୍ୟାନେଲ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଇଣ୍ଡିଆନ ସୋସିଆଲ ସାଇନ୍ସ ଏକାଡେମୀର ସଭାପତି ପ୍ରଫେସର ବିନୋଦ ଚନ୍ଦ୍ର ଅଗ୍ରୱାଲ ଥିମ୍ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ସେହିପରି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବୈଜ୍ଞାନିକ ତଥା ଆଇବିଏସ୍‌ଡିର ନିର୍ଦ୍ଦେଶକ ପ୍ରଫେସର ଦୀନବନ୍ଧୁ ସାହୁ କହିଛନ୍ତି ଯେ, ବିଜ୍ଞାନ ଏବଂ ସମାଜ ବିଜ୍ଞାନ ପରସ୍ପରଠାରୁ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ପିପିଲି ପୀଡ଼ିତାଙ୍କ ପରିବାରକୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା

# ୭ଦିନିଆ ଆନ୍ଦୋଳନକୁ ଓହ୍ଲାଇବ ଭାଜପା

ଭୁବନେଶ୍ୱର,୨୭।୧୨ (ବ୍ୟୁରୋ)

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିବାଦୀୟ ବୟାନକୁ ନେଇ ଭାଜପା ମହିଳା ମୋର୍ଚ୍ଚା ଦୃଢ଼ ନିନ୍ଦା କରିଛି। ଗୁରୁବାର ସକାଳେ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପୀଡିତାଙ୍କ ଘର ପିପିଲି ଅର୍ଜ୍ଜୁନଗୋଦା ଗାଁକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା, ନେତ୍ରୀ ଅପରାଜିତା ଷଡ଼ଙ୍ଗୀ, ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଥିଲେ। ସେମାନେ ପୀଡିତାଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେବା ସହ ନ୍ୟାୟ ପାଇଁ ଭାଜପା ମହିଳା ମୋର୍ଚ୍ଚା ଲଢେଇ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପରିଡ଼ାଙ୍କ ନେତୃତ୍ୱରେ ୩ଶହରୁ ଉର୍ଦ୍ଧ୍ୱ ମହିଳା କର୍ମୀ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିଲେ। ମନ୍ତ୍ରୀ ମହାରଥୀଙ୍କ ବାସଭବନ ପୂର୍ବରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ବିଭିନ୍ନ ନାରାବାଜି ଦେଇଥିଲେ।

ପ୍ରଭାତୀ ପରିଡା କହିଛନ୍ତି, ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ସମସ୍ତ ଦୋଷୀ ପ୍ରଦୀପ ମହାରଥୀଙ୍କ ଭଳି ବାହୁବଳି ମନ୍ତ୍ରୀମାନଙ୍କ ବାହୁଛାୟା ତଳେ ରହି ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମନ୍ତ୍ରୀଙ୍କ ବୟାନ ସମସ୍ତ ମହିଳା ସମାଜ ପ୍ରତି ଅସମ୍ମାନ। ତେଣୁ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। ଏଥିପାଇଁ ଲଗାତର ୭ ଦିନ ଧରି ରାଜ୍ୟ ସାରା ଆନ୍ଦୋଳନ କରାଯିବ। ପୀଡିତାଙ୍କ ପରିବାରକୁ ନ୍ୟାୟ ଓ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜୋର୍‌ଦାର ହେବ। ଏବେ ପୀଡିତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଦରକାର। ପୀଡିତାଙ୍କ ମା’ ସିବିଆଇ ତଦନ୍ତ ଓ ଝିଅକୁ ନ୍ୟାୟ ମିଳୁ ବୋଲି କହିଛନ୍ତି। ତଦନ୍ତ ଆଳରେ ଶାସକ ଦଳ କ୍ରାଇମବ୍ରାଞ୍ଚକୁ ଲଗାଇ ପ୍ରମାଣ ନଷ୍ଟ କରୁଛି ବୋଲି ପ୍ରଭାତି ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ଲୋକଙ୍କ ପାଖରୁ ବିରୋଧୀ ଦୂରେଇ ଗଲେଣି। ସେମାନଙ୍କ ପାଖରେ କିଛି କାର୍ଯ୍ୟକ୍ରମ ନାହିଁ। ଅସୂୟା ମନୋଭାବ ରଖି ବିରୋଧୀ ଏଭଳି ଇସ୍ୟୁକୁ ଡେଇଁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।




ପିପିଲି ବେବିନା ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଏବଂ ଦୋଷୀକୁ କଠୋର ଦଣ୍ଡ ଦାବିରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା
- କ୍ରାଇମବ୍ରାଞ୍ଚ ଆଳରେ ପ୍ରମାଣ ନଷ୍ଟ କରାଯାଉଛି : ପ୍ରଭାତୀ ପରିଡ଼ା

# ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ଟ୍ରେଲର ରିଲିଜ୍



**ମୁମ୍ବାଇ:** ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର’ ଫିଲ୍ମର ଟ୍ରେଲର ଗୁରୁବାର ରିଲିଜ ହୋଇଛି। ମନମୋହନ ସିଂ ତାଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ କିପରି ସଖୀ କଣ୍ଢେଇ ଭଳି ଭୂମିକା ନିର୍ବାହ କରୁଥିଲେ ତାହାକୁ ନିର୍ଦ୍ଦେଶକ ହଁସଲ ମେହେଟ୍ଟା ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ଉକ୍ତ ଫିଲ୍ମରେ ମନମୋହନ ସିଂ ଭୂମିକାରେ ଅନୁପମ ଖେର ଅଭିନୟ କରିଛନ୍ତି। ମନମୋହନଙ୍କ ଅନୁରୂପ ସ୍ୱର ଏବଂ ପଗଡି ଥାଇ ଉକ୍ତ ଚରିତ୍ର ଖୁବ୍ ପ୍ରଭାବଶାଳୀ ହୋଇପାରିଛି। ଅପରପକ୍ଷରେ କଂଗ୍ରେସ ମୁଖ୍ୟ ସୋନିଆ ଗାନ୍ଧୀ ଏବଂ ତାଙ୍କ ପୁତ୍ର ରାହୁଲ ସମ୍ପୂର୍ଣ୍ଣ ଧୂର୍ତ୍ତ ଭୂମିକାରେ ଅଭିନୟ କରିଛନ୍ତି। ସୋନିଆ ଗାନ୍ଧୀ ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ସୁଜାନେ ବର୍ନର୍ଟ ଜଣେ ତ୍ୟାଗପୂତ, ନମ୍ର, ଦେଶପ୍ରେମୀ ଏବଂ ମଧୁରଭାଷୀ ବ୍ୟକ୍ତିତ୍ୱ ମନମୋହନ ସିଂଙ୍କୁ କହନ୍ତି, ‘ଦଳ ଅନେକ ଦୁର୍ନୀତିରେ ବୁଡ଼ି ରହିଥିବା ବେଳେ ବର୍ତ୍ତମାନ କିପରି ନିଜ ପଦରୁ ଇସ୍ତଫା ଦେବାକୁ ଇଚ୍ଛା କରୁଛନ୍ତି। ବର୍ତ୍ତମାନ ରାହୁଲ ଦାୟିତ୍ୱ ନେବାର ସମୟ ନୁହେଁ।’

ତେଣୁ ମନମୋହନ ସିଂଙ୍କୁ ସୋନିଆ କାହିଁକି ପ୍ରଧାନମନ୍ତ୍ରୀ ପଦ ଛାଡ଼ିଦେଇଥିଲେ ତାହା ଏଥିରୁ ସ୍ପଷ୍ଟ ହୁଏ ବୋଲି ଫିଲ୍ମରେ ଦର୍ଶାଯାଇଛି। ଏଥିରେ ରାହୁଲ ଗାନ୍ଧୀ ଭୂମିକାରେ ଅର୍ଜ୍ଜୁନ ମାଥୁର ଏବଂ ପ୍ରିୟଙ୍କା ଗାନ୍ଧୀ ଭୂମିକାରେ ଆହାନା କୁମ୍ରା ଅଭିନୟ କରିଛନ୍ତି। ଉକ୍ତ ଅଭିନୟରେ ରାହୁଲ ଓ ପ୍ରିୟଙ୍କାଙ୍କ ବାସ୍ତବ ଜୀବନର ଛବି ପ୍ରତିଫଳିତ ହୋଇଛି। ଫିଲ୍ମ ‘ଠାକ୍‌ରେ’ର ଟ୍ରେଲର ରିଲିଜ ହେବାର ଦିନକ ପରେ ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ଟ୍ରେଲର ରିଲିଜ ହୋଇଛି। ଜନମତକୁ ପ୍ରଭାବିତ କରିବା ଭଳି ବାର୍ତ୍ତା ରହିଥିବା ଉଭୟ ସିନେମାରେ ରାଜନୀତି ଅପେକ୍ଷା ଗଣତନ୍ତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଉକ୍ତ ସିନେମା ୨୦୧୯ ଜାନୁୟାରୀ ୧୧ରେ ରିଲିଜ ହେବାକୁ ଯାଉଛି।


**ODISHA STATE AGRICULTURAL MARKETING BOARD**
**PLOT NO.-1800(P), NEAR RAMAMANI INDIAN OIL PETROL PUMP, BARAMUNDA, KHANDAGIRI, BHUBANESWAR-751030, ODISHA**
**E-Mail ID:** kalia.osamb@gmail.com

**Notice No.:** 3828/MKT **Date:** 27.12.2018

**Expression of Interest (EOI)**

**For Empanelment of Agency for Providing Technical Manpower**

1. Odisha State Agricultural Marketing Board (OSAMB) invites applications from interested agencies for the above mentioned purpose. Please refer the EOI document for details.
2. The EOI document shall be available from **28.12.2018** onwards in following web portal: **http://www.osamboard.org**. Any further intimation (i.e. Corrigendum / Addendum / response to queries / clarifications) shall be uploaded in the above websites only.
3. The Last date of submission of application is **10.01.2019 by 3.00 P.M.** and shall be opened on **10.01.2019 at 4.00 P.M.**
4. In case of any queries/clarifications, please contact in our official mail id. kalia.osamb@gmail.com before **5:00 PM on 03.01.2019.**
5. OSAMB reserves the right to accept or reject EOI process without assigning any reasons thereof.

**General Manager**
Odisha State Agricultural Marketing Board

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**WITHDRAWAL NOTIFICATION**

No. RDM-LAA-BLS-0015-2016/ 30670 R&DM, dated 20 Aug 2018

No.III-75: In exercise of the powers conferred by Section 93 (1) of the Right to Fair Compensation and Transparency in Land Acquistion, Rehabilitation & Resettlement Act, 2013, the State Gvoernment do hereby withdraw Ac.0.24 dec. (2nd withdrawal) of land out of Ac. 25.105 acres of land notified in Revenue & DM Department Notification No.28612 dated 16.09.2016 published in the extraordinary issue of the Odisha Gazette No.1843 dated 22.10.2016 for construction of Salandi Left Bank canal under Anandapur Barrage Project in village- **Gobindpur**, P.S- Soro No.52, Tahasil- Soro, District- Balasore as per the land schedule is given below on which possession has not been taken.

**Land Schedule**

| Khata No. | Plot No. | Acquired area (In Acres) | Area to be withdrawn (In Acres) |
|---|---|---|---|
| 264 | 381 | 0.24 | 0.24 |
| Total | | | 0.24 |

By order of the Governor
**Sd./- Joint Secretary to Govt.**

**LAND DETAILS**
**Name of the Canal: SALANDI LEFT MAIN CANAL**

| Sl. No. | District | Tahasil | Village | Khata No. | Plot No. | Total area (Ac.) | Area under Acquisition during 11(1) (Ac.) | Area propossed to be withdrawn (Ac.) | Remaining area under Acquisition (Ac.) | Classification of land | Name of record Raiyat | Ramarks |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 01 | Balasore | Soro | Gobindpur | 264 | 381 | 0.76 | 0.24 | 0.24 | 0.00 (Nil) | Gharabari | Laxmidhara Rout, S/o- Shachindra Rout, Caste- Khandayata, Village- Nijagaon | |

Color portion in the attached map shows the area proposed to be withdrawn.
24001/14/0458/1819 **Sd./- Executive Engineer, Markona Canal Division, Markona**

DADLS-226

**ରାଜ୍ୟସ୍ତରୀୟ ବୀରତା ଦିବସ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୩୧.୧୨.୨୦୧୮ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ – ମଧ୍ୟାହ୍ନ ୧୨ ଘଟିକା**
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା :** **ସମୟ – ଅପରାହ୍ନ ୨ ଘଟିକା**
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୩୧.୧୨.୨୦୧୮ରିଖ ସନ୍ଧ୍ୟା ୫.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
15001/13/0514/1819 **ସୂଚନା ଓ ଲୋକସମ୍ପର୍କ ବିଭାଗ**

**OFFICE OF THE EXECUTIVE ENGINEER**
**RWS&S DIVISION, PURI – 752002**
Phone (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 80 /2018-19**

No.1272-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 3(Three) |
| 2. | Time for completion: | Six months |
| 3. | Cost of bidding document: | Rs.10000/- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17 hour of 29.12.2018 to 17.00 hours of 14.01.2019 |
| 6. | Last date and time for seeking clarification: | 17.00 hours of 07.01.2019 |
| 7. | Date & time of opening of technical bids: | On dt 15.01.2019 at 12.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

**Sd./- Executive Engineer, RWS&S Division, Puri**
25017/11/0096/1819

**NOTIFICATION**

No.124-MM: This is for information of all concerned that the following Forest -Roads of Koraput Forest Division will remain closed to traffic on 30.12.2018 from 0 hour to 24 hours in accordance with Rule 284 of Orissa Forest Department Code, 1979. The movement of traffic of the date and time specified above will be violation of Section 26 of Orissa Forest Act, 1972 and hence will be liable for prosecution.

| Sl. No. | Name of the Forest Road | Name of the Range | Length In KM |
|---|---|---|---|
| 1 | 2 | 3 | 4 |
| 1. | Narayanpatna to Debri | Narayanpatna | 13.3 |
| 2. | Palaput to Khilua | Narayanpatna | 9.6 |
| 3. | Ambaguda to Paramjholla | Narayanpatna | 7.0 |
| 4. | Chidivalsa to Kaspavalsa | Narayanpatna | 16.0 |
| 5. | Chidivalsa to Jeykota | Narayanpatna | 10.0 |
| 6. | Sakilova to Almonda | Narayanpatna | 5.6 |
| 7. | Revatiguda to A.P.Boarder | Narayanpatna | 4.0 |
| 8. | Kaspavalsa to A.P.Boarder | Narayanpatna | 4.0 |
| 9. | Chidibalsa to Hukumpeta | Narayanpatna | 2.0 |
| 10. | Kakriguma to Deomali | Laxmipur | 6.4 |
| 11. | Koraput, FRH | Koraput | 0.6 |
| 12. | Approach Road to Divisional Office | Koraput | 0.269 |
| | | Total= | 78.769 KMs. |

**Sd./- Divisional Forest Officer, Koraput Division**
08067/11/0001/1819

See Career Appointment on every Wednesday & Saturday

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No. RDM-LAA-MBJ-0041-2017/ 34139 R&DM, Dated 10.09.2018**

**No. XXI-103:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା– **କପଣ୍ଡରା**, ଥାନା– କରଞ୍ଜିଆ ନଂ.୧୩୯, ତହସିଲ– କରଞ୍ଜିଆ, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନସୂଚୀତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୧୯୨୭୭, ତା୧୬।୦୬।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା– **କପଣ୍ଡରା**, ଥାନା– କରଞ୍ଜିଆ ନଂ.-୧୩୯, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ–କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ– କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କପଣ୍ଡରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୯.୮୩ | ଏ. ୨.୧୭ | ଏଥିସହିତ ସଂଲଗ୍ନ |

**ତଫସିଲ–ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ– କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ: ୩୦।୧୨।୨୦୧୭**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

**ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନଃବସତି ଅଧିକାରୀ**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

ମୌଜା: କପଣ୍ଡରା

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ଏରିଆ | ଅଧିସୂଚିତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୬ | ୧୫୬ | ୦.୮୦ | ୦.୨୦ | ଶାରଦ ତିନି | କାମିନିକାନ୍ତ ମହାନ୍ତ, ପି: ଠାକୁର ଦାସ ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| ୨ | ୯ | ୧୬୯ | ୨.୩୭ | ୦.୦୫ | ଡାହି ଏକ | କୃଷ୍ଣଚନ୍ଦ୍ର ମହାନ୍ତ, ପି: ବୁକା ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| ୩ | ୧୨ | ୧୫୬/ ୫୦୪ | ୦.୯୨ | ୦.୧୩ | ଶାରଦ ତିନି | ଗୋକୁଳ ଚନ୍ଦ୍ର ମହାନ୍ତ, ପି: ଦୋଳଗୋବିନ୍ଦ ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| ୪ | ୨୯ | ୧୩୬ | ୦.୫୭ | ୦.୧୫ | ଶାରଦ ଦୁଇ | ଦଶରଥ ବାରିକ, ପି: କୁଞ୍ଜ ବାରିକ, ଶକୁନ୍ତଳା ବାରିକ, ସ୍ୱା: କୁଞ୍ଜ ବାରିକ, ବା: କୋଳିପଶି, ଜା: ଭଣ୍ଡାରୀ | |
| ୫ | ୪୪ | ୧୩୫ | ୧.୩୧ | ୦.୧୪ | ଶାରଦ ଦୁଇ | ପ୍ରଶାନ୍ତ କୁମାର ମହାନ୍ତ, ରମାକାନ୍ତ ମହାନ୍ତ, ପି: ଗୋକୁଳ ଚନ୍ଦ୍ର ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| ୬ | ୪୭ | ୧୫୭ | ୦.୯୯ | ୦.୧୫ | ଶାରଦ ଦୁଇ | ବଉଳ ମହାନ୍ତ, ସ୍ୱା: ରମେଶ ଚନ୍ଦ୍ର ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| ୭ | ୫୧ | ୧୯୪ | ୦.୬୭ | ୦.୦୯ | ଡାହି ଏକ | ବିଜୟ ସର୍ଦ୍ଦାର, ପି: ନିମାଇ ସର୍ଦ୍ଦାର, ବା: ଜଶିପୁର, ଜା: ଭୂମିଜ | ନିରଂଶ ପକ୍ଷେ, ଜ.ଦ.– ଶରତ ଚନ୍ଦ୍ର ମହାନ୍ତ, ପି– ଯୋଗେଶ୍ୱର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮ | ୬୭ | ୧୨୪ | ୦.୬୩ | ୦.୦୧ | ଶାରଦ ଦୁଇ | ରମେଶ ଚନ୍ଦ୍ର ମହାନ୍ତ, ପି: ଦୋଳ ଗୋବିନ୍ଦ ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| | | ୧୩୭ | ୨.୦୨ | ୦.୧୩ | ଶାରଦ ଦୁଇ | | |
| ୯ | ୭୫ | ୧୯୫ | ୧.୨୭ | ୦.୨୦ | ଡାହି ଏକ | ସଚ୍ଚିନ୍ଦ୍ରନାଥ ମହାନ୍ତ, ପି: ହରେକୃଷ୍ଣ ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| ୧୦ | ୮୦ | ୧୯୩ | ୧.୭୭ | ୦.୧୮ | ଡାହି ଏକ | ଶରତ ଚନ୍ଦ୍ର ମହାନ୍ତ, ଶୈଳେଶ ଚନ୍ଦ୍ର ମହାନ୍ତ, ପି: ଯୋଗେଶ୍ୱର ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| ୧୧ | ୭୯ | ୧୩୧ | ୦.୯୦ | ୦.୧୪ | ଶାରଦ ଦୁଇ | ସମ ମାଝୀ, ସିଙ୍ଗରାଏ ମାଝୀ, ପି: ଡମନ ମାଝୀ, ସଲମା ମାଝୀ, ସ୍ୱା: ଡମନ ମାଝୀ, ରାମ ମାଝୀ, ଲକ୍ଷ୍ମଣ ମାଝୀ, ପି: ରାଜ ମାଝୀ, ହିରା ମାଝୀ, ପୁନ୍ତା ମାଝୀ, ପି: ରାଜମାଲ ମାଝୀ, ବାଲେ ମାଝୀ, ସ୍ୱା: ରାଜମାଲ ମାଝୀ,ବା: ଯରାସାହି, ଜା: ସାନ୍ତାଳ | |
| ୧୨ | ୮୫ | ୧୨୨ | ୧.୦୭ | ୦.୦୯ | ଶାରଦ ଦୁଇ | ଶିବ ଚରଣ ମହାନ୍ତ, ପି: ସହଜା ମହାନ୍ତ, ଘାସିଆଣି ମହାନ୍ତ, ସ୍ୱା: ଶିବଚରଣ ମହାନ୍ତ, ବା: କୋଳିପଷି, ଜା: କୁଡୁମି | |
| ୧୩ | ୯୦ | ୧୩୮ | ୨.୭୨ | ୦.୧୪ | ଶାରଦ ଦୁଇ | ହରିଶ୍ଚନ୍ଦ୍ର ମହାନ୍ତ, ପ୍ରତାପ ଚନ୍ଦ୍ର ମହାନ୍ତ, ମହେଶ ଚନ୍ଦ୍ର ମହାନ୍ତ, ପି: ନିରାକାର ମହାନ୍ତ, ବା: ନିଜଗାଁ, ଜା: କୁଡୁମି | |
| | | ୧୮୬ | ୧.୮୨ | ୦.୩୭ | ଡାହି ଏକ | | |
| ମୋଟ | | | ୧୯.୮୩ | ୨.୧୭ | | | |

24001/14/0462/1819

CAD-1177

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**NOTICE INVITING TENDER NO.14/OMC/C/CT/2018**

Tender from the registered Civil contractors are invited having registration of PF, PAN and GST for the below noted works.

| Sl. No. | Name of the works | Estimated cost. (in lakhs) | Time period of the work | Class of contractor | E.M.D in D.D. (in Rs.) | Cost of bid document (Rs) |
|---|---|---|---|---|---|---|
| 1 | Installation, commissioning the panel board along with fixing submersible pump and laying 40mm PVC pipe with connection to PVC water tank point at Dehury Sahi village of Sukurangi Mines the district of Jajpur. | 2.54 | One month | D & C | 2540.00 | 2000.00 + 18% GST |
| 2 | Water supply & sanitary installation for E-5 to E-8 quarters of Kalarangi Mines in the district of Jajpur. | 4.41 | One month | D & C | 4410.00 | 2000.00 + 18% GST |
| 3 | Grading concrete to 2nos of E-type block and 4nos of F-type block at C/T,Kaliapani in the dist. of Jajpur. | 4.59 | One month | D & C | 4590.00 | 2000.00 + 18% GST |
| 4 | Sinking of 200mm dia gravel packed production well through rotary drilling with installation of submersible pump & laying of PVC pipes for herbal garden at OMC colony Kalarangi Mines the district of Jajpur. | 4.28 | One month | D & C | 4280.00 | 2000.00 +18% GST |
| 5 | Construction of settling chamber along with laying of 900mm dia hume pipe across the road for waste dump for protection of wash out materials at east side of Sukurangi Mines in the district of Jajpur. | 4.54 | One month | D & C | 4540.00 | 2000.00 +18% GST |
| 6 | Construction of approach road to security barrack at C/T, Kaliapani in the dist. of Jajpur. | 2.43 | One month | D & C | 4430.00 | 2000.00 +18% GST |

01. Date & time of selling of bids: - From dt.02.01.2019 to dt.10.01.2019 up to 3.00PM.
02. Last date and time of submission of bids at allocated Tender Box:-Dt.10.01.2019 up to5.00PM.
03. Date & time of opening of bid: - Dt.11.01.2019 at 11.00 AM.
04. For the details you may refer D.T.C.N.
05. Tender inviting authority: Sr.Manager(Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

Sd/-27.12.18
**Sr.Manager (Civil), Kaliapani**
30005/11/0147/1819

# Exam Mate



## MOCK TEST PAPER # 4

### CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

***i.*** ***The question paper comprises two sections, A and B. You are to attempt both the section.***

***ii.*** ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

***iii.*** ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

***iv.*** ***Question numbers 3 to 5 in Section A are two marks questions. These are to be answered in about 30 words each.***

***v.*** ***Question numbers 6 to 15 in Section A are three marks questions. These are to be answered in about 50 words each.***

***vi.*** ***Questions number 16 to 21 in Section A are five marks questions. These are to be answered in about 70 words***

***vii.*** ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** Why does carbon become stable after sharing four electrons ? What type of bond is formed by sharing of electrons ?

**2.** Name any two non-renewable resources.

**3.** An element X is placed in the 3rd period and 2nd group of the Modern Periodi Table.

a. Write electronic configuration of the element X.

b. Write the balanced equation of the reaction when this element burns in the presence of air.

**4.** When iron rod is kept dipped in copper sulphate solution for sometime, a brown coating is formed on the iron rod. What change will be observed in the colour of the solution ? Also write the reactions involved.

**5.** State the expression for lateral magnification of a concave in terms of object distance and image distance.

**6.** i. Write the chemical formula of each of the following.

a. Plaster of Paris b. Gypsum

ii. How can plaster of Paris be converted into gypsum ?

iii. List any one use of plaster of Paris.

**7.** Write chemical equations for the reaction of ethanoic acid with

i. sodium ii. potassium iii. soda lime

**OR**

A compound X has molecular formula, $C_3H_6$. One mole of X reacts with one mole of bromine to yield a compound Y. Deduce the structures of X and Y.

8. (a) What prevents the entry of food into trachea while swallowing ?

(b) Why rate of breathing is faster in aquatic animals as compared to terrestrial animals ?

**9.** (a) Why does menstruation occur ?

(b) Why some plants are propagated only by vegetative methods ?

**OR**

How is the sex of the offspring determined in the zygote ? Explain.

**10.** What is fission ? What are the different types of fission ? Explain them with the help of diagrams.

**11.** When does an electric short-circuit occur ?

**12.** If electrical energy costs ` 3 per unit, what is the total cost of leaving 4 light bulb, rated at 100W each, switched on for 8 hours ?

**13.** Draw the pattern of magnetic field lines of a current carrying solenoid. What does the pattern of field lines inside the solenoid indicate ? Write one application of magnetic field of current carrying solenoid.

**14.** Explain why:

i. It is difficult to burn a piece of wood fresh from a tree.

ii. Pouring dry sand over the fire extinguishes it.

iii. It is difficult to use hydrogen as a source of energy.

iv. Charcoal is considered a better fuel than wood.

**15.** Nitin went to Goa on a holiday recently with his family. There were lots of tourists in the beach. The beach was very dirty with plastic, paper, waste food, mineral water bottle, etc. through here and there. Nitin thought that something should be done to save the beach

(a) What values are shown by Nitin ?

(b) What can Nitin do to save the beach from becoming a dumping group ?

(c) How can government help in keeping the beach clean ?

**16.** (a) State the chemical properties on which the following uses of baking soda are based:

i. as an antacid

ii. as a soda-acid fire extinguisher

iii. to make bread or cake soft and spongy.

(b) How washing soda is obtained from baking soda ? Write balanced chemical equation.

**17.** The elements of the third period of the periodic table are given below.

| Group→ | 1 | 2 | 13 | 14 | 15 | 16 | 17 |
|---|---|---|---|---|---|---|---|
| Period (3)→ | Na | Mg | Al | Si | P | S | Cl |

(a) Which atom is bigger, Na or Mg ? Why ?

(b) Identify the most (i) metallic and (ii) non-metallic element in Period 3.

(c) Which is more non-metallic, S or Cl ?

(d) Which has higher atomic mass, Al or Cl ?

Give reasons for your choice.

**18.** (a) State the relation between object distance, image distance and focal length of a spherical mirror.

(b) A concave mirror of focal length 15 cm form an image of an object kept at a distance of 10 cm from the mirror. Find the position, nature and size of the image formed by it.

(c) Draw a ray diagram to show the image formed by a concave mirror when an object is placed between pole and focus of the mirror.

**OR**

What do you mean by linear magnification produced by mirrors ? The power of a lens is +2.5 D. What kind of lens is it and what is its focal length ?

Draw a ray diagram of an image when an object is placed on the principal axis of a convex lens between focus and optical centre.

**19.** (a) Define electromagnetic induction.

(b) Two coils P and S are wound over the same iron core. Coil P is connected to battery and key and the coil S is connected to galvanometer. Write your observations when:




i. Current in the coil P is started by closing the key.

ii. Current continues to flow in coil P.

iii. Current in coil P is stopped by removing the key.

Explain the reason for such observation.

**20.** (a) Draw a diagram of human 'alimentary canal' and label oesophagus, liver, gall bladder and duodenum on this diagram.

(b) What is the function of liver in the human body ?

**21.** (a) Explain human male reproductive system with the help of a diagram.

(b) 'Regeneration cannot be regarded as reproduction'. Why ?

### SECTION-B

**22.** A solution 'X' gives orange colour when a drop of universal indicator is added to it. On the other hand, another solution 'Y' gives bluish-green colour when a drop of universal indicator is added to it.

What are the types of solutions 'X' and 'Y' and what type of pH would they have ?

**23** What would you observe when you put some aluminium pieces in copper sulphate solution ?

**24.** Four students connect 4 cells of 1.5 V each to get a battery of voltage 6 V. Draw all possible arrangement of cells.

**25.** When light from free space bends towards normal, on hitting a surface, then what should be its refractive index ($\mu$) ? Is it $\mu > 1$, $\mu < 1$ or $\mu = \frac{1}{2}$ ? [Justify your answer]

**26.** List teh various steps of observing a slide under the microscope.

**27.** Differentiate between binary fission and multiple fission.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ଏକାମ୍ର ସ୍ପୋର୍ଟ୍ସ ଲିଟ୍-ଫେଷ୍ଟ


ବେନ୍ ଜନସନ

**ହ**କି ବିଶ୍ୱକପ ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇମର୍ଜିଂ ସ୍ପୋର୍ଟ୍ସ ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ କ୍ରୀଡ଼ା ଓ ସାହିତ୍ୟର ହୋଇଥିଲା ମହା ମିଳନ। ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ


ଷ୍ଟିଫାନି ରାଇସ

ରାଜନେତା, ପ୍ରଶାସକ, ଦେଶ ବିଦେଶର ପ୍ରତିଷ୍ଠିତ ଖେଳାଳି, ସାହିତ୍ୟିକ, ଖେଳ ସାମ୍ବାଦିକ ଓ ଲେଖକ। ଏହି ଅବସରରେ ଅଷ୍ଟ୍ରେଲିଆର ପୂର୍ବତନ ହକି ଖେଳାଳି, କୋଚ୍, ରାଜନେତା ଏବଂ ଲେଖକ ରିକ୍ ଚାର୍ଲ୍ସୱର୍ଥ, ଦି ଧୋନୀ ଟଚ୍ ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ, ହକି କିମ୍ବଦନ୍ତୀ ଦିଲୀପ ତିର୍କୀ, ଅଜିତପାଲ୍ ସିଂ, ଟ୍ରେଣ୍ଟ ଲିଭରମୋର, ଧନରାଜ ପିଲ୍ଲେ, ପୂର୍ବତନ କ୍ରିକେଟର ଆକାଶ ଚୋପ୍ରା, ଗୋପିଶଙ୍କର ଏମ୍., ଶାନ୍ତି ସୁନ୍ଦରାଜନ, ମେଡଲିନ୍ ପୋପ୍, ଅଲିମ୍ପିକ୍ସ ମେଡାଲିଷ୍ଟ ଅଷ୍ଟ୍ରେଲିଆ ସନ୍ତରଣକାରୀ ଷ୍ଟିଫାନି

EKAMRA SPORTS
LITERARY FESTIVAL
2018

ରାଇସ, ପୂର୍ବତନ ଫାଷ୍ଟ ବୋଲର ଜେଫ୍ ଥମ୍ପସନ, ବିଶ୍ୱର ଚର୍ଚ୍ଚିତ ଦ୍ରୁତତମ ଧାବକ ବେନ୍ ଜନସନ, ପୁସ୍ତକ ରଚୟିତା ରିଚାର୍ଡ ମୁର୍, ରେସଲର ଭିନେଶ ଫୋଗତ, ଯୋଗେଶ୍ୱର ଦତ୍ତ, ବଜରଙ୍ଗ ପୁନିଆ, ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା, ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ପୂର୍ବତନ କ୍ରିକେଟର ମହମ୍ମଦ କୈଫ, ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ଓ ଟିମ୍ ଇଣ୍ଡିଆ ସଦସ୍ୟ ଅଜିଙ୍କ୍ୟ ରାହାନେ ପ୍ରମୁଖ ଏହି ୨ ଦିନିଆ ଉତ୍ସବରେ ଏକତ୍ରିତ ହୋଇଥିଲେ।



## ଦ୍ୟୁତୀଙ୍କ ଚମକ

**ଆ**ଥଲେଟିକ୍ସ ଟ୍ରାକ୍‌ରେ ଏ ବର୍ଷ ଦେଖିବାକୁ ମିଳିଥିଲା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦ୍ୟୁତୀ ଚାନ୍ଦଙ୍କ ଚମକ। ସେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରି ଇତିହାସ ରଚିଥିଲେ। କେବଳ ସେତିକି ନୁହେଁ ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ନିଜ ନାମରେ ଥିବା ୧୦୦ ମିଟର ଜାତୀୟ ରେକର୍ଡକୁ ମଧ୍ୟ ଭାଙ୍ଗିଥିଲେ। ବର୍ଷ ଆରମ୍ଭରେ ଅନୁଷ୍ଠିତ ଭାରତୀୟ ଆଥଲେଟିକ୍ସ ର‌୍ୟାଙ୍କିଂରେ ଓଡ଼ିଶାର ଦୁଇ ଆଥଲେଟ୍ ଦ୍ୟୁତୀ ଓ ଅମିୟ କୁମାର ମଲ୍ଲିକ ଯଥାକ୍ରମେ ଦ୍ରୁତ ଧାବିକା ଓ ଧାବକ ରହିବା ଥିଲା ଉଲ୍ଲେଖନୀୟ ଘଟଣା। ହାଇପରଆଣ୍ଡ୍ରୋଜେନିଜମ୍‌କୁ ନେଇ ଆଇଏଏଏଫର ନୂଆ ନିୟମ ଦ୍ୟୁତୀଙ୍କୁ ଆଶ୍ୱସ୍ତ କରିଥିଲା। ପଟିଆଲାରେ ଅନୁଷ୍ଠିତ ଫେଡେରେଶନ କପ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟରରେ ଦ୍ୟୁତୀ ଓ ହେପ୍‌ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

## ସଂକ୍ଷେପରେ...


ପ୍ରତ୍ୟାଶା ରାୟ

*ବର୍ଷ ଆରମ୍ଭରେ ଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ସନ୍ତରଣ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ପ୍ରତ୍ୟାଶା ରାୟ ଶେଷ ଭାଗରେ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣର ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୨୦୦ ଓ ୫୦ ମିଟରରେ ରୌପ୍ୟ ପଦକ ଜିତିଲେ।

* ମଧ୍ୟଭାଗରେ ଯାଜପୁର କଳିଙ୍ଗ ନଗରର ସ୍ୱର୍ଣ୍ଣଲତା ଦଳେଇ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲେ।

* ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଜାତୀୟ ଜୁନିୟର କ୍ରିକେଟ ଚୟନକର୍ତ୍ତା ହେବା ଥିଲା ଏକ ବଡ଼ ଖବର। ସେହିପରି ରାଜେଶ ମହାନ୍ତି ଜୁନିୟର ଏସିଆ କପ୍ କ୍ରିକେଟ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟଭାବେ ମଧ୍ୟ ରାଜ୍ୟକୁ ଗର୍ବିତ କରିଥିଲେ।

*କେରଳରେ ଅନୁଷ୍ଠିତ ଜାତୀୟ ଜୁଜୁତ୍ସୁରେ ଓଡ଼ିଶାର ଅନୁପମା ସ୍ୱାଇଁ ଓ ଶ୍ରୀକାନ୍ତ ଶେଖରଙ୍କୁ ସ୍ୱର୍ଣ୍ଣ ପଦକ।

*ଯୁବ ଭାରୋତ୍ତୋଳକ ଘାସିରାମ ଖେରା ଡୋପ୍ ଟେଷ୍ଟରେ ଧରା ପଡ଼ିବା ଥିଲା ରାଜ୍ୟ କ୍ରୀଡ଼ା ପାଇଁ କଳଙ୍କିତ ମୁହୂର୍ତ୍ତ।

## ଦେବାଶିଷ, ପଦ୍ମିନୀ ସଫଳ

**ବି**ଦାୟୀ ବର୍ଷର ଚେସ୍ ବୋର୍ଡରେ ଓଡ଼ିଶା ଖେଳାଳିମାନେ ନିଜ ଉପସ୍ଥିତି ଜାହିର କରିବାରେ ସକ୍ଷମ ହୋଇଥିଲେ। ୯୨ ଗ୍ରାଣ୍ଡମାଷ୍ଟର ଓ ୫୮ ଅନ୍ତର୍ଜାତୀୟ ମାଷ୍ଟରଙ୍କ ଉପସ୍ଥିତି ସତ୍ତ୍ୱେ ଜିବ୍ରାଲଟର ଚେସ୍‌ରେ ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଟପ-୧୦ ଫିନିଶ୍ କରିଥିଲେ। ରାଜ୍ୟଗୋଷ୍ଠୀ ଚେସ୍‌ରେ ତାଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ବର୍ଷ ଶେଷଭାଗରେ ଫିଲିପାଇନ୍ସରେ ଅନୁଷ୍ଠିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍‌ରେ ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ପାଇଥିଲେ।


ପଦ୍ମିନୀ

## ସୁନୀତା, ଅମିତ ଶ୍ରେଷ୍ଠ କ୍ରୀଡ଼ାବିତ୍

ଦୁଇ ହକି ତାରକା ସୁନୀତା ଲାକ୍ରା ଓ ଅମିତ ରୋହି ଦାସ ରାଜ୍ୟର ସର୍ବୋଚ୍ଚ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସଞ୍ଜୟ ଗଡ଼ନାୟକଙ୍କୁ ମିଳିଥିଲା ଶ୍ରେଷ୍ଠ କୋଚ୍ ସମ୍ମାନ। ଦୀପସାନ ଓ ଲିଲିମା ମିଞ୍ଜ ଏକଲବ୍ୟ ପୁରସ୍କାର ପାଇଥିବାବେଳେ ରାଜେଶ ଧୂପର ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର ବିବେଚିତ ହୋଇଥିଲେ। ପୂର୍ଣ୍ଣିମା ହେମ୍ବ୍ରମ ଓ ଦେବ ପ୍ରସାଦ ସିଂଙ୍କୁ ମିଳିଥିଲା ଓସ୍‌ଜା ପୁରସ୍କାର। ନିର୍ମଳ କୁମାର ମିଶ୍ର ଓ ରଘୁନାଥ ମଲ୍ଲ ଲାଭ କରିଥିଲେ ସରୋଜ ମହାସୁଆର କ୍ରୀଡ଼ା ସମ୍ମାନ।

## ଗର୍ବିତ କଲେ ପ୍ରମୋଦ, ଜୟନ୍ତୀ

**ବି**ଦାୟୀ କ୍ରୀଡ଼ାବର୍ଷରେ ଓଡ଼ିଶାର ଭିନ୍ନକ୍ଷମ କ୍ରୀଡ଼ାବିତ୍‌ମାନେ ମଧ୍ୟ ନିଜର ଦମ୍ ଦେଖାଇ ରାଜ୍ୟକୁ ଗର୍ବିତ କରିଥିଲେ। ଏସିଆନ ପାରା ଗେମ୍ସର ମହିଳା ୪୦୦ ମିଟରରେ ଜୟନ୍ତୀ ବେହେରା ରୌପ୍ୟ ଓ ୨୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଥିଲେ। ବ୍ୟାଡ୍‌ମିଣ୍ଟନର ଡବଲ୍ସରେ ବ୍ରୋଞ୍ଜ ଏବଂ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ପ୍ରମୋଦ ଭଗତ ଉଦାହରଣ ସୃଷ୍ଟି କରିଥିଲେ।

## ରାଇଜିଂ ରାଇଜ୍

**ମେ**ଘାଳୟରେ ଅନୁଷ୍ଠିତ ଭାରତୀୟ ମହିଳା ଫୁଟବଲ ଲିଗ୍‌ରେ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ ହେବା ଥିଲା ରାଜ୍ୟ ପାଇଁ ବଡ଼ ଘଟଣା। ଏହି ବର୍ଷ ଦେଶର ୩ ପ୍ରମୁଖ ଫୁଟବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍, ସୁପର କପ୍ ଓ ଆଇ-ଲିଗ୍‌ର ମ୍ୟାଚ କଳିଙ୍ଗ ଷ୍ଟାଡିୟମ ଏବଂ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଫଳରେ ରାଜ୍ୟରେ ଫୁଟବଲର ଏକ ନୂଆ ମାହୋଲ ସୃଷ୍ଟି ହୋଇ ପାରିଥିଲା। ଦୁବାଇରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଏକ୍ସପୋଜର ଟ୍ରିପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିଲେ ବିକି ଓରାମ ଓ ସମୀର କେର୍କେଟା। ବେଲଜିୟମ କ୍ଲବ ବ୍ରୁଗେସରେ ଅନୁଷ୍ଠିତ ଏକ୍ସପର୍ଟ ଇନ୍ ଦ ଏକ୍ସପର୍ଟ ମିଟିଂରେ କୋଚ୍‌ଭାବେ ଭାରତରୁ ଏକମାତ୍ର ଓଡ଼ିଶାର ଶୁଭେନ୍ଦୁ ପଣ୍ଡା ଯୋଗ ଦେଇଥିଲେ। ଫିଫା ଏଲିଟ୍ କୋଚିଂ କୋର୍ସ କରି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ ଏହି ପୂର୍ବତନ ଖେଳାଳି। ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ଗେମ୍ସ ପାଇଁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ନିଯୁକ୍ତ ହୋଇଥିଲେ। ଏହି ବର୍ଷ ସେ ଭାରତୀୟ ଜୁନିୟର ଫୁଟବଲ ଚୟନକର୍ତ୍ତା ଦାୟିତ୍ୱ ମଧ୍ୟ ତୁଲାଇଥିଲେ।

## ଓଡ଼ିଶା ପ୍ରାୟୋଜକ, ହକି ମହାକୁମ୍ଭ

**ବ**ର୍ଷ ପ୍ରାରମ୍ଭରେ ହକି ଜଗତକୁ ଚକିତ କଲାଭଳି ଖବର ଆଣିଥିଲା ଓଡ଼ିଶା। ଆଗାମୀ ୫ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଥିଲା। କୌଣସି ରାଜ୍ୟ ସରକାର ହକି ଦଳର ପ୍ରାୟୋଜକ ହେବା ଏହାଥିଲା ପ୍ରଥମ ଦୃଷ୍ଟାନ୍ତ। ଭୁବନେଶ୍ୱର ଭାରତର କ୍ରୀଡ଼ା ରାଜଧାନୀ ହେବା ପଥରେ ରହିଛି ବୋଲି ପ୍ରକାଶ କରିଥିଲେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା। ନଭେମ୍ବର ୨୮ରୁ ଡିସେମ୍ବର ୧୬, ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଉପରେ ଥିଲା ସମଗ୍ର ବିଶ୍ୱବାସୀଙ୍କ ନଜର। ଭାରତରେ ତୃତୀୟ ଏବଂ ଓଡ଼ିଶାରେ ପ୍ରଥମଥରପାଇଁ ଏଠାରେ ଆୟୋଜିତ ହୋଇଥିଲା ହକି ମହାକୁମ୍ଭ। ବିଶ୍ୱକପର ଏହି ୧୪ତମ ସଂସ୍କରଣରେ ବେଲଜିୟମ ନୂଆ ଚାମ୍ପିୟନ ହୋଇଥିବାବେଳେ ନେଦରଲାଣ୍ଡ ରନର୍ସଅପ୍ ଏବଂ ଅଷ୍ଟ୍ରେଲିଆ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତୀୟ ଦଳର ସଦସ୍ୟ ଭାବେ ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ମଧ୍ୟ ଅନେକ ଅଭିଜ୍ଞତା ହାସଲ କରିଥିଲେ। ଏହି ବର୍ଷ ଦୁଇ ଓଡ଼ିଆ ଖେଳାଳି ଭାରତୀୟ ଦଳର ନେତୃତ୍ୱ ନେବାର ସୌଭାଗ୍ୟ ପାଇଥିଲେ। ସେମାନେ ହେଲେ ସୁନୀତା ଲାକ୍ରା ଓ ଅମିତ ରୋହିଦାସ। ହକି ବିଶ୍ୱକପ ପୂର୍ବରୁ ଅକ୍ଟୋବର ୧୦ରେ କଳିଙ୍ଗ ଷ୍ଟାଡିୟମର ନୂଆ ହକି କମ୍ପ୍ଲେକ୍ସ ଉଦ୍‌ଘାଟନ ଅବସରରେ ଦିଲୀପ ତିର୍କୀ ଓ ଧନରାଜ ପିଲ୍ଲେ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ ମଧ୍ୟ ବେଶ୍ ମନୋରଞ୍ଜକ ଥିଲା।

# କଳିଙ୍ଗ କରିସ୍ମା

ବିଦାୟୀ କ୍ରୀଡ଼ାବର୍ଷରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଥିଲା କଳିଙ୍ଗ। କାରଣ ଏହି ଷ୍ଟାଡିୟମରେ ଆୟୋଜନ ହୋଇଥିଲା ଅଧଡଜନରୁ ଊର୍ଦ୍ଧ୍ୱ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଫେବୃୟାରୀରେ ଜାମସେଦପୁର ଏଫସି-ବେଙ୍ଗାଲୁରୁ ଏଫସି ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ମ୍ୟାଚ ସହ ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ଫେବୃୟାରୀ-ମାର୍ଚ୍ଚରେ ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନର ଫ୍ୟୁଚର ଟେନିସ ଟୁର୍ନାମେଣ୍ଟ, ମାର୍ଚ୍ଚ-ଏପ୍ରିଲରେ ସୁପର କପ୍ ଫୁଟବଲ, ସେପ୍ଟେମ୍ବରରେ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏବଂ ଅକ୍ଟୋବରରେ ଅନୁଷ୍ଠିତ ହୋଇଥିଲା ମହିଳା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍। ଶେଷରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହକି ବିଶ୍ୱକପ ଆୟୋଜନ କଳିଙ୍ଗ ଷ୍ଟାଡିୟମ ଇତିହାସକୁ ଋଦ୍ଧିମନ୍ତ କରିଥିଲା। ଏହି ହକି ମହାକୁମ୍ଭର ଉଦ୍‌ଘାଟନୀ ସମାରୋହ କ୍ରୀଡ଼ା ଜଗତକୁ ଚକିତ କରିଥିବାବେଳେ ବେଲଜିୟମ ହୋଇଥିଲା ନୂଆ ଚାମ୍ପିୟନ। ଆଇ-ଲିଗ୍ ଫୁଟବଲର ଅନ୍ୟତମ ଦଳ ଇଣ୍ଡିଆନ ଆରୋଜ ବାରବାଟୀ ଏବଂ କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିଥିଲା। କିଟ୍‌ରେ ଭାରତ-ଚାଇନା ଚେସ୍ ସମ୍ମିଳନୀ, ନିମପୁର ଗ୍ରାଉଣ୍ଡରେ ଭାରତ-ଶ୍ରୀଲଙ୍କା ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ ଆୟୋଜନ ଏବଂ ୱେବ୍ ଏଲିସ କପ୍ ନାମରେ ପରିଚିତ ରଗ୍‌ବୀ ବିଶ୍ୱକପ ଟ୍ରଫି ଭୁବନେଶ୍ୱର ଆସିବା ଥିଲା ବର୍ଷର ଅନ୍ୟତମ ଉଲ୍ଲେଖନୀୟ ଘଟଣା...

## ଐତିହାସିକ ଏମଓୟୁ

**କ୍ରୀ**ଡ଼ାକୁ ପ୍ରୋତ୍ସାହନ ସ୍ୱରୂପ ରାଜ୍ୟ ସରକାର ଆଉ ଏକ ପାଦ ଆଗକୁ ବଢ଼ି 'କ୍ରିଏଟିଂ ପାର୍ଟନରଶିପ୍ ଅଫ୍ ଏକ୍ସଲେନ୍ସ'ରେ ଦେଶର ବିଭିନ୍ନ ଶିଳ୍ପପତିଙ୍କ ସହ 'ଏମ୍‌ଓୟୁ' ସ୍ୱାକ୍ଷର କରିଥିଲେ। ଏହି ପରିପ୍ରେକ୍ଷୀରେ ଆଥଲେଟିକ୍ସ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ, ଫୁଟବଲ ଓ ସନ୍ତରଣ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍, ବ୍ୟାଡ୍‌ମିଣ୍ଟନ ଡାଲମିଆ ଭାରତ ଗ୍ରୁପ, ଭାରୋତ୍ତୋଳନ ଆହ୍ଲୁୱାଲିଆ ଗ୍ରୁପ, ଶୁଟିଂ ଆଦିତ୍ୟ ବିର୍ଲା ଗ୍ରୁପ ଏବଂ ହକି ଟାଟା ଗ୍ରୁପ ଦାୟିତ୍ୱରେ ରହିଥିଲା।




ସୁନୀତା ଲାକ୍ରା


ହକି ବିଶ୍ୱକପ ଅବସରରେ ୧୬ ଦଳର ଅଧିନାୟକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରା ଓ ବଲିଉଡ ଅଭିନେତା ଶାହରୁଖ ଖାନ୍।

## ସଂକ୍ଷେପରେ

### ୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଳିବ ୨୮,୬୧୫ କୋଟି

ନୂଆଦିଲ୍ଲୀ,୨୭-୧୨: କେନ୍ଦ୍ର ସରକାର ଚଳିତ ମାସ ୩୧ ତାରିଖ ସୁଦ୍ଧା ୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୨୮,୬୧୫ କୋଟି ଟଙ୍କା ପୁଞ୍ଜି ଆକାରରେ ଦେବେ ବୋଲି ଜଣାପଡିଛି। ରିପୋର୍ଟ ଅନୁଯାୟୀ ସର୍ବାଧିକ ୧୦,୦୮୬ କୋଟି ଟଙ୍କାର ପୁଞ୍ଜି ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ମିଳିବ। ଏହାପଛକୁ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସକୁ ୫୫୦୦ କୋଟି ଟଙ୍କା ମିଳିବାକୁ ଯାଉଛି। ଏହାଛଡ଼ା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୧,୬୭୮ କୋଟି,ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୨,୧୫୯ କୋଟି, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରକୁ ୪୪୯୮ କୋଟି ଟଙ୍କା, ୟୁକୋ ବ୍ୟାଙ୍କକୁ ୩୦୫୬ କୋଟି ଟଙ୍କା ମିଳିବ। ଇତିପୂର୍ବେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୬୫ ହଜାର କୋଟି ଟଙ୍କା ପ୍ରଦାନ କରିଥିଲେ। ଏଥିମଧ୍ୟରୁ ୨୩ ହଜାର କୋଟି ଟଙ୍କା ଦିଆସରିଛି। ଅବଶିଷ୍ଟ ୪୨ ହଜାର କୋଟି ଟଙ୍କା ଦିଆଯିବାକୁ ଅଛି। ଚଳିତ ମାସରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ସରକାର ଘୋଷଣା କରିଥିବା ପୁଞ୍ଜି ବ୍ୟତିରେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ଅଧିକ ୪୧ ହଜାର କୋଟି ଟଙ୍କା ଦେବେ। ଏଥିପାଇଁ ଚଳିତ ମାସ ୨୦ରେ ସଂସଦର ଅନୁମତି ଲୋଡାଯାଇଛି। ସରକାରଙ୍କ ପୁନଃପୁଞ୍ଜୀକରଣ ଯୋଗୁ ରିଜର୍ଭ ବ୍ୟାଙ୍କର ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) ଅଧୀନରେ ଥିବା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଅଧିକ ଅର୍ଥ ମିଳିବ। ଫଳରେ ସେମାନେ ଏଥିରୁ ବାହାରି ଆସିପାରିବେ।

### ଖୁବଶୀଘ୍ର ସୁନା ନୀତି



ନୂଆଦିଲ୍ଲୀ,୨୭-୧୨: ସୁନା ଉଦ୍ୟୋଗ ଓ ଗହଣା ରପ୍ତାନିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଖୁବଶୀଘ୍ର ଦେଶର ସୁନା ନୀତି ଘୋଷଣା କରିବେ ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ସୁନା ଉଦ୍ୟୋଗ ପାଇଁ ଗୋଟିଏ ପ୍ରକାର ନୀତିର ଆବଶ୍ୟକତା ରହିଛି ଓ ସରକାର ଏ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ନୀତି ପ୍ରଣୟନ ବେଳେ ସୁନା ଉଦ୍ୟୋଗ ସହ ଜଡିତ ସମସ୍ତ ଦିଗ ଉପରେ ବିଚାର କରାଯାଉଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ସୁନା ଉପରେ ଆମଦାନୀ ଶୁଳ୍କ ହ୍ରାସ ସମ୍ପର୍କରେ ମଧ ସରକାର ଅନୁଧ୍ୟାନ କରୁଛନ୍ତି। ସୂଚନାଥାଉ କି, ଘରୋଇ ସୁନା ଉଦ୍ୟୋଗ ସୁନା ଆମଦାନୀ ଉପରେ ଲାଗୁଥିବା ଶୁଳ୍କକୁ ୪% କୁ ହ୍ରାସ କରିବାକୁ ଦାବି କରୁଛନ୍ତି। ବର୍ତ୍ତମାନ ୧୦% ଶୁଳ୍କ ଆଦାୟ କରାଯାଉଛି। ପ୍ରଭୁ କହିଛନ୍ତି ଯେ, ଭାରତ ବିଶ୍ୱର ସର୍ବବୃହତ ସୁନା ଆମଦାନୀକାରୀ ଦେଶ ହୋଇଥିବା ବେଳେ ଆଜିଯାଏ କୌଣସି ସୁନା ନୀତି ପ୍ରଣୟନ ହୋଇନାହିଁ। ଉଲ୍ଲେଖଥାଉ କି, ଦେଶର ମୋଟ ସାମଗ୍ରୀ ରପ୍ତାନିର ୧୫% ସୁନା ଉଦ୍ୟୋଗରୁ ହୋଇଥାଏ।

### ଭାରତରେ ତିଆରି ହେବ ଆପଲ୍ ଆଇଫୋନ

ନୂଆଦିଲ୍ଲୀ,୨୭-୧୨: ଆପଲର ସମସ୍ତ ସ୍ମାର୍ଟଫୋନ ଏବେ 'ମେକ୍ ଇନ୍ ଇଣ୍ଡିଆ' ହେବାକୁ ଯାଉଛି। ତାଇୱାନର କମ୍ପାନୀ ଫକ୍ସକନ ପ୍ରଥମଥର ଆସନ୍ତାବର୍ଷ ଆରମ୍ଭରୁ ଭାରତରେ ଆପଲ୍‌ର ସବୁଠାରୁ ମହଙ୍ଗା ଆଇଫୋନ ସମେତ ସମସ୍ତ ପ୍ରକାର ସ୍ମାର୍ଟଫୋନକୁ ଆସେମ୍ବ୍ଲି କରିବା ଆରମ୍ଭ କରିବ ବୋଲି ଜଣାପଡିଛି। ତାମିଲନାଡୁସ୍ଥିତ ପେରୁମ୍ବୁଦୁର କାରଖାନାରେ ଫକ୍ସକନ୍ ଆପଲ୍‌ର ଆଇଫୋନ ନିର୍ମାଣ କରାଯିବ। ସାଓମୀ କର୍ପ ଲାଗି ପୂର୍ବରୁ ମୋବାଇଲ ଫୋନ ତିଆରି କରୁଥିବା ଫକ୍ସକନ ନିଜର କାରଖାନାର ବିସ୍ତାର ଲାଗି ୨୫୦୦ କୋଟି ଟଙ୍କା ନିବେଶ କରିବାକୁ ଯାଉଛି। ତାମିଲନାଡୁ ଉଦ୍ୟୋଗ ମନ୍ତ୍ରୀ ଏମ୍.ସି.ସମ୍ପତ କହିଛନ୍ତି ଯେ, ଆପଲର ଉକ୍ତ ନିଷ୍ପତ୍ତି ଯୋଗୁ ରାଜ୍ୟରେ ୨୫ ହଜାର ନିଯୁକ୍ତି ସୃଷ୍ଟି ହେବ।

> "ନୂତନ ପିଢିର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର ଆଞ୍ଜେଲ ଫଣ୍ଡିଂ କ୍ଷେତ୍ରରେ ଥିବା ଟିକସ ସମସ୍ୟା ସମାଧାନ ଉପରେ ଦୃଷ୍ଟି ରଖିଛନ୍ତି।
> – ସୁରେଶ ପ୍ରଭୁ , କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



> "ନିଜ ମାରାଥନରେ ନିଜ ବଳ ଅନୁସାରେ ଦୌଡିବା ଉଚିତ। ଅନ୍ୟ କାହାର ପରଫରମାନ୍ସରେ ବିଚଳିତ ନ ହେବା ଆବଶ୍ୟକ।
> – ଏନ. ଚନ୍ଦ୍ରଶେକରନ, ଅଧ୍ୟକ୍ଷ, ଟାଟା ସନ୍ସ



### ସଙ୍କଟରେ କେନ୍ଦ୍ରର ଆର୍ଥିକ ସ୍ଥିତି

# ବଜେଟ୍ ଲକ୍ଷ୍ୟର ୧୧୫% ଛୁଇଁଲା ବିତ୍ତୀୟ ନିଅଣ୍ଟ

ନୂଆଦିଲ୍ଲୀ,୨୭-୧୨

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିବା ଜଣାପଡିଛି। ରାଜସ୍ୱ ସଂଗ୍ରହ ଆଶାନୁରୂପକ ହୋଇ ନ ଥିବା କାରଣରୁ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ବଜେଟ ଲକ୍ଷ୍ୟର ୧୧୪.୮୦ ପ୍ରତିଶତରେ ପହଞ୍ଚିଯାଇଛି, ଯାହାକି ଅତ୍ୟନ୍ତ ଚିନ୍ତାର ବିଷୟ। ଗୁରୁବାର ସରକାରଙ୍କ ପକ୍ଷରୁ ଜାରି ତଥ୍ୟରୁ ଏହା ଜଣାପଡିଛି। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ବିତ୍ତୀୟ ନିଅଣ୍ଟ ପରିମାଣ ୬.୨୪ ଲକ୍ଷ କୋଟି ଟଙ୍କା ହେବ ବୋଲି ବଜେଟ୍‌ରେ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ତେବେ ଏପ୍ରିଲରୁ ନଭେମ୍ବର ମଧ୍ୟରେ ନିଅଣ୍ଟ ପରିମାଣ ୭.୧୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ଏଥିରୁ ସରକାରଙ୍କ ଆର୍ଥିକ ସ୍ଥିତି ଯେ ଅତ୍ୟନ୍ତ ଦୟନୀୟ ଏହା ସ୍ପଷ୍ଟ ହୋଇଛି। ତେବେ ଗତ ଆର୍ଥିକ ବର୍ଷରେ ନଭେମ୍ବର ସୁଦ୍ଧା ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ବଜେଟ୍ ଲକ୍ଷ୍ୟର ୧୧୨ ପ୍ରତିଶତ ହୋଇଥିଲା। ସେତେବେଳେ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟ ପରିମାଣକୁ ଜିଡିପିର ୩.୩ ପ୍ରତିଶତରେ ରଖିବାକୁ ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ଏହା ଶେଷରେ ସାମାନ୍ୟ ବୃଦ୍ଧି ପାଇ ୩.୫୩%ରେ ପହଞ୍ଚିଥିଲା। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ (ସିଜିଏ) ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ସରକାର ଚଳିତ ଆର୍ଥିକ ବର୍ଷରେ ନଭେମ୍ବର ସୁଦ୍ଧା ମୋଟ୍ ୮.୭୦ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି, ଯାହାକି ବଜେଟ୍ ଆକଳନର ୫୦.୪୦ ପ୍ରତିଶତ। ଗତ ଆର୍ଥିକ ବର୍ଷରେ ଏହି ସମୟରେ ୫୩.୧୦ ପ୍ରତିଶତ ରାଜସ୍ୱ ସଂଗ୍ରହ ହୋଇଥିଲା। ସୂଚନାଥାଉ କି, ସରକାର ଚଳିତ ଆର୍ଥିକ ବର୍ଷରେ ୧୭.୨୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବେ ବୋଲି ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସିଜିଏର ତଥ୍ୟ ଅନୁଯାୟୀ, ନଭେମ୍ବର ସୁଦ୍ଧା ବଜେଟ୍ ଲକ୍ଷ୍ୟର ୬୬.୧% ଅର୍ଥାତ୍ ୧୬.୧୩ ଲକ୍ଷ ଟଙ୍କା ବ୍ୟୟ ହୋଇସାରିଲାଣି।

- ବଜେଟ୍ ଲକ୍ଷ୍ୟ ଥିଲା ୬.୨୪%
- ନିଅଣ୍ଟ ୭.୧୬ ଲକ୍ଷ କୋଟି
- ଆୟ ୮.୭ ଲକ୍ଷ କୋଟି, ବ୍ୟୟ ୧୬.୧୩ ଲକ୍ଷ କୋଟି




## ରୋହନ ହିରୋର ମେଗା ଏକ୍ସଚେଞ୍ଜ କାର୍ନିଭାଲ



ଭୁବନେଶ୍ୱର, ୨୭-୧୨

ପ୍ରମୁଖ ଟୁହ୍ୱିଲର୍ସ ଶୋ'ରୁମ ରୋହନ ହିରୋ ପକ୍ଷରୁ ପ୍ରଥମଥର ପାଇଁ ମେଗା ଏକ୍ସଚେଞ୍ଜ କାର୍ନିଭାଲ ବରମୁଣ୍ଡା ପଡ଼ିଆଠାରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଚଳିତ ମାସ ୩୦ ତାରିଖ ଯାଏ ଆୟୋଜନ କରାଯିବ। ଯେକୌଣସି କମ୍ପାନୀର ପୁରୁଣା ଯାନକୁ ଏଠାରେ ଏକ୍ସଚେଞ୍ଜ କରାଇବାର ସୁବିଧା ଗ୍ରାହକ ପାଇ ପାରିବେ। ଗାଡ଼ିର ସ୍ଥିତି ଅନୁସାରେ ଗ୍ରାହକଙ୍କୁ ଭାଲ୍ୟୁ ପ୍ରଦାନ କରାଯିବ ବୋଲି ଶୋ'ରୁମର ସ୍ୱତ୍ୱାଧିକାରୀ ରାଜୀବ ଦୁବେ ସୂଚନା ଦେଇଛନ୍ତି। ଅପରପକ୍ଷରେ ମିନିମମ୍ ଭାଲ୍ୟୁ ଭାବେ ଗ୍ରାହକ ୫ ହଜାର ଟଙ୍କା ଲାଭ କରିପାରିବେ ବୋଲି ଦୁବେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦ ଯାନ ଏକ୍ସଚେଞ୍ଜ ପାଇଁ ଆସିଛି। ପ୍ରାୟ ୧୦୦ ଯାନ ଏକ୍ସଚେଞ୍ଜ ଲାଗି ଆସିବ ବୋଲି ସେ କହିଛନ୍ତି। ଲୋକମାନେ ଏଠାରୁ ପୁରୁଣା ଗାଡ଼ି ବଦଳାଇ ନୂଆ ଯାନ ନେଉଥିବା ସେ କହିଛନ୍ତି।

## ପୂର୍ବତଟ ରେଳପଥର ଶୀତକାଳୀନ ପାଟ୍ରୋଲିଂ

ଭୁବନେଶ୍ୱର, ୨୭-୧୨



ପୂର୍ବତଟ ରେଳପଥ ପକ୍ଷରୁ ଶୀତ ଋତୁରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୀତକାଳୀନ ପାଟ୍ରୋଲିଂ ଦଳଙ୍କ କର୍ତ୍ତବ୍ୟ କୁହୁଡ଼ି ବିରୋଧରେ ଏକ ଆହ୍ୱାନ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ସେହିଭଳି ମୁଦ୍ରା ଆକୃତିର ଡିଟୋନେଟର, ଦପ୍ ଦପ୍ କରୁଥିବା ଆଲୋକ ଏବଂ ଫ୍ଲୋରେସେଣ୍ଟ ସିଗ୍ନାଲ ଘନ କୁହୁଡ଼ି ପାଇଁ ଏକ ବଳିଷ୍ଠ ଅସ୍ତ୍ର। ଶୀତ ଋତୁରେ କୁହୁଡ଼ିଆ ପାଗ ହେଉଥିବା ବେଳେ ଏଥି ଲାଗି ଅନେକ ସମୟରେ ଟ୍ରେନ ଚଳାଚଳରେ ବାଧା ଉପୁଜିଥାଏ। ଏପରି ସ୍ଥିତିରେ ଟ୍ରେନ ଚଳାଚଳକୁ ସୁଗମ କରିବାକୁ ରାତ୍ରିକାଳୀନ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସତର୍କତା ଅବଲମ୍ବନ ତଥା ଟ୍ରେନର ନିରାପତ୍ତା ଲାଗି ସଜାଗ ରହିବାକୁ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ବାଲେଶ୍ୱରରେ କେଟିଏମ୍‌ର ଷ୍ଟଣ୍ଟ୍ ଶୋ'

ଭୁବନେଶ୍ୱର, ୨୭-୧୨




କେଟିଏମ୍ ପକ୍ଷରୁ ବାଲେଶ୍ୱରର ନୂଆ ବସ୍‌ଷ୍ଟାଣ୍ଡରେ ଆକର୍ଷଣୀୟ ଷ୍ଟଣ୍ଟ ଶୋ' ଆୟୋଜନ କରାଯାଇଛି। ଏଥିରେ ପ୍ରଫେଶନାଲ ଷ୍ଟଣ୍ଟ ପ୍ରଦର୍ଶନକାରୀ ଭାଗ ନେବା ସହ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଦର୍ଶକ ଓ ବାଇକପ୍ରେମୀମାନେ ନୂତନ ଭାବେ ଉନ୍ମୋଚିତ ଡ୍ୟୁକ୍ ୧୨୫ ଏବିଏସ୍ ମଡେଲକୁ ଦେଖିବାକୁ ପାଇଥିଲେ। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚ ଅନୁଭବ ପ୍ରଦାନ କରାଇବାକୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବଜାଜ ଅଟୋର ପ୍ରୋ ବାଇକିଂ ସଭାପତି ଅମିତ ନନ୍ଦୀ ସୂଚନା ଦେଇଛନ୍ତି। ଏହି ଶୋ' ବିଭିନ୍ନ ସହରରେ ଆୟୋଜନ କରାଯାଉଥିବାବେଳେ ଏହାର କଳେବରରେ ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ୟୁନାଇଟେଡ ବ୍ୟାଙ୍କର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୭-୧୨

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ୬୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ବ୍ୟାଙ୍କର ୧୪୦ ଶାଖାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ରତିକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷାବିତ କମଳ କୁମାର ସାମନ୍ତରାଏ ସଭାପତିତ୍ୱ କରିଥିଲେ। ଉପମହାପ୍ରବନ୍ଧକ ତଥା ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ରାଜକିଶୋର ନାୟକ ବ୍ୟାଙ୍କର ପ୍ରଗତି ଉପରେ ଆଲୋକପାତ କରିଥିଲେ। ଆଗାମୀ ବର୍ଷ ପାଇଁ ବ୍ୟାଙ୍କର ଭୂମିକା ଏବଂ ଯୋଜନାକୁ ସେ ଏହି ଅବସରରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ପ୍ରତିକାର ଉପରେ ଏଠାରେ ଆଲୋଚନା ହୋଇଥିଲା। ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଯଜ୍ଞେଶ୍ୱର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ୟୁକୋ ବ୍ୟାଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ ମେଳା




ଭୁବନେଶ୍ୱର, ୨୭-୧୨

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲାର କୋଣାର୍କସ୍ଥିତ ଯାତ୍ରୀ ନିବାସରେ ଏକ ସ୍ୱୟଂସହାୟକ ଗୋଷ୍ଠୀ ମେଳା ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅତୁଲ ଗୋଏଲ ହିତାଧିକାରୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଅଧୀନରେ ୧୧ ଜିଲାର ୫୭୨ ସ୍ୱୟଂସହାୟକ ଗୋଷ୍ଠୀକୁ ମୋଟ ୮ କୋଟି ୨୯ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଏଥିରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ସରୋଜ ରଞ୍ଜନ ନାୟକ, ଉପ ଅଞ୍ଚଳ ମୁଖ୍ୟ ରମଣ ସିଂ, ବ୍ୟାଙ୍କ ପ୍ରବନ୍ଧକ ବ୍ରଜକିଶୋର ମହାନ୍ତି, ଆର୍‌ସେଟି ନିର୍ଦ୍ଦେଶକ ବିଷ୍ଣୁ ଚରଣ ଦଳେଇଙ୍କ ସମେତ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ବରିଷ୍ଠ ପ୍ରବନ୍ଧକ କ୍ଷୀରୋଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣବତ୍ତା ବୃଦ୍ଧି ଲାଗି ଆସିବ ନିୟମ

### ବିକ୍ରି ପର ସେବାଯୋଗାଣ

ନୂଆଦିଲ୍ଲୀ,୨୭-୧୨

ଦେଶରେ ପ୍ରଥମଥର ଆଫ୍ଟର ସେଲ୍ସ ସର୍ଭିସ ବା ବିକ୍ରି ପର ସେବା ଯୋଗାଣର ଗୁଣବତ୍ତା ବୃଦ୍ଧି ଲାଗି କେନ୍ଦ୍ର ସରକାର ନୂଆ ନିୟମ ପ୍ରଣୟନ କରିବାକୁ ଯାଉଛନ୍ତି। ଟିଭି, ଫ୍ରିଜ୍, ୱାଶିଂ ମେଶିନ, ମୋବାଇଲ ହ୍ୟାଣ୍ଡସେଟ୍, ଅଟୋମୋବାଇଲ ସମେତ ବହୁସେଗମେଣ୍ଟକୁ ଏହାର ପରିସରକୁ ଅଣାଯିବ। ଆମାଜନ, ଫ୍ଲିପ୍‌କାର୍ଟ ଭଳି ଇ-କମର୍ସ, ଓଲା, ଉବର ଭଳି କ୍ୟାବ୍ ଏଗ୍ରିଗେଟର, ଜୋମାଟୋ, ସ୍ୱିଗୀ, ବିଗ୍‌ବାସ୍କେଟ, ଗ୍ରୋଫର୍ସ ଭଳି ଫୁଡ୍ ଓ ଗ୍ରୋସରୀ ଡେଲିଭରୀ କମ୍ପାନୀ, ପେଟିଏମ୍ ଭଳି ଅର୍ଥ ସେବା ଯୋଗାଣକାରୀ, ଆଇଟି ଓ ଆଇଟି ଏନେବଲ୍ଡ ସର୍ଭିସେସ୍, ଟେଲିକମ ସର୍ଭିସ୍ ପ୍ରୋଭାଇଡର୍ସ, ବ୍ୟାଙ୍କ, ଟୁରିଜିମ୍ ଆଦିକୁ ନୂଆ ନିୟମ ପରିସରଭୁକ୍ତ କରାଯିବ। ଉପଭୋକ୍ତା ମାମଲା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ (ବିଆଇଏସ୍) ସୁନାଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ ସାମଗ୍ରୀର ଗୁଣବତ୍ତା ଲାଗି ନିୟମ ପ୍ରଣୟନ କରିଥାଏ। ସର୍ବନିମ୍ନ ମାନଦଣ୍ଡ ନିର୍ଦ୍ଧାରଣ ଲାଗି ସ୍ୱତନ୍ତ୍ର ସର୍ଭିସେସ୍ ସେକ୍ଟର ଡିଭିଜନାଲ କାଉନସିଲ ଗଠନ କରିଛି। କାଉନସିଲ୍‌ର ସଦସ୍ୟ ସଚିବ ବିଜୟ କୁମାର ସିଂହ କହିଛନ୍ତି ଯେ, ଏହି କମିଟି ନୀତି ନିର୍ଦ୍ଧାରଣ ଲାଗି ପ୍ରାରମ୍ଭିକ ସ୍ତରରେ କାମ କରିବ। ଏହାଦ୍ୱାରା ଗ୍ରାହକଙ୍କୁ ଫାଇଦା ମିଳିବ।

**PARADIP PORT TRUST**

**CORRIGENDUM-1 TO E-TENDER**
**CALL NOTICE NO. EM/MM/P/IOHP-24/2018/1811TDR201, DT. 09.11.2018 FOR SUPPLY OF HORIZONTAL CENTIFUGAL/VACCUM/OTHER PUMPS**

The due date of submission of Tender & opening of EMD Bid is hereby further extended as below: 1. Last Date of submission of tender up to 5.00 PM of Dt. 03.01.2019. 2. Opening of EMD Bid at 3.30 PM of Dt. 05.01.2019. All other terms & conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

Sr. Dy. Materials Manager
PPT/PR/544/2018-19, Dt. 27.12.2018

**GOVT. OF ODISHA, OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
eMail: se_nerwkjr@rediffmail.com

**"e" Procurement Notice for Road Works**
Identification No. Road Online NCB No.247
No. 3527 / Date: 22-12-2018

1265-O

1. Name of the work :- Road Work under DMF in the District of Keonjhar.
2. Estimated Cost :- As per Annexure in NIT.
3. Class of Contractor (Eligible) :- As per Annexure in NIT.
4. Period of Completion :- As per Annexure in NIT.
5. Other details :-

| Procurement Officer | Bid Identific-ation No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E. R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.247 | Dt.31.12.18 at 11.00AM | Dt.16.01.19 upto 3.00PM | Dt.15.01.19 upto 3.00PM | Dt.17.01.19 at 11.00AM | Dt.25.01.19 at 11.00AM |

• Further details can be seen from the website: www.tendersorissa.gov.in
25048/11/0038/1819 *Sd./- (Er. S. Chakrabarty), Superintending Engineer, N.E.R.W. Circle, Keonjhar*

**ODISHA RENEWABLE ENERGY DEVELOPMENT AGENCY**
OREDA
**Under the Department of Science & Technology**
**Government of Odisha**
**S/59, Mancheswar Industrial Estate, Bhubaneswar - 751010, Odisha**
Website: www.oredaorissa.com, E-mail: ceoreda@oredaorissa.com
Letter No.5426/OREDA Dated 26.12.2018

**OFFICE ORDER**

The e-tender for Design, Manufacture, Supply, Installation, Testing, Commissioning including warranty and comprehensive maintenance contract for Solar Energy Based Dual Pump for Drinking Water vide tender inviting notice No. 1786/OREDA dtd14.05.18 is hereby cancelled due to administrative reason.

**Sd./- Chief Executive**

**OFFICE OF THE PROJECT ADMINISTRATOR**
**ITDA, PHULBANI**
**No. 2420, Date: 26.12.2018**

Sealed tenders are invited by Registered Post / Speed Post / Courier Service from intends and well established Firms / Agencies / Dealers / Manufactures for Supply of Sports Equipments for Tribal Youth Club under SDC, Kandhamal having valid GST certificate, Dealership certificate, VAT Clearance Certificate, PAN Card required test Certificate in conformity with detailed Tender Call Notice. The General Bid sheet / terms & condition for supply of Sport equipments along with last date of receipt and opening of Tender will be available with ITDA, Phulbani from 27.12.2018 to 10.01.2019 during office hours from 10.00AM to 5.00PM on all working days on payments of 5000/- (Rupees Five Thousand) only in shape of BD which is non-refundable and can be downloaded from website i.e. www.kandhamal.nic.in.

The authority reserves the right to accept or reject any or all the tenders without assigning any reason thereof.

*Sd./- Project Administrator*
*ITDA, Phulbani*

**State Level Flower Show, 2019**
**Botanic Gardens (Ekamrakanan)**
**Regional Plant Resource Centre, Nayapalli, Bhubaneswar**
**12th - 13th January, 2019**
**(9 AM to 7 PM)**

ENTRY TO GARDEN FREE
FREE PARKING INSIDE GARDEN

*Organised by :*
**Regional Plant Resource Centre, Bhubaneswar**
*in collaboration with*
**Plant Lovers' Association, Bhubaneswar**
*Supported by :*
नालको NALCO
&
**Directorate of Horticulture, Odisha**

"ଅଷ୍ଟ୍ରେଲିଆନ ଓପନ୍ ଯଦିଓ ଆଉ ୩ ସପ୍ତାହରୁ କମ୍ ସମୟ ରହିଛି, ସେତେବେଳକୁ ମୁଁ ଆହତ ସମସ୍ୟାରୁ ମୁକୁଳିଯାଇଥିବି ।"
– ରାଫାଲ ନାଡାଲ, ଟେନିସ ଖେଳାଳି



"ମେଲବୋର୍ନ ଟେଷ୍ଟରେ ଚେତେଶ୍ୱର ପୂଜାରାଙ୍କ ଧିମା ଇନିଂସ ଭାରତୀୟ ଦଳ ପାଇଁ ହୁଏତ ମହଙ୍ଗା ସାବ୍ୟସ୍ତ ହୋଇପାରେ ।"
– ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଏଏଫ୍‌ସି ଏସିଆନ୍ କପ୍ ଭାରତୀୟ ଦଳ ଘୋଷିତ

ଅବୁଧାବି, ୨୭।୧୨(ପି.ଟି.): ଆସନ୍ତା ୫ ତାରିଖରୁ ଫେବୃୟାରୀ ୧ ତାରିଖ ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବାକୁ ଥିବା ଏଏଫ୍‌ସି ଏସିଆନ କପ୍ ପାଇଁ ମୁଖ୍ୟ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ୍ ଏକ ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ୬ ତାରିଖରେ ଭାରତ ଥାଇଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ସେହିପରି ଭାରତ ତା'ର ଦ୍ୱିତୀୟ ମ୍ୟାଚ୍ ୧୦ ତାରିଖରେ ଆୟୋଜକ ୟୁଏଇ ଓ ୧୪ ତାରିଖରେ ବାହାରିନକୁ ଭେଟିବ। ୨୩ ଜଣଙ୍କୁ ବାଦ ଦେଲେ ବାକି ୫ଜଣ ଖେଳାଳି ମଧ୍ୟ ଦଳ ସହ ରହିବେ ବୋଲି କନଷ୍ଟାଣ୍ଟିନ କହିଛନ୍ତି। ଯଦି କୌଣସି ଖେଳାଳି ଆହତ ହୁଅନ୍ତି ତେବେ ବଦଳ ଖେଳାଳିଭାବେ ଏମାନେ ଦଳରେ ସ୍ଥାନ ପାଇବେ। ଏହି ଟୁର୍ନାମେଣ୍ଟରେ ଭାରତ ସମେତ ୨୩ ଦଳ ଅଂଶଗ୍ରହଣ କରିବେ। ଏକ ୨୮ ଜଣିଆ ଭାରତୀୟ ଦଳ ପ୍ରଥମେ ଅବୁଧାବିରେ ପହଞ୍ଚିଛି। ଏସିଆର ଶ୍ରେଷ୍ଠ ୮ ଟି ଦଳରେ ସ୍ଥାନ ପାଇବା ଆମର ଲକ୍ଷ୍ୟ ରହିଛି ବୋଲି କନଷ୍ଟାଣ୍ଟିନ କହିଛନ୍ତି।

ଘୋଷିତ ୨୩ ଜଣିଆ ଦଳ:
ଗୋଲକିପର- ଗୁରପ୍ରୀତ ସିଂ ସାନ୍ଧୁ, ବିଶାଲ କାଇଥ୍, ଅମରିନ୍ଦର ସିଂ। ଡିଫେଣ୍ଡର-ପ୍ରୀତମ କୋଟାଲ, ସାର୍ଥକ ଗୋଲୁଇ, ସନ୍ଦେଶ ଝିଙ୍ଗାନ୍, ଆନସ ଇଡାଥୋଡିକା, ସଲାମ ରଞ୍ଜନ ସିଂ, ସୁଭାଶିଷ ବୋଷ, ନାରାୟଣ ଦାସ। ମିଡଫିଲ୍ଡର୍ସ-ଉଦାନ୍ତ ସିଂ, ଜ୍ୟାକିଚାନ୍ଦ ସିଂ, ଜର୍ମନପ୍ରୀତ ସିଂ, ପ୍ରଣୟ ହାଲଦାର, ଅନିରୁଦ୍ଧ ଥାପ୍ପା, ବିନିତ ରାଏ, ରୋଲିନ ବର୍ଗସ, ଆସିକ କୁରୁନିୟାନ, ହାଲିଚରଣ ନର୍ଜରୀ। ଫରୱାର୍ଡ୍ସ- ସୁମିତ ପାସି, ବଲୱନ୍ତ ସିଂ, ସୁନୀଲ ଛେତ୍ରୀ ଓ ଜେଜେ ଲାଲପେଖଲୁଆ।

### ୟଙ୍ଗ ଷ୍ଟାର କ୍ରିକେଟ: ଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୨୭।୧୨(ସ୍ପୋର୍ଟ୍ସ ବ୍ୟୁରୋ): ଯାଜପୁରର ବ୍ରହ୍ମବରଦାଠାରେ ଚାଲିଥିବା ୧୩ତମ ୟଙ୍ଗ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ପାରାମାଉଣ୍ଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ପାରାମାଉଣ୍ଟ ଭଦ୍ରକର ଚରମ୍ପା ଏକାଦଶକୁ ୬୨ ରନରେ ପରାସ୍ତ କରି ଫାଇନାଲକୁ ଉଠିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ୨୫ ଓଭରରେ ୧୩୮ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ସୌରଭ ଗୌଡ ୪୨ ବଲରୁ ୫୪ ରନ ସଂଗ୍ରହ କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଚରମ୍ପା ୧୯.୧ ଓଭରରେ ୭୬ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଦଳର ତରଫରୁ ସାହିଦ ଖାଁ ୨୮ ବଲରୁ ୩୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାରାମାଉଣ୍ଟ ତରଫରୁ ହିତେଶ ନାୟକ ୪, ଅମିତାଭ ୩, ବି. ଶିବା ୨ଟି ଉଇକେଟ ଅକ୍ତିଆର କରିଥିଲେ।

### ହାଇଦ୍ରାବାଦ ଆର୍ଟିଲାରୀ ଦଳ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା), ୨୭।୧୨ (ଡି.ଏନ.ଏ.)-ଖୋର୍ଦ୍ଧା ଜିଲା କୁହୁଡ଼ି ଜନତା ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଭାରତୀୟ ସେନାର ଆର୍ଟିଲାରୀ ଫୁଟ୍‌ବଲ ଟିମ୍ (ହାଇଦ୍ରାବାଦ) ଓ କୋଲ୍‌କାତାର କାଳୀଘାଟ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଆର୍ଟିଲାରୀ ଫୁଟ୍‌ବଲ ଟିମ୍ ୨-୦ ଗୋଲରେ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଫହିସ ଏମ୍.କେ ଏକ ଗୋଲ୍ ଦେବାର ୨୦ ମିନିଟ୍ ପରେ ସୁନୀଲ ଯାଦବ ୨ୟ ଗୋଲ୍ ଦେଇଥିଲେ। ଶ୍ରେଷ୍ଠ ଖେଳାଳି ରୂପେ ଆର୍ଟିଲାରୀ ଦଳର ଫଇସ୍ ଓ କାଳୀଘାଟ ଦଳର ପ୍ରାର୍ଥ ଚକ୍ରବର୍ତ୍ତୀଙ୍କୁ ବଦନମଣି ଛୋଟରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ୍ କମିଶନର ଜାତୀୟ ରେଫରି ଡି. ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ରତ୍ନାକର ବାରିକ, ପ୍ରିୟବ୍ରତ ବାହିନୀପତି, ସୁଦୀପ ଦାସ ଓ ଶିବ ସୁନ୍ଦର ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଅତିଥି ରୂପେ ଜାତୀୟ ଫୁଟ୍‌ବଲ ରେଫରି ପଦ୍ମନାଭ ବିଶ୍ୱାଳ, କୁହୁଡି ସରପଞ୍ଚ ବିପିନ ଉଦୟସିଂ ଉପସଭାପତି ଶ୍ରୀବତ୍ସ ପରିଡ଼ା, ସଂଗଠକ ହରିଶ୍ଚନ୍ଦ୍ର ନାଇଡୁ ପ୍ରମୁଖ ଯୋଗ ଦେଇଥିଲେ।

# ଗୋଲକୁଣ୍ଡାକୁ ହରାଇ ରାମେଶ୍ୱର ସେମିରେ

**ମଙ୍ଗଳା କପ୍ କ୍ରିକେଟ**

କାକଟପୁର ୨୭।୧୨

୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚରେ ଯାଜପୁରର ଗୋଲକୁଣ୍ଡା ସ୍ପୋର୍ଟିଂକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ତୃତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ଭୋଇ ୪୮ ରନ୍ ଏବଂ ପୂର୍ଣ୍ଣଚନ୍ଦ୍ର ମହାରଣା ୪୬ ରନ ସଂଗ୍ରହ୍ କରିଥିଲେ। ଗୋଲକୁଣ୍ଡା ପକ୍ଷରୁ ବୋଲିଂ କରି ଜ୍ୟୋତି ଆଚାର୍ଯ୍ୟ ୩ଟି, ରାଜେଶ ପାତ୍ର,ସତ୍ୟପ୍ରକାଶ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ୧୯୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଗୋଲକୁଣ୍ଡା, ଯାଜପୁର ୨୫ ଓଭରରେ ୧୩୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଗୋଲକୁଣ୍ଡା ପକ୍ଷରୁ ପ୍ରଶାନ୍ତ ନାୟକ ୩୬, ରାଜେଶ ପାତ୍ର ୩୧ ରନ ସଂଗ୍ରହ କରିଥିବା ବେଳେ ଆଉ କୌଣସି ବ୍ୟାଟ୍ସମ୍ୟାନ ସଫଳ ହୋଇପାରି ନ ଥିଲେ। ରାମେଶ୍ୱର ପକ୍ଷରୁ ବୋଲିଂ କରି ତୋଫାନ ଗୌଡା ୩ଟି ଉଇକେଟ, ପରେଶ ପଟେଲ ଏବଂ ପୂର୍ଣ୍ଣଚନ୍ଦ୍ର ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ରାମେଶ୍ୱର ସ୍ପୋର୍ଟିଂର ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ବେଷ୍ଟ ପ୍ଲେୟାର ଭାବେ ପ୍ରଶାନ୍ତ ଭୋଇଙ୍କୁ କାକଟପୁର ହିରୋ ଶୋ'ରୁମର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁଚରଣ ପଣ୍ଡା ଏବଂ ଶିଳ୍ପପତି ଦେବୀପ୍ରସାଦ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଖେଳ ପରିଚାଳନା କରିଥିଲେ ନିର୍ମଳ କୁମାର ମିଶ୍ର ଏବଂ ଦ୍ୱିଜେନ୍ଦ୍ର ଘୋଷ। ଧାରାବିବରଣୀ ପ୍ରଦାନ କରିଥିଲେ ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ଅଞ୍ଜନ ଦୀକ୍ଷିତ। ସ୍କୋର ଦାୟିତ୍ୱରେ ଥିଲେ ସଚିନ୍। ଶୁକ୍ରବାର ଚତୁର୍ଥ କ୍ୱାର୍ଟରଫାଇନାଲରେ ୟୁନିୟନ ସ୍ପୋର୍ଟିଂ, କଟକକୁ ପାରାମାଉଣ୍ଟ ସ୍ପୋର୍ଟିଂ ଭୁବନେଶ୍ୱର ଭେଟିବ ବୋଲି ଆୟୋଜକ କ୍ଲବର ସଭାପତି ପ୍ରଦୀପ୍ତ ଦୀକ୍ଷିତ ସୂଚନା ଦେଇଛନ୍ତି।



ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଶହୀଦ ସ୍ପୋର୍ଟିଂ, ରାମେଶ୍ୱର ବିଜୟୀ

ଭୁବନେଶ୍ୱର,୨୭।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଗାଡ଼କଣସ୍ଥିତ ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଏଠାରେ ଗଡେଶ୍ୱର ୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍ ଆରମ୍ଭ ହୋଇଯାଇଛି। ମୋଟ ୮ ଦଳ ଅଂଶଗ୍ରହଣ କରିଥିବା ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚ୍‌ରେ ଶହୀଦ ସ୍ପୋର୍ଟିଂ ଓ ରାମେଶ୍ୱର କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶହୀଦ ସ୍ପୋର୍ଟିଂ ୫୧ ରନ୍‌ରେ ବିବିସିଏକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶହୀଦ ସ୍ପୋର୍ଟିଂ ଧାର୍ଯ୍ୟ ୨୫ ଓଭରରେ ୪ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଦଳ ପାଇଁ ସୋର୍ଯ୍ୟାନ ପଟ୍ଟନାୟକ ୫୬ ଓ ସୌମିତ୍ର ବିଶ୍ୱାଳ ୪୬ ରନ୍ କରିଥିଲେ। ଜବାବରେ ବିବିସିଏ ସମସ୍ତ ଓଭର ବ୍ୟାଟିଂ କରି ୯ ଉଇକେଟ ହରାଇ ୧୧୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ଲାଗି ସର୍ବାଧିକ ୪ ଉଇକେଟ ନେଇଥିବା ଦେବଜ୍ୟୋତି ଦାସ ପଟ୍ଟନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହାପରେ ଓସ୍କାର ସ୍ପୋର୍ଟିଂ ବିପକ୍ଷ ମ୍ୟାଚ୍‌ରେ ରାମେଶ୍ୱର କ୍ଲବ ୧୨୧ ରନ୍‌ର ବୃହତ୍ ବିଜୟ ହାସଲ କରିଛି। ରାମେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ଧାର୍ଯ୍ୟ ୨୫ ଓଭରରେ ୪ ଉଇକେଟ ହରାଇ ୨୧୩ ରନ୍ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ୯୫ ଓ ଗୌତମ ଗୋପାଳ ଅପରାଜିତ ୫୮ ରନ୍ କରିଥିଲେ। ଜବାବରେ ଓସ୍କାର ଦଳ ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂରେ ରାମେଶ୍ୱର ପାଇଁ ତନୟ ବିଶ୍ୱାଳ ୩ ଏବଂ ଓମ୍ ତ୍ରିପାଠୀ ୨ଟି ଉଇକେଟ୍ ନେଇଥିଲା। ବିଜୟୀ ଦଳର ଆଶୁତୋଷ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ଶୁକ୍ରବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ପ୍ରଗତି ସ୍ପୋର୍ଟିଂ ପରସ୍ପରକୁ ଭେଟିବାକୁ ଥିବାବେଳେ ଟାଉନ କ୍ଲବ ଓ ବିବିସିଏ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।




■ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ରୋପ୍ ସ୍କିପିଂରେ କିଟ୍‌କୁ ୩ୟ ସ୍ଥାନ

ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି) କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ରୋପ୍ ସ୍କିପିଂ (ମହିଳା-ପୁରୁଷ) ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ମହିଳା ବିଭାଗରେ କିଟ୍ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଭୋପାଳର ବର୍କତୁଲ୍ଲା ବିଶ୍ୱବିଦ୍ୟାଳୟ ପ୍ରଥମ ଆନ୍ଧ୍ର ପ୍ରଦେଶର ଆଦି କବି ନନ୍ନାୟା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଛି। ପୁରୁଷ ବିଭାଗରେ ନନ୍ନାୟା ପ୍ରଥମ, ରାଣୀ ଚନ୍ନମା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ କର୍ନାଟକ ବିଶ୍ୱବିଦ୍ୟାଳୟ ୩ୟ ହୋଇଛି। 'ଟଗ୍ ଅଫ୍ ୱାର' ଇଭେଣ୍ଟର ୪୮୦ କେଜି ମହିଳା ବିଭାଗରେ କେରଳର କନ୍ନୁର ପ୍ରଥମ, କାଲିକଟ ଦ୍ୱିତୀୟ ଓ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ତୃତୀୟ ହୋଇଛି। ୬୪୦ କେଜି ପୁରୁଷ ବିଭାଗରେ ଚଣ୍ଡିଗଡ଼ ପ୍ରଥମ, ପଞ୍ଜାବୀ ଦ୍ୱିତୀୟ ଓ କନ୍ନୁର ବିଶ୍ୱବିଦ୍ୟାଳୟ ତୃତୀୟ ହୋଇଛି। ୫୬୦ କେଜି ମିକ୍ସଡ ଇଭେଣ୍ଟରେ ଦିଲ୍ଲୀର ଜିଜିଏସଆଇପିୟୁ ପ୍ରଥମ, ଚଣ୍ଡିଗଡ଼ ଦ୍ୱିତୀୟ ଓ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ସର୍ବଭାରତୀୟ ଆନ୍ତଃ ଜୋନ୍ ପୁରୁଷ କବାଡ଼ି ଟୁର୍ନାମେଣ୍ଟର ଲିଗ୍ ମ୍ୟାଚରେ ସତ୍ୟଭାମା ବିଶ୍ୱବିଦ୍ୟାଳୟକୁ ଉତ୍କଳ ହରାଇଥିବାବେଳେ ଆର୍ଚେରୀର ରିକର୍ଭ ରାଉଣ୍ଡରେ କିଟ୍ ପ୍ରତିଯୋଗୀମାନେ ଭାଗ ନେଇଛନ୍ତି।


**ZILLA SWASTHYA SAMITI, DEOGARH**
Department of Health & Family Welfare, Govt. of Odisha

**SHORT TENDER CALL NOTICE**

Letter No:- 6800 Dt. 22.12.2018

No. 698-E : Sealed tenders are invited from travel agencies/transporter/individuals/private organizations situated within Deogarh district for hiring of one vehicle having seating capacity not less than 9 (SCORPIO, BOLERO, XYLO etc) with AC facility to be engaged for Mobile Vision Centre under SUNETRA (UEHP), Odisha at district level on monthly/daily hiring basis. The tender papers shall be submitted in one envelope consists of two separate envelopes, one for technical bid & second for financial bid through speed post/registered post/courier only on or before 05.01.2019 by 2 P.M. to the Office of CDM & PHO, DHH, Deogarh .The tenders will be opened at 3.30 P.M. on the same day. The tender paper along with terms and conditions will be available in the website www.deogarh.nic.in. The authority reserves right to accept or reject any or all the tender without assigning any reason thereof. The envelope containing the tender must be clearly superscribed as " Tender for Hiring of vehicle for Mobile Vision Centre under SUNETRA"

Sd./-CDM & PHO-cum- District Mission Director, Deogarh

10113/11/0023/1819



ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

**DISTRICT PROJECT OFFICE**
**SARVA SIKSHYA ABHIYAN, JAJPUR**
Phone & Fax : 26728-224940,
Email : dpc.jajpur@opepa.in

No. 3285 Date : 24.12.2018

**SHORT QUOTATION CALL NOTICE FOR PRINTING OF QUESTION-CUM-BLANK ANSWER SHEETS -2018-19**

Sealed short Quotations under two bid systems are invited from the reputed offset printers having valid GST, TIN, PAN, registration etc, of firm for printing and supply of Question-cum-Blank answer sheets (Odia / English / Urdu / Hindi/ Sanskrit) for Assessment Exercise 2018-19 (Class I to VIII). The Quation papers (bid documents) containing detailed specification with terms and conditions, application of Technical Bid & application of Financial Bid can be obtained by downloading from the Jajpur district website i.e. http:jajpur.nic.in and OPEPA website http://opepa.in or may be obtained from our office during working days. Last date and time for receipt of Quotation paper is Dtd. 10.01.2019 upto 05.00 P.M. and will be opened on Dtd. 11.01.2019 at 11.00 A.M. The authority reserves the right to reject any or all the Quotations without assigning any reasons thereof.

Sd./- Collector-cum-Chairman, RTE-SSA, Jajpur



**OFFICE OF THE MUNICIPAL COUNCIL, DHENKANAL**
**DHENKANAL (ODISHA), PIN-759001**
Tel. No. 06762-224401 (O), FAX No. 06762-223355, Email: dhenkanalm.hud@gmail.com

No. 5129 Date: 27.12.2018

**DETAILED TENDER CALL NOTICE**

Sealed tenders in Two bid system (Double Cover System. 1- Technical Bid, 2- Financial Bid) in prescribed from in conformity with the detailed Tender Call Notice are invited by Dhenkanal Municipal Council for the following works from registered Firms / Entrepreneur / NGO / Private Companies satisfying the eligibility criteria given below so as to reach the Undersigned by 4.00PM on or before Dt.11.01.2019 by Regd. Post or Speed Post or dropping in the Sealed Tender Box. The tender will be opened on 14.01.2019 at 3.00PM in presence of available bidders or their authorized representatives. In absence of both, the Tender document can be opened. The tender document received beyond the scheduled date and time as indicated above can not be considered.

Tender documents for the works will be available from the Office of the Undersigned on any working day during office hours from Dt.28.12.2018 to 11.01.2019 on payment of Rs. 10,000.00 (Rupees Ten Thousand) only on payment of cash or demand draft from any nationalized Bank drawn in favour of "THE EXECUTIVE OFFICER, DHENKANAL MUNICIPALITY" payable at Dhenkanal.

The Bidders have to submit the Bid documents duly filled up along with the attested photo copies of qualifying documents as indicated below for verification.

| Sl. No. | Name of the Work | Period of Contract | Cost of tendered document |
|---|---|---|---|
| 1. | **Package-1** Road Sweeping, Drain Cleaning, Bush Cutting, Lifting of Garbage from the wards to the identified dumping yard at Banjhakusum & Door to Door Collection of Municipal Solid Waste in respective wards in ward no. 01 to 11 (Total No. of Wards-11) & etc. | One year from the date of agreement Estimated Cost: Rs. 2,06,80,632.00 | Rs. 10,000.00 |
| 2. | **Package-2** Road Sweeping, Drain Cleaning, Bush Cutting, Lifting of Garbage from the wards to the identified dumping yard at Banjhakusum & Door to Door Collection of Municipal Solid Waste in respective wards in ward no. 12 to 23 (Total No. of Wards-12) & etc. | One year from the date of agreement Estimated Cost: Rs. 1,76,59,884.00 | Rs. 10,000.00 |

**Important Points:** Tender will be two bid systems and financial bid will be opened those who will be qualified technically.

**Technical Requirement for the Bidders:** If a bidder will fail to produce any of the below mentioned documents, his/her tender will be out right rejected.

1. Copy of Registration Certificate.
2. Copy of valid GST Registration Certificate.
3. Copy of valid labour license (Min. 300 Nos.)
4. Copy of PAN Card & IT returns for last 3 years (FY 2015-16, 2016-17, 2017-18).
5. Copy of last 3 years Audit reports with turnover certificate issued by Chartered Accountant having average turnover Rs. 20 Lacs.
6. Valid Contractor License.
7. Solvency Certificate of Rs. 25 Lacs.
8. Copy of E.P.F. & E.S.I. registration certificate and upto date deposit challan & ECR copy (300 nos.) for sanitation works only.
9. Copy of EPF & ESI deposit Challan for last one year.
10. Experience certificate for atleast 2 years issued by NAC, Municipality or Corporation.
11. Affidavit in original regarding authentication of documents attached with the bid.
12. The Bidders have to deposit the Earnest Money Deposit (E.M.D.) @ 1% of their total estimated value for the period of contract in shape Demand Draft from any nationalized bank in favour of "THE EXECUTIVE OFFICER, DHENKANAL MUNICIPALITY" which is refundable to the unsuccessful Tenderer on demand.
13. The Tenderer must enclose the Money Receipt towards purchase of Tender documents.

The authority reserves right to accept or reject any or all the Bids without assigning any reason thereof.

Sd./- Executive Officer, Dhenkanal Municipality



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, JHARSUGUDA**
E-mail:- eemijharsuguda@gmail.com
No. 1860 /Date,22.12.2018
No. 1020-A

**e-PROCUREMENT NOTICE**
**BID REF No: EE, MID, JSD/10/2018-19**

| | | |
|---|---|---|
| Name of work | : | Civil Construction Works |
| No. of works | : | 22 (Twenty two) Nos. |
| Estimated cost | : | Varies from Approximately Rs.13.90 lakh to Rs.45.29 lakh for 22 Nos. of works is Rs.602.92 Lakh. |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid documents | : | From 04.01.2019, 10.00AM to 14.01.2019 upto 05.00PM in website (www.tendersorissa.gov.in) |
| Period of receipt of bid through online | : | From 04.01.2019, 10.00AM to 14.01.2019 upto 05.00PM through online. |
| Date of opening of bid documents | : | On dt. 15.01.2019 at 11.00AM onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

The detailed tender call notice can also be seen in the DOWR website- http://dowrorissa.gov.in

| | | |
|---|---|---|
| Name & Address of the OIT | : | Executive Engineer, M.I. Division, Jharsuguda, At- Jharsuguda, Near Pahadi Mandir, PO- Kalimandir Road, District- Jharsuguda, PIN- 768002. |

Further details can be seen from the e-Procurement market place : http://tendersorissa.gov.in

Sd./- 22.12.2018, Executive Engineer
M.I. Division, Jharsuguda

32291/11/0012/1819



No. 1022-A
**GOVERNMENT OF ODISHA**
**OFFICE OF THE CHIEF ENGINEER & BASIN MANAGER INDRAVATI-KOLAB BASIN, AT/PO: KHATIGUDA, DIST.- NABARANGPUR, ODISHA, PIN- 764085**
Tel. No. (06858) 224276, Email ID: ceuiip@gmail.com, ceuiip-eicwr.od@nic.in
**Bid Identification No. CE&BM, IKB-02/2018-19**
Letter No. 1258/ Dated 26.12.2018

**E-PROCUREMENT NOTICE**

| | |
|---|---|
| Bid Identification Number and Date | CE&BM, IKB-02/2018-19 |
| Name of work | Construction of Low Height Storage structure across river Indravati at Bangalaguda |
| Estimated Cost of work (INR) | Rs. 24,73,29,338/- (Excluding GST) |
| Bid Security (INR) | Rs. 24,73,500/- |
| Bid submission Fee (INR) | Rs. 10,000.00 (online) |
| Period of Completion | 24 (Twenty Four) calendar months including monsoon |
| Eligible Class of Bidder | 'Super Class' of Odisha PWD or equivalent class of other licensing authority |
| Tender document and the terms and conditions of contract and other necessary documents are available in | Website www.tendersorissa.gov.in and can be seen in this website and downloaded |
| Availability of bid online with date and time | From 03.01.2019, 10.00Hrs to 29.01.2019 upto 5.00PM |
| Pre-bid meeting, date, time and venue | O/o the Liaison Officer, U.I.P. B.J.B. Nagar, Bhubaneswar, on Dated 14.01.2019 at 11.00AM |
| Online bid submission of bid with date and time | 14.01.2019, 3.00PM to 29.01.2019 upto 5.00PM |
| Place, date and time for submission of original documents | During office hours at O/o the Chief Engineer & Basin Manager, IKB, Khatiguda from 30.01.2019 to 31.01.2019 |
| Date, time and venue of opening of Technical Bid online | On 04.02.2019 at 11.00Hours at O/o the Liasion Officer, UI Project, B.J.B. Nagar, Bhubaneswar |
| Date, time and venue of opening of Financial bid | To be intimated to the qualified bidders after evaluation of technical bid (Cover-I) |

Further details can be seen at the website www.tendersorissa.gov.in

Sd./- Chief Engineer & Basin Manager
Indravati-Kolab Basin, Khatiguda

32365/11/0007/1819



ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

**SARVA SIKSHA ABHIYAN, NAYAGARH**
**SHORT TENDER CALL NOTICE NO. 3339/Dt.26.12.2018**
**FOR PRINTING OF QUESTION-CUM-ANSWER SHEETS FOR SUMMATIVE ASSESMENT-2019**

Sealed quotations under two bid system are invited from the registered experienced Web-Offset Printers / firms having PAN, GSTIN, VAT, PAN clearance certificate etc. for printing and supply of Question-cum-Answer sheet for Summative Assessment-2019 (Class-I to VIII), of Nayagarh district. The tender papers (Bid documents) containing detailed specifications of technical and financial bid can be obtained by downloading with terms and conditions in two part bidding systems i.e. Application of technical Bid and Financial Bid from website i.e. OPEPA i.e. www.opepa.in and website of Nayagarh i.e. www.nayagarh.nic.in, can also be obtained from District Project Office, SSA, Nayagarh during office hours 10AM to 5PM on any working day on payment of Rs. 2000/- (Rupees Two Thousands) only in shape of Demand Draft which is non-refundable, drawn in favour of The "District Project Coordinator, SSA, Nayagarh, payable at Nayagarh" along with the tender papers. The last date and time for receipt of Quotation is 15.01.2018 at 2PM in D.P.O., Nayagarh (by hand or Speed Post) and tender will be opened on the same day at 3PM in the Office of the District Project Coordinator, SSA, Nayagarh in the presence of all bidders or their authorized representatives.

The Collector-cum-Chairman, SSA, Nayagarh reserves the right to amend, alter or cancel any part or all the quotations without assigning any reason thereof.

By order of the Collector-cum-Chairman
Sd./- District Project Coordinator
SSA, Nayagarh

ଧରିତ୍ରୀ
DHARITRI






# ସେବାୟତଙ୍କୁ ପୋଲିସର ମାଡ଼



ଭିତରଚ୍ଛୁ ଭବାନୀ ଶଙ୍କର ମହାପାତ୍ର ସିଂହଦ୍ୱାର ଥାନାରେ ଅଭିଯୋଗ କରୁଛନ୍ତି।

- ଭିତରଚ୍ଛୁଙ୍କ ନାକ ଫାଟିଲା
- ଥାନାରେ ଉଭୟ ପକ୍ଷର ଅଭିଯୋଗ

**ପୁରୀ ଅଫିସ,୨୭।୧୨**

ଯାତ୍ରୀଙ୍କୁ ଦର୍ଶନ କରାଇବାକୁ ନେଇ ଶ୍ରୀମନ୍ଦିରର ଜଣେ ସେବାୟତଙ୍କୁ ପୋଲିସ ମାଡ଼ ମାରିଛି। ଏଥିରେ ଭିତରଚ୍ଛୁ ଭବାନୀ ଶଙ୍କର ମହାପାତ୍ରଙ୍କ ନାକ ଫାଟିଛି। ଏ ନେଇ ଭିତରଚ୍ଛୁ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିବା ବେଳେ ବିଶ୍ୱଜିତ ପରିଜା ନାମକ ଜଣେ ଆଇଆର୍‌ବି ପୋଲିସ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗକୁ ନେଇ ତଦନ୍ତ ଆରମ୍ଭ କରିଛି। ସିସିଟିଭି ଯାଞ୍ଚ ପରେ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି।

ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ଗୁରୁବାର ରାତି ପ୍ରାୟ ୮ଟା ବେଳେ ଦୁଇ ମହିଳାଙ୍କ ସମେତ ୩ ଜଣ ବଙ୍ଗୀୟ ଭକ୍ତ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ଦେଇ ଯିବା ବେଳେ ସେଠାରେ କାର୍ଯ୍ୟରତ ଆଇଆର୍‌ବି ପୋଲିସ ବିଶ୍ୱଜିତ ସେମାନଙ୍କୁ ଅଟକାଇଥିଲେ। ବିଦେଶୀ ବୋଲି କହି ସେମାନଙ୍କ ପରିଚୟପତ୍ର ମାଗିଥିଲେ। ହେଲେ ସେମାନେ ତାଙ୍କ ଘର ପଶ୍ଚିମବଙ୍ଗ ବୋଲି କହିଥିଲେ। କିନ୍ତୁ ସେ ଶୁଣି ନ ଥିଲେ। ପରିଚୟପତ୍ର ନ ଦେଖାଇଲେ ଛାଡିବେ ନାହିଁ ବୋଲି କହିବା ସହ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ଭିତରଚ୍ଛୁ ପହଞ୍ଚି ସେମାନେ କୋଲକାତାରୁ ଆସିଛନ୍ତି ବୋଲି କହିଥିଲେ। ଏହାସତ୍ତ୍ୱେ ପୋଲିସ ତାଙ୍କୁ ଛାଡି ନ ଥିଲା। ଏହାକୁ ନେଇ ଭିତରଚ୍ଛୁ ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପୋଲିସ କର୍ମଚାରୀ ତାଙ୍କୁ ମାଡ଼ ମାରିଥିଲେ ବୋଲି ଭିତରଚ୍ଛୁ ଅଭିଯୋଗ କରିଛନ୍ତି। ଏଥିସହ ସେ ଏସ୍‌ପି ଏବଂ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ସଂକ୍ରାନ୍ତରେ ଶ୍ରୀମନ୍ଦିର କମାଣ୍ଡର ମଧ୍ୟ ଏସ୍‌ପିଙ୍କୁ ଜଣାଇଛନ୍ତି।

ଅନ୍ୟପକ୍ଷରେ ବିଶ୍ୱଜିତ ସିଂହଦ୍ୱାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ସିଂହଦ୍ୱାରରେ ଡ୍ୟୁଟି କରୁଥିଲେ। ଏହି ସମୟରେ ସମ୍ପୃକ୍ତ ୩ ଯାତ୍ରୀଙ୍କ ମଧ୍ୟରେ ଜଣେ ମହିଳା ବିଦେଶୀ ବୋଲି ତାଙ୍କର ସନ୍ଦେହ ହୋଇଥିଲା। ତେଣୁ ସେ ପରିଚୟପତ୍ର ମାଗିଥିଲେ। କିନ୍ତୁ ସେମାନେ ଦେଇ ନ ଥିଲେ। ଭିତରଚ୍ଛୁଙ୍କୁ ଡାକି ଆଣିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତାଙ୍କ କଲର ଧରି ସେମାନେ ତାଙ୍କୁ ଠେଲାପେଲା କରିଥିଲେ ବୋଲି ବିଶ୍ୱଜିତ ଅଭିଯୋଗ କରିଛନ୍ତି।







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroFinCorp. HDFC BANK We understand your world IndusInd Bank TWO WHEELER LOANS HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. କଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 7894020001. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନା କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।

- କାର୍ଲାଇଲ

## ଆଜି କ'ଣ କେଉଁଠି

କଟକ

- ବ୍ଲକସ୍ତରୀୟ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ, ଶଗଡ଼ିପାଟଣା ଜଙ୍ଗଲ, ମହାନଦୀ ପଠା, ପୂର୍ବାହ୍ନ ୧୦ଟା।
- ରାଜ୍ୟ ଆଥ୍‌ଲେଟିକ ମିଟ୍, ବାରବାଟୀ ଷ୍ଟାଡିୟମ୍, ପୂର୍ବାହ୍ନ ୧୦ଟା।
- ଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କ ୯୭ତମ ଜୟନ୍ତୀ ପାଳନ, କୃଷ୍ଣ ଚିତ୍ରାଳୟ ଉପର ମହଲା ମଞ୍ଚ, ହରିପୁର ରୋଡ୍, ସନ୍ଧ୍ୟା ୬ଟା।

# ଗ୍ୟାଙ୍ଗଷ୍ଟରର ତପୁ, ସ୍ତ୍ରୀ ଗିରଫ

- ଡି' ବ୍ରଦର୍ସ ଗ୍ୟାଙ୍ଗ୍ ମଙ୍ଗ ଧରିଥିଲେ
- ୫ଲକ୍ଷ ଟଙ୍କା, ମାଉଜର ସହ ଧରାପଡିଥିଲେ

କଟକ ଅଫିସ,୨୭।୧୨

ଗଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା (ଡି' ବ୍ରଦର୍ସ) ଏବେ ଜେଲ୍‌ରେ। କିନ୍ତୁ କଟକ ଓ ଭୁବନେଶ୍ୱର ସମେତ ରାଜ୍ୟରେ ରାଜ କରୁଛି ତାଙ୍କ ଗ୍ୟାଙ୍ଗ୍। ଏହି ଗ୍ୟାଙ୍ଗ୍‌ର ମଙ୍ଗ ଧରିଥିବା ଗ୍ୟାଙ୍ଗଷ୍ଟର ପ୍ରଶାନ୍ତ ଦାସ ଓରଫ ତପୁଙ୍କୁ ଗିରଫ କରିଛି କମିଶନରେଟ ପୋଲିସ। ୩ଦିନ ତଳେ ସ୍ପେଶାଲ ସ୍କ୍ୱାଡ୍ ତାଙ୍କୁ ଭୁବନେଶ୍ୱରରୁ ଉଠାଇ ଆଣିବା ସହ ତାଙ୍କଠାରୁ ୪ ଲକ୍ଷ ୮୪ ହଜାର ଟଙ୍କା, ଏକ ବନ୍ଧୁକ, ୧୩ ମୋବାଇଲ୍ ଫୋନ୍ ଓ ୩ ଏଟିଏମ୍ କାର୍ଡ ଓ ଗୋଟିଏ ମୋଟର ସାଇକେଲ ମଧ୍ୟ ଜବତ କରିଥିଲା। ସିଡିଏ ଫେଜ୍-୨ ଥାନାରେ ତପୁଙ୍କୁ ରଖି ଅଧିକ ଖୋଳତାଡ଼ ଚାଲିଥିଲା। ଶେଷରେ ସଦର ଥାନା ପକ୍ଷରୁ ତପୁଙ୍କ ସହ ତାଙ୍କ ସ୍ତ୍ରୀ ସରୋଜିନୀ ଦାସଙ୍କୁ ଗିରଫ କରାଯାଇଛି। ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଗୁରୁବାର ରାତିରେ କଟକ ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ସୂଚନାନୁସାରେ, ଧଳ ସାମନ୍ତ ଭ୍ରାତା ଧରାପଡିବା ପରେ ତପୁ ଗ୍ୟାଙ୍ଗକୁ ସଜାଡି କଟକରେ ଆପରାଧିକ ସାମ୍ରାଜ୍ୟକୁ ସକ୍ରିୟ କରି ରଖିଥିଲା। ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ପରେ ଜେରାବେଳେ ସେ ତପୁଙ୍କ ଗ୍ୟାଙ୍ଗ୍ ସମ୍ପର୍କରେ କହିଥିଲେ। ଠୋସ୍ ପ୍ରମାଣ ମିଳିବା ପରେ ପୋଲିସ ତପୁଙ୍କୁ ଗିରଫ କରିବାକୁ ଯୋଜନା କରିଥିଲା। ହେଲେ ତପୁ ସବୁବେଳେ ପୋଲିସ ନଜରରୁ ଦୂରରେ ରହୁଥିଲେ। ଗତ୨୫ ତାରିଖରେ ଭୁବନେଶ୍ୱର ଶହୀଦନଗରସ୍ଥିତ ଏକ ହୋଟେଲରୁ ସ୍ପେଶାଲ ସ୍କ୍ୱାଡ୍ ଧରିବାରେ ସକ୍ଷମ ହୋଇଥିଲା। ସ୍ପେଶାଲ ସ୍କ୍ୱାଡ୍‌ର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ତପୁ ପୁଣି ଆଉ ଏକ ଅପରାଧ କରିବାକୁ ଯୋଜନା କରୁଥିବା ଖବର ମିଳିବା ପରେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ତେବେ ଧରାପଡିବା ସମୟରେ ତାଙ୍କଠାରୁ ଜବତ ୫ଲକ୍ଷ ଟଙ୍କା କିଏ କାହିଁକି ଦେଇଥିଲେ ତାହାର ଖୋଳତାଡ଼ ଚାଲିଛି। ତପୁ ନାଁରେ କଟକ ସଦର ଥାନାରେ ୫ଟି ଆପରାଧିକ ମାମଲା ରହିଥିବାବେଳେ ଭୁବନେଶ୍ୱର, ବାଲେଶ୍ୱର, ଜଗତ୍‌ସିଂପୁରର ବିଭିନ୍ନ ଥାନାରେ ମୋଟ ୨୬ଟି ମାମଲା ରହିଛି। ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବ। ଏହାପରେ ତପୁର ଆପରାଧିକ ସାମ୍ରାଜ୍ୟ ଓ ଟିଟୋ ଲିଙ୍କ ସମ୍ପର୍କରେ ପୂରା ସ୍ପଷ୍ଟ ତଥ୍ୟ ମିଳିବ ବୋଲି ଅଧିକାରୀ ଜଣକ କହିଛନ୍ତି।



ଫ୍ୟାନ୍ସି ନମ୍ବର ପ୍ଲେଟ୍ ଓ ଉଚ୍ଚ ଶବ୍ଦଯୁକ୍ତ ହର୍ନ ବ୍ୟବହାରକୁ ନେଇ କଟକ ବାରବାଟୀ ଷ୍ଟାଡ଼ିୟମ ରାସ୍ତା ପାର୍ଶ୍ୱରେ ଗୁରୁବାର ଟ୍ରାଫିକ ପୋଲିସ ପକ୍ଷରୁ ବାଇକ୍ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଛି।

## ବେକାର, ଦୁର୍ନୀତି ବିରୋଧରେ ସାଧାରଣ ସଭା

**ଟାଙ୍ଗୀ(କଟକ)୨୭।୧୨(ଡି.ଏନ୍.ଏ):** ସିପିଆଇ(ଏମ୍) ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ପକ୍ଷରୁ ଗୁରୁବାର ଟାଙ୍ଗୀ ଗୋରୁହାଟ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବେକାର, ଦରବୃଦ୍ଧି ଓ ଦୁର୍ନୀତି ସାଙ୍ଗକୁ ସମ୍ବିଧାନ ତଥା ମହିଳା ବିରୋଧୀ ନୀତି ବିରୋଧରେ ଏହି ସଭା ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ବିଷ୍ଣୁ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ୍) କେନ୍ଦ୍ରୀୟ କମିଟି ସଭ୍ୟ ଜନାର୍ଦ୍ଦନ ପତି, ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ, ଗଣତାନ୍ତ୍ରିକ ମହିଳା ସମିତି, ରାଜ୍ୟ ସଭାନେତ୍ରୀ ପୁଷ୍ପା ଦାଶ ଓ ସିଆଇଟିୟୁ ଜିଲା ସମ୍ପାଦକ ରବି ନାରାୟଣ ମଲ୍ଲିକ ଅତିଥିଭାବେ ଯୋଗଦେଇ ଉଭୟ ସରକାରଙ୍କ ଜନବିରୋଧୀ ନୀତିର ସମାଲୋଚନା କରିଥିଲେ। ନେତା ରମେଶ ବେହେରା, ରଶ୍ମିରଞ୍ଜନ ତ୍ରିପାଠୀ, ଜୟ ସିଂ, ମହେନ୍ଦ୍ର ବେହେରା ଓ ଚନ୍ଦ୍ରମୋହନ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡମ୍ବରୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କବିରତ୍ନ ବିଶ୍ୱନାଥ କରଙ୍କ ଜୟନ୍ତୀ ଅବସରରେ ଗୁରୁବାର କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ କବିତା ସଙ୍କଳନ 'ଏକପାଦ'କୁ ଉନ୍ମୋଚନ କରୁଛନ୍ତି।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ଟାଙ୍ଗୀ(କଟକ), ୨୭।୧୨(ଡି.ଏନ୍.ଏ.)

୧୬ନଂ. ଜାତୀୟ ରାଜପଥ ଟାଙ୍ଗୀ ଥାନା ଅନ୍ତର୍ଗତ ପଶୁପତିଗଡ଼ା ନିକଟରେ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀଙ୍କ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ସେ ହେଲେ ଭଞ୍ଜନଗର ଥାନା ଅଧୀନ ବରଗାଁ ଅଞ୍ଚଳର ରବୀନ୍ଦ୍ର କୁମାର ବିଶୋଇ(୫୨)। ରାଜପଥ ପାର୍ଶ୍ୱ ଏକ କମ୍ପାନୀରୁ କାମସାରି ସେ ସାଇକେଲରେ ଟାଙ୍ଗୀସ୍ଥିତ ଭଡ଼ାଘରକୁ ଫେରୁଥିଲାବେଳେ ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୪୦/୧୮) ରୁଜୁ ହୋଇଛି। ଗୁରୁବାର ମୃତଦେହବ୍ୟବଚ୍ଛେଦପରେତାଙ୍କପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏ.ଏସ୍.ଆଇ. ସଦାଶିବ ଧୀର କହିଛନ୍ତି।

### ବାଙ୍କୀ କ୍ରୀଡ଼ା ସଂସଦ ସାଧାରଣ ପରିଷଦ ବୈଠକ

## ୨୭ରୁ ରାଜ୍ୟସ୍ତରୀୟ ଫୁଟବଲ୍, କ୍ରିକେଟ ଟୁର୍ନାମେଣ୍ଟ

ବାଙ୍କୀ,୨୭।୧୨(ସ୍ୱ.ପ୍ର.)

ବାଙ୍କୀ କ୍ରୀଡ଼ା ସଂସଦ ସାଧାରଣ ପରିଷଦ ବୈଠକ ବିଦ୍ୟାରତ୍ନ ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ଉପସଭାପତି ଜିତେନ୍ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ସଂସଦ ସମ୍ପାଦକ ସନ୍ତୋଷ ରଣା ସ୍ୱାଗତ ଭାଷଣ ଦେବାସହ ଚଳିତ ବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଓ କ୍ରିକେଟ୍ ଟୁର୍ନାମେଣ୍ଟ ଆସନ୍ତା ଜାନୁୟାରୀ ୨୭ରୁ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ବାଙ୍କୀ କ୍ରୀଡ଼ା ସଂସଦ ସଭ୍ୟ ତଥା ପୂର୍ବତନ କ୍ରିକେଟର ସମ୍ବିତ ପଟ୍ଟନାୟକଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂସଦ ଉପସଭାପତି ବିବେକାନନ୍ଦ ସାମଲ, ସହସମ୍ପାଦକ ପ୍ରଶାନ୍ତ ଦାସ, କୋଷାଧ୍ୟକ୍ଷ ଲିଙ୍ଗରାଜ ରାଉତ, କ୍ରୀଡ଼ା ସମ୍ପାଦକ ସୌମେନ୍ଦ୍ର ମିଶ୍ର, ଫୁଟବଲ ସମ୍ପାଦକ କୃପାସିନ୍ଧୁ ପ୍ରଧାନ, ସଭ୍ୟ ପ୍ରେମାନନ୍ଦ ବେହେରା, ପରିକ୍ଷିତ ବେହେରା ଓ ସୁପୁତ୍ର ପ୍ରଧାନଙ୍କ ସମେତ ବହୁ ଫୁଟବଲ ଓ କ୍ରିକେଟ ଖେଳାଳି ଉପସ୍ଥିତ ଥିଲେ।

# ଓପିଏସସି ଆଗରେ ପରୀକ୍ଷାର୍ଥୀଙ୍କ ଧାରଣା

କଟକ ଅଫିସ, ୨୭।୧୨

ଗୋଟିଏ ତାରିଖରେ ତିନୋଟି ନିଯୁକ୍ତି ଭିତ୍ତିକ ପରୀକ୍ଷା ପାଇଁ ଦିନଧାର୍ଯ୍ୟ କରାଯାଇଥିବାରୁ ଏବେ ଚିନ୍ତାରେ ପଡିଛନ୍ତି ପରୀକ୍ଷାର୍ଥୀ। ତେଣୁ ନିର୍ଦ୍ଧାରଣ କରାଯାଇଥିବା ପରୀକ୍ଷା ତାରିଖରେ ପରିବର୍ତ୍ତନ କରିବା ଦାବିରେ ଗୁରୁବାର କେତେଜଣ ପରୀକ୍ଷାର୍ଥୀ ଓପିଏସସି ଆଗରେ ଧାରଣା ଦେଇଥିଲେ। ଆସନ୍ତା ଜାନୁୟାରୀ ୨୦ ତାରିଖରେ ଓପିଏସସି ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ପରୀକ୍ଷା ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ସେହିଦିନ ରେଲୱେ ଓ ଆଇବିପିଏସର ପରୀକ୍ଷା କରାଯିବ। ଏହି ତିନୋଟି ପଦବୀ ପାଇଁ ଲକ୍ଷାଧିକ ଆଶାୟୀ ପ୍ରାର୍ଥୀ ଆବେଦନ କରିଛନ୍ତି। ଗୋଟିଏ ଦିନରେ ୩ଟି ପରୀକ୍ଷା କିପରି ଦେବେ ତାହାକୁ ନେଇ ଏବେ ସେମାନେ ଚିନ୍ତାରେ ପଡିଛନ୍ତି। ତେଣୁ ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଏସଓ ପରୀକ୍ଷା ତାରିଖ ଘୁଞ୍ଚାଇବାକୁ ପରିକ୍ଷାର୍ଥୀମାନେ ଦାବି କରିଛନ୍ତି। ଗୁରୁବାର ଶତାଧିକ ପରୀକ୍ଷାର୍ଥୀ ଓପିଏସସି ସମ୍ମୁଖରେ ଧାରଣା ଦେବା ସହ ଚେୟାରମ୍ୟାନଙ୍କୁ ଭେଟି ଏ ସଂକ୍ରାନ୍ତରେ ଦସ୍ତଖତ ସମ୍ବଳିତ ଦରଖାସ୍ତ ପ୍ରଦାନ କରି ସହ ଏ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

## ଶ୍ରମିକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଥିଲେ ବନମାଳୀ



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିବୃନ୍ଦ।

ଚୌଦ୍ୱାର, ୨୭।୧୨ (ଡି.ଏନ୍.ଏ.)

ଶ୍ରମିକ ନେତା, ସ୍ୱାଧୀନତା ସଂଗ୍ରାମୀ, ଚୌଦ୍ୱାର ସାହିତ୍ୟ ସଂସଦର ପୂର୍ବତନ ସଭାପତି ତଥା ସଙ୍ଗଠକ ବନମାଳୀ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଟାଉନ୍ ହଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଅତିଥିଭାବେ ଯୋଗଦେଇ ବନମାଳୀ ନିଃସ୍ୱାର୍ଥପର ଭାବେ ଶ୍ରମିକଙ୍କ କଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି କହିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଆ ଜାତିର ସୁରକ୍ଷା ପାଇଁ ସେ ଶେଷ ପର୍ଯ୍ୟନ୍ତ ଲଢାଇ ଜାରି ରଖିଥିଲେ ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି। ଏଥିରେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କୈଳାସ ଚନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ପୃଷ୍ଟି, ଗୋପାଳ ଚନ୍ଦ୍ର ଦାସ, ସହଦେବ ବରାଳ, ଶୁଭେନ୍ଦୁ ସାମଲ, ମନୋଜ ମହାନ୍ତି, କେ. ସି. ପ୍ରତାପସିଂହ ଓ କଳ୍ପନା ଜେନା ପ୍ରମୁଖ ଯୋଗଦେଇଥିଲେ।

## ଟ୍ରାଙ୍କୁଲାଇଜରରେ ଧରାପଡ଼ିଲା ମାଙ୍କଡ଼

**କଟକ ସଦର, ୨୭।୧୨(ଡି.ଏନ୍.ଏ.):** ୭ ମାସ ଧରି ଉତ୍ପାତ କରି ମଣିଷଙ୍କୁ କାମୁଡିଥିବା ମାଙ୍କଡକୁ ବନ ବିଭାଗ କର୍ମଚାରୀମାନେ ଗୁରୁବାର ସକାଳେ କଟକ ସଦର ବ୍ଲକ ଅଧୀନ ନୂଆକୋରୁଆରୁ ଟ୍ରାଙ୍କୁଲାଇଜ୍ କରି ଧରିଛନ୍ତି। ଏହି ମାଙ୍କଡ଼ ଗଛରେ ଥାଇ ରାସ୍ତାରେ ଯାଉଥିବା ଲୋକଙ୍କୁ ଆକ୍ରମଣ କରୁଥିଲା। ଫଳରେ ବିଭିନ୍ନ ସମୟରେ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାଙ୍କଡ କାମୁଡାରେ ଆହତ ହୋଇଛନ୍ତି। ତାକୁ ଧରିବା ପାଇଁ ବନ ବିଭାଗ କର୍ମଚାରୀ ୨ ଥର ଉଦ୍ୟମ କରି ବ୍ୟର୍ଥ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ରୋଗୀ କଲ୍ୟାଣ ସମିତି ବୈଠକ

ବାଙ୍କୀ,୨୭।୧୨(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଉପଜିଲାପାଳ ଅରୁଣ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଗୀଙ୍କୁ ଖାଦ୍ୟ ଯୋଗାଣ ପାଇଁ ଟେଣ୍ଡର ଆହ୍ୱାନ ନିଷ୍ପତ୍ତି ହେବାସହ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅପରେଶନ ଗୃହରେ ଇନ୍‌ଭରଟର ସ୍ଥାପନ, ଚିକିତ୍ସାଳୟରେ ଅଧିକ ସିସିଟିଭି, ଏଲଇଡି ଟିଭି, ରୋଗୀ ଓ ଜନସାଧାରଣଙ୍କ ସୁବିଧା ପାଇଁ ବେଡ୍ ଗୁଡ଼ିକୁ ନମ୍ବର କରାଯାଇ ମ୍ୟାପ ପ୍ରସ୍ତୁତ କରାଯିବା, ପୂର୍ତ୍ତ ବିଭାଗ ଦ୍ୱାରା ଚିକିତ୍ସାଳୟ ଗୃହଗୁଡିକର ଆବଶ୍ୟକ ମରାମତି ଓ ରଙ୍ଗ କରାଯିବା ଏବଂ ୨୪ ଘଣ୍ଟିଆ ଜଳଯୋଗାଣ ପାଇଁ ନିଷ୍ପତ୍ତି ହୋଇଥିଲା। ସରକାରଙ୍କ ନିଦାନ ଯୋଜନାରେ କିପରି ସମସ୍ତ ରୋଗୀ ମାଗଣାରେ ମେଡିକାଲରେ ଡିଜିଟାଲ ଫଟୋ-ଏକ୍ସରେ ଓ ସମସ୍ତ ପରୀକ୍ଷା କରିବେ ସେ ସମ୍ପର୍କରେ ଆଲୋଚନା ହେବାସହ ଅଲ୍‌ଟ୍ରାସାଉଣ୍ଡ ମେଶିନକୁ କାର୍ଯ୍ୟକ୍ଷମ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ପଦ୍ମଲୋଚନ ପଣ୍ଡା ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସଭ୍ୟ ସମରେନ୍ଦ୍ର ମହାପାତ୍ର, ସନ୍ତୋଷ ରଣା, ପଠାଣି ବେହେରା, ସୁରଞ୍ଜନ ପଣ୍ଡା, ବାଙ୍କୀ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ, ଏନଏଚ୍‌ଏମ୍ କର୍ମଚାରୀ ମହେନ୍ଦ୍ର ଦାସ, ଜନସ୍ୱାସ୍ଥ୍ୟ ଓ ପୂର୍ତ୍ତ ବିଭାଗ ଅଧିକାରୀ, ଶଲ୍ୟ ବିଭାଗ ମୁଖ୍ୟ ଡା. ବିଶ୍ୱମୋହନ ରାଉତରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମ୍ୟାନେଜର୍ ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ମହାରଥୀଙ୍କ ବହିଷ୍କାର ଦାବି

**କଟକ ଅଫିସ,୨୭।୧୨:** ପିପିଲି ଗଣବଳାତ୍କାର ଓ ହତ୍ୟା ଘଟଣାର ରାୟ ପ୍ରକାଶ ପାଇବା ପରେ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିବାଦୀୟ ବୟାନକୁ ନେଇ କଟକ ନଗର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଗୁରୁବାର ସ୍ଥାନୀୟ ବକ୍ସିବଜାର ଛକରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମନ୍ତ୍ରୀ ମହାରଥୀଙ୍କ ବହିଷ୍କାର ଦାବି କରାଯାଇଥିଲା। ଏହି ଅବସରରେ ଶତାଧିକ କର୍ମୀ ମହମବତି ଜାଳି ପୀଡିତାଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ।

## ବିଜୟ ଇସ୍‌କଫର ସର୍ବଭାରତୀୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ

**କଟକ ଅଫିସ, ୨୭।୧୨:** ତାମିଲନାଡୁର କୋଏମ୍ବାଟୁର ସହରରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍‌କଫ)ର ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବାଦପତ୍ର ବିକ୍ରେତା ସଂଘ କଟକର ସଭାପତି ତଥା ଶ୍ରମିକ ନେତା ବିଜୟ କୁମାର ପଡିହାରୀ ଆସନ୍ତା ୩ ବର୍ଷ ପାଇଁ ସର୍ବଭାରତୀୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉକ୍ତ ସମ୍ମିଳନୀରେ ଦେଶର ୨୨ଟି ରାଜ୍ୟ ଓ ବିଦେଶରୁ ଆସିଥିବା ୯ଟି ଦେଶର ପ୍ରତିନିଧି ଯୋଗଦେଇଥିଲେ। ଉକ୍ତ ସମ୍ମିଳନୀ ଗତ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ପଡିହାରୀଙ୍କୁ ଅଭିନନ୍ଦନ ଜଣାଯାଇଛି।

## କପାଳେଶ୍ୱର ୟୁଥ କ୍ଲବ୍‌ର ବାର୍ଷିକ ଅଧିବେଶନ

ଚୌଦ୍ୱାର, ୨୭।୧୨ (ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡ଼ ଅନ୍ତର୍ଗତ କପାଳେଶ୍ୱର ୟୁଥ କ୍ଲବ୍‌ର ବାର୍ଷିକ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ସନ୍ଦୀପ କୁମାର କାନୁନ୍‌ଗୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ପୂର୍ବତନ କାଉନସିଲର କରୁଣାକର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ସନ୍ଦୀପ୍ କାନୁନ୍‌ଗୋ, ଜ୍ୟୋତି ରଞ୍ଜନ ଦାସ, ଆଶିଷ କମଲ ସାମନ୍ତରାୟ. ସୁନୀଲ କୁମାର ସାହୁ, ରାଜେନ୍ଦ୍ର ପ୍ରସାଦ ଦାସ, ମହାଦେବ ଦାସ ପ୍ରମୁଖ ଯଥାକ୍ରମେ ସଭାପତି, ଉପ ସଭାପତି, ସମ୍ପାଦକ, ସହସମ୍ପାଦକ, କ୍ରୀଡା ସମ୍ପାଦକ ଓ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ରାଜକିଶୋର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ବିଜୁଳି ୟୁନିଟ୍ ପ୍ରତି ୨ ଟଙ୍କା ଆଦାୟ ପାଇଁ ଦାବି

**କଟକ ଅଫିସ, ୨୭।୧୨:** ଦିଲ୍ଲୀ ଭଳି ଓଡ଼ିଶାରେ ବିଜୁଳି ୟୁନିଟ୍ ପ୍ରତି ୨ ଟଙ୍କା ଆଦାୟ କରିବାକୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବି ହୋଇଛି। ଗୁରୁବାର ଦଳର କଟକ ନଗର ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ରାଣୀହାଟ ସେସୁ କର୍ତ୍ତୃପକ୍ଷଙ୍କ ନିକଟରେ ଏ ନେଇ ଲିଖିତ ଦାବି କରାଯାଇଛି।

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ଯୁବକ

**ପୋଲିସ ଶୁଣିଲାନି**

କଟକ ଅଫିସ, ୨୭।୧୨

ଗାଁ ଲୋକେ ମିଶି ହଇରାଣ କରୁଛନ୍ତି। ଦୁଇବର୍ଷ ହେବ ନାନାଦି ନିର୍ଯାତନା ଦେଉଛନ୍ତି। ବହୁବାର ଗାଁ ଲୋକଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ନିଜର ଦୃଷ୍ଟିଶକ୍ତି ହରାଇବାକୁ ବସିଲେଣି। ଥାନାକୁ ଗଲେ ପୋଲିସ ଶୁଣିଲାନି। ଏପଟେ ଗ୍ରାମବାସୀଙ୍କ ଉତ୍ପାତରେ ଗାଁରେ ରହିବା କଷ୍ଟକର ହୋଇପଡୁଛି। ଏଭଳି ଅଭିଯୋଗ କରି ଗୁରୁବାର ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ପବିତ୍ର ମୋହନ ସାମଲ ନାମକ ଜଣେ ଯୁବକ। ପବିତ୍ରଙ୍କ ଘର ଟାଙ୍ଗୀ ଥାନା ଅଧୀନ ମାଗୁରା ଧାନମଣ୍ଡଳ ଗ୍ରାମରେ। ୨୦୧୬ ନଭେମ୍ବର ୧୭ ତାରିଖରେ ପବିତ୍ରଙ୍କ ବିରୋଧରେ ଏକ ନଳକୂପରେ ବିଷ ପକାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାର ଆପୋସ ସମାଧାନ ଥାନାରେ ହୋଇଥିଲା। ମାତ୍ର ଏହା ପରଠାରୁ ପବିତ୍ରଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରୋଶ ରଖି ନିର୍ଯାତନା ଦିଆଯାଉଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ କଟକ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ପବିତ୍ର କମ୍ପ୍ଲେନ କେସ୍ କରିଥିଲେ। କୋର୍ଟ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ପବିତ୍ରଙ୍କୁ ନ୍ୟାୟ ମିଳୁନି। ଏ ସମ୍ପର୍କରେ ଟାଙ୍ଗୀ ଥାନା ଆଇଆଇସି ବିମଳ ବାରିକଙ୍କୁ ପଚାରିବାରୁ ଉକ୍ତ ଘଟଣାରେ କ'ଣ ହୋଇଛି ମୁଁ ତୁରନ୍ତ ଦେଖୁଛି ବୋଲି କହିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୭।୧୨(ସ୍ୱ.ପ୍ର.):** ଦୁର୍ଘଟଣାରେ ଗୁରୁବାର ଅପରାହ୍ନରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ସିକୋ ଗ୍ରାମର ରବୀନ୍ଦ୍ର ସାମନ୍ତରାୟଙ୍କ ପୁଅ ଆଲୋକ(୨୭)। ସେ କୌଣସି କାମରେ ବାଇକ୍ ଯୋଗେ ଭୁବନେଶ୍ୱରରୁ କେନ୍ଦ୍ରାପଡ଼ା ଯାଉଥିଲେ। କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ଜଣେ ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ବାଇକ୍‌କୁ ଏକ ହାଇୱା ସହିତ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାରକରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ-୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ସାଲେପୁର,୨୭।୧୨(ଡି.ଏନ.ଏ.)

୩ ଦିନ ଧରି ଚାଲିଥିବା ସାଲେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସାଲେପୁର ହାଇସ୍କୁଲ୍ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଶ୍ରୀଅରବିନ୍ଦଙ୍କ ସଙ୍ଗଠିକା ଉର୍ମିଳା ରାଉତ ଯୋଗଦେଇ ମାତୃପତାକା ଉତ୍ତୋଳନ କରିଥିଲେ। ଅନ୍ତର୍ଯ୍ୟାମୀ ପଣ୍ଡା ଅତିଥିଭାବେ ଯୋଗଦେଇ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ଦିବ୍ୟଜୀବନ ସଂଘର ପୂଜ୍ୟସ୍ୱାମୀ ଶିବଚିଦାନନ୍ଦ ଉଦ୍‌ଘାଟକଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ନବଜୀବନ ଶିକ୍ଷା ସଂସଦ ସମ୍ପାଦକ ପ୍ରସାଦ ତ୍ରିପାଠୀ, ମୁଖ୍ୟବକ୍ତା ଧନଞ୍ଜୟ ସ୍ୱାଇଁ, ସମ୍ମାନିତ ବକ୍ତା ଧରଣୀଧର ପାଲ୍ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପଞ୍ଚାନନ କାନୁନ୍‌ଗୋ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୁରାତନ ଛାତ୍ରସଂସଦ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ପୁରାତନ ଛାତ୍ର ଆଶିଷ ଶରଣଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ସାଲେପୁରକୁ ଏକ ଏଜୁକେଶନାଲ୍ ହବ୍‌ରେ ପରିଣତ କରିବା ପାଇଁ ସମସ୍ତଙ୍କ ଉଦ୍ୟମ ଜରୁରୀ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ବିଜୟାନନ୍ଦ ସିଂ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ସଭାପତି ହରିହର ମଲିକ, ପ୍ରଶାନ୍ତ ଜେନା, ଅଶ୍ୱିନୀ ଦାସ, ଗୋପବନ୍ଧୁ ଭୂୟାଁ, ଚିତ୍ତରଞ୍ଜନ ଶତପଥୀଙ୍କ ସମେତ ଅନୁଷ୍ଠାନର ସମସ୍ତ ପରିଚାଳନା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩୭୨୭ ନିର୍ମାଣ ଶ୍ରମିକଙ୍କୁ ମିଳିଲା ସହାୟତା

ଆଠଗଡ଼,୨୭।୧୨(ସ୍ୱ.ପ୍ର.)

ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ନିର୍ବାଚନମଣ୍ଡଳୀର ୩୭୨୭ ନିର୍ମାଣ ଶ୍ରମିକଙ୍କୁ ଗୁରୁବାର ସାଇକେଲ, ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି, ନିରାପତ୍ତା ଉପକରଣ ଓ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଆଠଗଡ଼ ବ୍ଲକ୍ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ଅଶୋକ ରାଉତ ଓ ସନ୍ତୋଷ ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ବୀରକିଶୋରପୁର ଛକଠାରୁ ନିର୍ମାଣ ଶ୍ରମିକମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆଠଗଡ଼ ମହୋତ୍ସବ ପଡିଆଠାରେ ସମବେତ ହୋଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତଥା ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରିଣୀ ସଭାପତି ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହିସବୁ ସହାୟତା ପ୍ରଦାନ କରିଥିଲେ। ଆଠଗଡ଼ ଏନଏସି ଅଞ୍ଚଳର ୨୧୩, ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୫୭୧, ତିଗିରିଆ ବ୍ଲକ୍‌ର ୧୮୭୭ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଞ୍ଚଳର ୬୬ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଆଠଗଡ଼ ବ୍ଲକ ଇଚ୍ଛାପୁର ଗ୍ରାମର ସରସ୍ୱତୀ ରାଉଳ ଓ ତିଗିରିଆ ବ୍ଲକ ନୂଆପାଟଣା ଗ୍ରାମର ପ୍ରମିଳା ମହାରଣାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାରୁ ସହାୟତା ବାବଦରେ ଉଭୟଙ୍କୁ ୧ଲକ୍ଷ ୫ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ଜିଲାପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା, ଆଠଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନୃସିଂହ ମହାପାତ୍ର, ଜିଲା ଶ୍ରମ ଅଧିକାରୀ ବନମାଳୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶ୍ରମିକମାନେ।

## ପ୍ରଫେସର ଦାଶରଥି ଦାସଙ୍କୁ ସମ୍ବର୍ଦ୍ଧନା

**କଟକଅଫିସ,୨୭।୧୨:** ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସମାଲୋଚକ ଓ ପ୍ରାବନ୍ଧିକ ପ୍ରଫେସର ଡ. ଦାଶରଥି ଦାସଙ୍କୁ ଗୁରୁବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ମୋହନ ଦାସ ମୁଖ୍ୟଅତିଥି ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଘର ଜଳିଗଲା

**କଟକ ଅଫିସ,୨୭।୧୨:** ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି କଟକ ଶିଖରପୁର ତଳସାହିର ଦୁଃଖୀରାମ ନାୟକଙ୍କ ୧ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଦୁଃଖୀରାମ କହିଛନ୍ତି।



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନା କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।

- ଥୋମାସ୍ କାର୍ଲାଇଲ



## ସଂକ୍ଷେପରେ

### ଶରଧାପୁର ଫୁଟବଲ: ଫାଇନାଲରେ ଖଣ୍ଡପଡ଼ା

ଖୋର୍ଦ୍ଧା ଅଫିସ,୨୭।୧୨:ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୧୧ତମ ଶରଧାପୁର କପ ଫୁଟବଲ ଟୁର୍ନାମେଣ୍ଟ ଚାଲିଛି। ବୁଧବାର ୫ମ ଦିବସ ପ୍ରଥମ ସେମିଫାଇନାଲ ମ୍ୟାଚରେ ଖଣ୍ଡପଡା ସ୍ପୋର୍ଟ୍ସ ଆସୋସିଏଶନ ୧-୦ ଗୋଲରେ ମା' ବାଉତି ଗୋଲଡେନ୍ କ୍ଲବ ଅରଗୁଳକୁ ପରାସ୍ତ କରି ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ଖଣ୍ଡପଡା ଦଳର ୫ନଂ. ଖେଳାଳି ଶିବା ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ରାଜୁ ମହାନ୍ତି, ଅଶୋକ କୁମାର କଅଁର, ଅବଦୁଲ ଅହମ୍ମଦ, ମୁସ୍ତାକ ଅହମ୍ମଦ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରେହମାନ୍ ଯୋଗ ଦେଇଥିଲେ।

### ଦୀକ୍ଷିତପଡ଼ା ପ୍ରିମିୟର ଲିଗ୍ ଏନ୍ଏଫ୍ ରାଇଡର୍ ଫାଇନାଲ୍‌ରେ

ଟାଙ୍ଗୀ(ଖୋର୍ଦ୍ଧା), ୨୭।୧୨ (ଡି.ଏନ.ଏ.)- ଟାଙ୍ଗୀ ବ୍ଲକ ଦୀକ୍ଷିତପଡ଼ାଠାରେ ଅବଦୁଲ୍ କଲାମ୍ ଆସୋସିଏଶନ୍ ତରଫରୁ ଦୀକ୍ଷିତପଡ଼ା ପ୍ରିମିୟର ଲିଗ୍ ମ୍ୟାଚ୍‌ରେ ଗୁରୁବାର ୨ଟି ଖେଳ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ଟି ଏନ୍ଏଫ୍ ରାଇଡର୍ ଓ ଏସ୍‌ଟି ଜାଗୁଆର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନ୍ଏଫ୍ ରାଇଡର୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୯୨ ରନ୍ କରିଥିବା ବେଳେ ଏସ୍‌ଟି ଜାଗୁଆର ୯ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୬୪ ରନ୍ କରି ମ୍ୟାଚ୍‌ଟି ହାରି ଯାଇଥିଲା । ବିଜୟୀ ଦଳର ସୋମିଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଖେଳ ପରିଚାଳନା କରିଥିଲେ ଶେଖ ସାହାବାଜ୍ ଓ ଶେଖ୍ ରୋସନ। ରଉଫ୍ ଖାନ୍ ଓ ଶେଖ୍ ଆଇବଦୁନ୍ ଅତିଥି ଭାବେ ଯୋଗଦେଇଥିଲେ । ଖେଳ ପରିଚାଳନାରେ ଶେଖ ଅସ୍ପାକ, ଶେଖ ସାହିଦ, ଫରିଦ ଖାନ, ସାହାଜାନ ଖାନ, ଶେଖ୍ ଖାଲିଦ, ରଉଫ ଖାନ ଓ ଶେଖ ଆକବର ପ୍ରମୁଖ ସହଯୋଗ କରିଥିଲେ।

### ମହୁମାଛି ଆକ୍ରମଣରେ ୬ ଆହତ

ଖୋର୍ଦ୍ଧା ଅଫିସ,୨୭।୧୨:ଖୋର୍ଦ୍ଧା ବ୍ଲକ ଜରିପୁଟର ପର୍ଯ୍ୟଟନସ୍ଥଳ ସଙ୍କଟମୋଚନ ମହାବୀରଙ୍କ ପୀଠ ନିକଟରେ ବାଘୁଆ ମହୁମାଛି ଆକ୍ରମଣରେ ୬ ଜଣ ଆହତ ହେଲେଣି। ଗତ ୪ ଦିନ ହେଲା ମହୁମାଛିଙ୍କ ଉତ୍ପାତ ଲାଗି ରହିଥିଲେ ମଧ ବନ ବିଭାଗ ପକ୍ଷରୁ ପ୍ରତିକାର କରାଯାଉନି। ଏଥିରେ ଜରିପୁଟର ବିବି ନାୟକ ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟମାନେ ସ୍ଥାନୀୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ଗୁଡୁମ୍ କ୍ରିକେଟ, ଯାଁଳା ଫାଇନାଲରେ

ଖୋର୍ଦ୍ଧା ଅଫିସ,୨୭।୧୨:ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଗୁଡୁମ୍‌ର ପତିତପାବନ ଖେଳପଡିଆରେ ଚାଲିଛି ୭ମ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ବ୍ଲୁ ରକ୍ ଷ୍ଟାର ଯାଁଳା ୬ ଉଇକେଟରେ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧାକୁ ପରାସ୍ତ କରି ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି କଳିଙ୍ଗ ଟାଇଗର୍ସ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ ରକ୍ ଷ୍ଟାର ଯାଁଳା ୧୮.୬ ଓଭରରେ ୪ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରି ବିଜୟୀ ହୋଇଛି। ଖେଳ ପରିଚାଳନା ଦିଲୀପ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର ଓ କାର୍ତ୍ତିକ ସାହୁ କରିଥିଲେ।

### ବିଜେଡିର ବନ୍ଧୁମିଳନ

କୃଷ୍ଣପ୍ରସାଦ, ୨୭।୧୨(ଡି.ଏନ୍.ଏ.)-ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ପରିଜିପୁର ପଞ୍ଚାୟତର ବାଲୁଙ୍କେଶ୍ୱରଦେବଙ୍କ ମନ୍ଦିର ପରିସରରେ ବିଜେଡିର ଏକ ବନ୍ଧୁମିଳନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୌଦାମିନୀ ମାନସିଂହଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁକାନ୍ତ କୁମାର ମାନସିଂହଙ୍କ ନେତୃତ୍ୱରେ ନାଥପୁର, ସିପକୁଦା, ବନମାଳୀପୁର, ଭୋଇସାହି, ଗୋରାପୁର, କୁମ୍ଭାରସାହି, ମହାନ୍ତିସାହି ଆଦି ଗ୍ରାମରୁ ଶତାଧିକ ବିଜେଡି କର୍ମୀ ବୈଠକରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟକୃଷ୍ଣ ଜେନା, ପାଗଳ ମୁଦୁଲି, ରାଜୀବ ଜାଲି, ଦଣ୍ଡପାଣି ଜେନା ଓ ମଧୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଅସୁରକ୍ଷିତ ବରବରା ସଂରକ୍ଷିତ ଜଙ୍ଗଲ

# ସୁରକ୍ଷା ଧର୍ମକୁ ଆଖିଠାର

ବାଲୁଗାଁ,୨୭।୧୨(ଡି.ଏନ.ଏ.)

ଏସିଆ ମହାଦେଶର ସର୍ବବୃହତ୍ତମ ଶାଳ, ଶାଗୁଆନ ସଂରକ୍ଷିତ ବରବରା ଜଙ୍ଗଲଟି କାଠ ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁ ବେଳକୁ ବେଳ ଧ୍ୱଂସ ହେବାରେ ଲାଗିଛି। ଭାରତରେ ଏହା ଏକମାତ୍ର ଜଙ୍ଗଲ, ଯେଉଁଠି କି କେନ୍ଦ୍ର ସରକାରଙ୍କ ତରଫରୁ ଯବାନମାନେ ନିୟୋଜିତ ରହି ଅହରହ ସୁରକ୍ଷା ଯୋଗାଉଥିଲେ । ଗତ ଦୁଇବର୍ଷ ପୂର୍ବେ ଏଠାରେ ନିୟୋଜିତ ୧୩୨ ଜଣ ଯବାନଙ୍କୁ ପ୍ରତ୍ୟାହୃତକରି ନିଆଯାଇଥିଲା । ଏହା ପରିବର୍ତ୍ତେ ଓଡ଼ିଶା ସରକାରଙ୍କ ତରଫରୁ ମାତ୍ର ୩୦ ଜଣ ଓଏସ୍ଏସ୍ଏଫ୍ (ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂଗ୍ ଫୋର୍ସକୁ ନିୟୋଜିତ କରାଯାଇଛି । ଅନ୍ୟପକ୍ଷେ ବିଭାଗୀୟ ପକ୍ଷରୁ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଯେତିକି ସଂଖ୍ୟକ କର୍ମଚାରୀ ନିୟୋଜିତ ଅଛନ୍ତି ତାହା ବି ପର୍ଯ୍ୟାପ୍ତ ନୁହେଁ। ଏଣୁ ଏତେ ବଡ଼ ଜଙ୍ଗଲକୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ସୁରକ୍ଷା ଦେବା ଅସମ୍ଭବ ହୋଇପଡ଼ିଛି।

ପ୍ରକାଶ ଯେ, ବାଲୁଗାଁ ବନ ବିଭାଗ ଅଧୀନରେ ବରବରା ଜଙ୍ଗଲଟି ବାଣପୁର ସଦର ମହକୁମାଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ଅବସ୍ଥିତ। ୬୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଜଙ୍ଗଲରେ ବହୁ ମୂଲ୍ୟବାନ ଶାଳ, ଶାଗୁଆନ୍ ଏବଂ ଅନ୍ୟାନ୍ୟ ବୃକ୍ଷ ସମେତ ୪୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଔଷଧୀୟ ବୃକ୍ଷ ମହଜୁଦ୍ ରହିଛି । ଏହା ବ୍ୟତୀତ ହରିଣ, ଶମ୍ବର, ବାରହା, ମୟୂର, ହାତୀ ଏବଂ ବ୍ୟାଘ୍ର ମଧ୍ୟ ଏଠାରେ ଅବସ୍ଥାନ କରିଛନ୍ତି। ବହୁବର୍ଷ ପୂର୍ବେ ସୁରକ୍ଷା ଅଭାବରୁ ଜଙ୍ଗଲଟି ଲୋପ ପାଇବାକୁ ବସିଥିଲା । ସମସ୍ତ ସୁରକ୍ଷା ଦୃଷ୍ଟିକୋଣରୁ ବ୍ରିଟିଶ୍ ସରକାର ପ୍ରାୟ ୧୦୦ ବର୍ଷ ପୂର୍ବରୁ ବରବରା ଜଙ୍ଗଲକୁ ସଂରକ୍ଷିତ ଭାବେ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଜଙ୍ଗଲଟି ଯେପରି ଧ୍ୱଂସ ଅଭିମୁଖେ ଗତି ନ କରେ ଓଡ଼ିଶା ସରକାରଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାରଙ୍କ ତରଫରୁ ୧୯୯୪ ମସିହାରେ ଏଠାରେ ଗୋଟିଏ କମ୍ପାନୀ ତଥା ୧୩୨ଜଣ ସିଆରପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଥିଲା। ଉକ୍ତ ଦିନଠାରୁ ଯବାନଙ୍କ କଡ଼ାପହରା ଯୋଗୁ ଜଙ୍ଗଲରେ କାଠ ଚୋର କିମ୍ବା ପଶୁ ଶିକାରୀ ପଶିବାକୁ ସାହସ କରିପାରୁ ନ ଥିଲେ ଏବଂ ଜଙ୍ଗଲଟି ମଧ୍ୟ ସୁରକ୍ଷିତ ଥିଲା । ଦୁଇବର୍ଷ ପୂର୍ବରୁ ଯବାନମାନଙ୍କୁ ଏଠାରୁ ପ୍ରତ୍ୟାହାର କରିନେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାତ୍ର ୩୦ଜଣ ଓଏସଏସଏଫ ତଥା ବିଭିନ୍ନ ବିଭାଗୀୟ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀଙ୍କୁ ଏହି ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ତେବେ ବିରାଟକାୟ ଏହି ଜଙ୍ଗଲକୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ସୁରକ୍ଷା ଦେବା କେତେଦୂର ଯଥାର୍ଥ ତାହା ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକତା ରହିଛି। ସୁରକ୍ଷା ଅଭାବରୁ ସମଗ୍ର ଜଙ୍ଗଲଟି ଏବେ ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲାର କାଠ ଚୋରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି । ସରକାର ଏହାର ସୁରକ୍ଷା ଦିଗରେ ଯଦି ଗୁରୁତ୍ୱ ନ ଦିଅନ୍ତି, ତାହାହେଲେ ନିକଟ ଭବିଷ୍ୟତରେ ଜଙ୍ଗଲଟି ପଦା ହୋଇଯିବ । ଏ ସମ୍ପର୍କରେ ବାଲୁଗାଁ ବନାଞ୍ଚଳ ଅଧିକାରୀ ଅଭୟ କୁମାର ଜେନାଙ୍କୁ ପଚାରିବାରେ, ପୂର୍ବାପେକ୍ଷା ବର୍ତ୍ତମାନ ଜଙ୍ଗଲର ସୁରକ୍ଷା ନିମନ୍ତେ ବିଭାଗୀୟ ପକ୍ଷରୁ ବହୁ ପଦକ୍ଷେପ ନିଆଯାଇଛି । ସ୍ଥାନୀୟ ଜଙ୍ଗଲ ଅଧିବାସୀ ସୁରକ୍ଷା କ୍ଷେତ୍ରରେ ସହଯୋଗ କରୁଛନ୍ତି ବୋଲି କହିବା ସହ କାଠ ଚୋରିକୁ ଅସ୍ୱୀକାର କରିଛନ୍ତି।



ବରବରା ସଂରକ୍ଷିତ ଜଙ୍ଗଲ।



ସ୍କାଉଟ୍ ଗାଇଡ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ସ୍କାଉଟ୍ ଗାଇଡ ମହାସମାବେଶ

ଖୋର୍ଦ୍ଧା ଅଫିସ,୨୭।୧୨:

ଖୋର୍ଦ୍ଧା ଶିଳ୍ପାଞ୍ଚଳର ବରୁଣେଇ ପୀଠରେ ଦ୍ୱିତୀୟ ଜନଜାତି ଓ ସପ୍ତଦଶ ସ୍କାଉଟ୍ ଗାଇଡ୍ ମହାସମାବେଶର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଥମନ୍ତ୍ରୀ ତଥା ସ୍କାଉଟ୍ ଓ ଗାଇଡ୍ ସଙ୍ଗଠନର ଉପସଭାପତି ଶଶିଭୂଷଣ ବେହେରା ଓ ଜାତୀୟ ସ୍କାଉଟ୍ କମିଶନର ଏମ. ଏ. ଖଲିଦ୍ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ରାଜ୍ୟ ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ସମ୍ମାନିତ ଅତଥି ଭାବେ ରାଜ୍ୟ ସଙ୍ଗଠନର ଉପସଭାପତି ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ରାଜ୍ୟ ସ୍କାଉଟ୍ କମିଶନର ଧ୍ରୁବ ଚରଣ ପରିଡା, ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା ପ୍ରମୁଖ ଅନୁରୂପ ଭାବେ ଯୋଗ ଦେଇଥିଲେ। ଏଥିରେ ୨୮ ଜିଲା ଓ ୮ ମଣ୍ଡଳ ଜନଜାତି ବିଭାଗର ସ୍କାଉଟ୍ ଓ ଗାଇଡମାନଙ୍କର ୩୬ ପ୍ଲାଟୁନ୍‌ର ମାର୍ଚ୍ଚପୋଷ୍ଟ ଦ୍ୱାରା ଅତିଥି ଦ୍ୱୟଙ୍କୁ ଅଭିବାଦନ ଜ୍ଞାପନ କରାଯାଇଥିଲା। ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ପକ୍ଷରୁ ଆୟୋଜିତ ନୃତ୍ୟ, ସଙ୍ଗୀତ ଓ ସ୍ଲୋଗାନ ମନ ମୁଗ୍ଧକର ଥିଲା। ଶେଷରେ ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ପକ୍ଷରୁ ସାଂସ୍କୃତିକ ଆସର ଲାଗି ରହିଥିଲା।

## ଶଟର ଭାଙ୍ଗି ୬ ଦୋକାନରୁ ଚୋରି

ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୭।୧୨(ଡି.ଏନ.ଏ.):

ଖୋର୍ଦ୍ଧା ପୋଲିସ ଜିଲାରେ ଶଟର ଭଙ୍ଗା ଚୋର ସକ୍ରିୟ ହୋଇ ଉଠିଛନ୍ତି। ନିକଟରେ ଖୋର୍ଦ୍ଧା ସହରର ୯ଟି ଦୋକାନ, ବାଣପୁର ଓ ନିରାକାରପୁର ଥାନା ଅଞ୍ଚଳରୁ ଚୋରିର ପର୍ଦ୍ଦାଫାଶ ହୋଇପାରିନି। ଏଭଳିସ୍ଥଳେ ବୁଧବାର ବିଳମ୍ବିତ ରାତିରେ ବେଗୁନିଆ ଥାନା ବଡବେରଣାର ଲୁଗା ଦୋକାନ, ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଚଣ୍ଡିତୁଆ ଶରଧାପୁର ରୋଡ ଓ ଖୋର୍ଦ୍ଧା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ପୁଣି ୫ଟି ଦୋକାନରୁ ଚୋରି ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ୫୭ ନଂ. ଜାତୀୟ ରାଜପଥର ନୂଆସାହିସ୍ଥିତ ଶରଧାପୁର ତରଡୁଆ ବଜାରର ଏମଡି ଆଲ୍ଲାଉଦ୍ଦିନଙ୍କର ସିଫା ମେଡିସିନ୍ ଷ୍ଟୋର, ମାଷ୍ଟର ଟେଲର, ବାବୁ ତେଜରାତି ଦୋକାନରୁ ଚୋରି ହୋଇଛି। ସେହିପରି ଖୋର୍ଦ୍ଧା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଜୟ ଜଗନ୍ନାଥ ମେଡିସିନ ଷ୍ଟୋର ଓ ମେଡିକାଲ ରୋଡର ଗୋରା ଚପଲ ଦୋକାନରୁ ଅନୁରୂପ ଚୋରି ହୋଇଛି। ସବୁ ଦୋକାନର କ୍ୟାଶରୁ ଟଙ୍କା ନେଇ ଯାଇଥିବାବେଳେ କେତେକ ଦୋକାନ ଉପକରଣ ଦୁର୍ବୃତ୍ତ ଚୋରାଇ ନେଇଛନ୍ତି। ବଡବେରଣାର ଅକ୍ଷୟ ନାୟକଙ୍କ ଲୁଗା ଦୋକାନରୁ ପ୍ରାୟ ୧୫ ହଜାର ଟଙ୍କା, ୫୦ ହଜାର ଟଙ୍କାର ପ୍ୟାଣ୍ଟଶାର୍ଟ କପଡା ଓ ଦାମୀ ଲୁଗା ଚୋରି ହୋଇଛି। ମୌଖିକ ଅଭିଯୋଗ ପରେ ଖୋର୍ଦ୍ଧା ଟାଉନ ଓ ବେଗୁନିଆ ଥାନା ପୋଲିସ ସିସିଟିଭି କ୍ୟାମେରା ଯାଞ୍ଚ କରି ଚୋରିର ତଦନ୍ତ କରୁଛି।




ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟ ଏକ ଦୋକାନର ଶଟର ଭାଙ୍ଗି ଚୋରି ହୋଇଛି।

## ରାସ୍ତାକଡରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଗୋପ, ୨୭।୧୨(ଡି.ଏନ୍.ଏ.)

ଗୋପ-ବାଲିଘାଇ ରାସ୍ତାର ମଦରଙ୍ଗ ନିକଟରୁ ଗୁରୁବାର ସକାଳୁ ଗୋପ ପୋଲିସ ରକ୍ତାକ୍ତ ଅବସ୍ଥାରେ ନିକଟସ୍ଥ ନେତପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ସେ ହେଲେ ନେତପୁର ଗ୍ରାମର ତାପସ କୁମାର ବେହେରା(୨୪)। ତାଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ସ୍ଥାନୀୟ ଲୋକେ ଯୁବକଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ଲାଗି ଗୋପ-ବାଲିଘାଇ ରାସ୍ତାକୁ ଦୀର୍ଘ ୨ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳରେ ବ୍ୟାଘାତ ଘଟିଥିଲା। ଖବର ପାଇ ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତାପସଙ୍କ ଭାଇ ମାନସ ବେହେରାଙ୍କ ଅଭିଯୋଗକୁ ନେଇ ଗୋପ ପୋଲିସ କେସ୍ ନଂ ୧୯୫/୧୮ ଏକ ମାମଲା ରୁଜୁ କରିଛି।

## ନାଚୁଣୀରେ କଳା ମହୋତ୍ସବ

ଖୋର୍ଦ୍ଧା ଅଫିସ,୨୭।୧୨:

ଖୋର୍ଦ୍ଧା ଜିଲାର ନାଚୁଣୀ ମିନି ଷ୍ଟାଡିୟମରେ ୨୨ତମ ରାଜ୍ୟସ୍ତରୀୟ ସତ୍ୟଭାମା ମହେଶ୍ୱର କ୍ରୀଡା ଓ କଳା ମହୋତ୍ସବ ଚାଲିଛି। ଷଷ୍ଠ ଦିବସରେ ମହେଶ୍ୱର କ୍ରୀଡା ଓ କଳା ମହୋତ୍ସବ କମିଟି ପକ୍ଷରୁ ଗୁରୁବାର ଜୁନିୟର ବିଭାଗର ଡ୍ୟାନସ୍, ଏକକ ଅଭିନୟ, ହୁଳହୁଳି, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ପୂର୍ବତନ ଓଡ଼ିଆ ରାଜ୍ୟପାଳ ସ୍ୱର୍ଗତ ଲୋକନାଥ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମ ପୁରସ୍କାର, ସ୍ୱର୍ଗତ ଶିକ୍ଷାବିତ୍ ସୁଧୀର କୁମାର ସିହ୍ନାଙ୍କ ନାଁରେ ୨ୟ ପୁରସ୍କାର ଓ ସାମ୍ବାଦିକ ବିସ୍ମୟ ମହାନ୍ତିଙ୍କ ସ୍ମୃତିରେ ତୃତୀୟ ପୁରସ୍କାର କୃତିତ୍ୱ ହାସଲ କରିଥିବା ୧୧ ଜଣ ପାଇଛନ୍ତି। ଅତିଥି ରୂପେ ସାମାଜିକ କର୍ମୀ ନୀଳମଣି ପଣ୍ଡା, ବାଣପୁର ତହସିଲଦାର ପୃଥିରାଜ ମଣ୍ଡଳ, ଯୁବ ସଙ୍ଗଠକ ଲଳିତ ପ୍ରଧାନ, ସାମାଜିକ କର୍ମୀ ରମେଶ ପଲେଇ, ଡ. ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଭୁବନେଶ୍ୱର ରସୁଲଗଡର ବଜରଙ୍ଗୀ ଭାଇଜାନ ଡ୍ୟାନ୍ସ ଅନୁଷ୍ଠାନ ପକ୍ଷରୁ ରେକର୍ଡ ଡ୍ୟାନ୍ସ ଲୋକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ଅନୁଷ୍ଠାନର ସମ୍ପାଦକ ଦୁନିଆ ଦାସ ପ୍ରଶ୍ନ ପଚାରି ଦର୍ଶକ ପୁରସ୍କାର ୬୦ ଟି ପ୍ରଦାନ କରିଥିଲେ। ମହେଶ୍ୱର କ୍ରୀଡା ଓ କଳା ମହୋତ୍ସବ କମିଟିର ଅଧ୍ୟକ୍ଷ ରମାବଲ୍ଲଭ ଦାଶ ଓ ଶିକ୍ଷାବିତ୍ ପତିତପାବନ ଏହାକୁ ପରିଚାଳନା କରୁଥିଲେ।



ମହୋତ୍ସବରେ ଅତିଥିଙ୍କ ଗହଣରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନେ ।

## ମାତାପିତା ଜୀବନରେ ସର୍ବଶ୍ରେଷ୍ଠ ଗୁରୁ ଓ ମାର୍ଗଦର୍ଶକ

ନିରାକାରପୁର,୨୭।୧୨(ଡି.ଏନ.ଏ)–

ଆସନ୍ତାକାଲି ପାଇଁ ଏବେଠାରୁ ପ୍ରସ୍ତୁତ ହେଲେ ଜଣେ ମଣିଷ ପରି ମଣିଷ ହୋଇପାରିବେ। ପିତାମାତା ଜୀବନରେ ସର୍ବଶ୍ରେଷ୍ଠ ଗୁରୁ ଓ ମାର୍ଗଦର୍ଶକ। ବୁଧବାର ଖୋର୍ଦ୍ଧା ଜିଲା କମାଗୁରୁ ପ୍ରକୃତି ବିହାରସ୍ଥିତ ରାମଚନ୍ଦ୍ର କଳ୍ପନା ମହାବିଦ୍ୟାଳୟ(କନିଷ୍ଠ)ର ବାର୍ଷିକ ଉତ୍ସବ ଓ ରଜତ ଜୟନ୍ତୀ ଭବନ ଉଦ୍‌ଘାଟନ ଅବସରରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଶିକ୍ଷା ସାରଥି ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଅଧାପିକା ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ଅଧକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ମୁଖ୍ୟଅତିଥି, ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ତିଲୋତ୍ତମା ସେନାପତି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ସମ୍ପାଦକ ଅନନ୍ତ ନାରାୟଣ ସାମନ୍ତରାୟ ଛାତ୍ରୀଛାତ୍ରଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଶତପଥୀ ଓ ଡ. ତିଲୋତ୍ତମା ସେନାପତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧାପକ ସତ୍ୟନାରାୟଣ ମହାପାତ୍ର, ଚିତ୍ତରଞ୍ଜନ ସାହୁ, ରତ୍ନାକର ମହାପାତ୍ର, ଶ୍ୟାମସୁନ୍ଦର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ସମୀର କୁମାର ରାଉତରାୟ, ବିଦ୍ୟାଧର ବିଶ୍ୱାଳ, ସସ୍ମିତା ସାହୁ, ଜନ୍ମେଶ୍ୱର ଝୁଝାରସିଂହ ଓ ପ୍ରଭାକର ଜୟସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବୈଦ୍ୟେଶ୍ୱର କ୍ରିକେଟ, ଆଠଗଡ଼ ବିଜୟୀ

ଖୋର୍ଦ୍ଧା ଅଫିସ,୨୭।୧୨:

କଟକ ଜିଲାର ଦିଶା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ୧୧ତମ ବୈଦ୍ୟେଶ୍ୱର କପ୍ କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ 'ବି'ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଷ୍ଟାର ଆଠଗଡ ୭ ରନରେ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳକୁ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ଷ୍ଟାର ଆଠଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୮୮ ରନ୍ କରିଥିଲା। ଦଳ ପକ୍ଷରୁ ସନ୍ତୋଷ ମହାପାତ୍ର ୧୬ ବଲ ଖେଳି ୧୬ ରନ୍ ଏବଂ ସୌମ୍ୟ ଲେଙ୍କା ୧୭ ବଲ ଖେଳି ୧୨ରନ୍ ସଂଗ୍ରହ କରିଥିଲେ। ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ପକ୍ଷରୁ ରଣଜିତ ସାମନ୍ତରାୟ ୪ ଓଭର ବୋଲିଂ କରି ୩ଟି ଉଇକେଟ ଏବଂ ବୁଟାସିଂ ୪ ଓଭର ବୋଲିଂ କରି ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୮୯ ରନର ବିଜୟ ଲକ୍ଷ୍ୟ ନେଇ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ଦଳ ପଡିଆକୁ ଓହ୍ଲାଇ ନିର୍ଦ୍ଧାରିତ ୨୦ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୨ ରନ୍ ସ୍କୋର କରି ୭ ରନ୍ ରେ ପରାସ୍ତ ହୋଇଥିଲା । ବିଜୟୀ ଦଳ ଷ୍ଟାର ଆଠଗଡ ଏମ୍‌ଡି ସୁରଜ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପ୍ରେମାନନ୍ଦ ବେହେରା, ସୁନୀଲ ବେହେରା ଖେଳ ପରିଚାଳନା କରିଥିଲେ।

## ବିଜେଡି କର୍ମୀ ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୨୭।୧୨:

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ବ୍ଲକ ଡୁମୁରାପୁଟ ଶାସନ ବାବା ବାଲୁଙ୍କେଶ୍ୱର ଦେବ ମନ୍ଦିର ପଡିଆଠାରେ ବିଜେଡି ପକ୍ଷରୁ ୧୩ ନଂ. ଜୋନ୍ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ସଫଳତା ଓ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ବିଷୟରେ ବକ୍ତାମାନେ ଟିପ୍ପଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ସାହୁ, ବାଣପୁର ପଞ୍ଚାୟତ ସମିତି ଅଧକ୍ଷା ରୀତା ସେଠୀ, ଜିଲା ପରିଷଦ ଡମ୍ବରୁଧର ନାୟକ, ବାଣପୁର ବିଜେଡି ସଭାପତି ଭବାନୀ ଶଙ୍କର ବଳିଆରସିଂହ ପ୍ରମୁଖ ଯୋଗ ଦେଇଥିଲେ।

## ପିପୁଲ୍ସ ଫୋରମ୍‌ର ୨୭ତମ ପ୍ରତିଷ୍ଠା ଦିବସ



ୟୁନିଟ୍ -୮ ଡିଏଭି ସ୍କୁଲ ପାଖରୁ ବାହାରିଥିବା ସାଇକେଲ ରାଲିକୁ ଉଦ୍‌ଘାଟନ କରାଯାଉଛି।

ଯାଁଳା,୨୭।୧୨(ଡି.ଏନ.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମର ୨୭ ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୭ଟାରେ ଏକ ସାଇକେଲ ରାଲି ୟୁନିଟ୍-୮ ଡିଏଭି ସ୍କୁଲଠାରୁ ବାହାରି ପିପୁଲ୍ସ ଫୋରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏହାର ସ୍ଲୋଗାନ ଥିଲା ବାପୁ ଜିନ୍ଦା ହେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ବିଏମସି ମେୟର ଅନନ୍ତ ନାରାୟଣ ଜେନା, ଖଦି ଉଦ୍ୟୋଗର ସଭାପତି ତେଜେଶ୍ୱର ପରିଡା ଓୟୁଏଟି କୁଳପତି ସୁରେନ୍ଦ୍ରନାଥ ପଶୁପାଳକ ପ୍ରମୁଖ ଯୋଗ ଦେଇଥିଲେ। ପରେ ପୂର୍ବାହ୍ନ ୧୧ଟାରେ ପିପୁଲ୍ସ ଫୋରମ ପକ୍ଷରୁ ରକ୍ତଦାନ ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷରେ ମିଶନ୍ ଆଶ୍ରା ପରିସରରେ ୨୭୦ ମାନସିକ ବିକାରଗ୍ରସ୍ତ ମହିଳାମାନଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିଷ୍ଠା ଦିବସ ପାଳନ ଅବସରରେ ଫୋରମର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ନିଶିଥ୍ ରଞ୍ଜନ ନନ୍ଦ, ଅମୃତ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ବୋଲଗଡ଼ ମହୋତ୍ସବର ୨ୟ ସନ୍ଧ୍ୟା

# ଢୋଲମହୁରୀ ମନ ମୋହିଲା

ଖୋର୍ଦ୍ଧା ଅଫିସ/ବୋଲଗଡ, ୨୭।୧୨ (ଡି.ଏନ୍.ଏ.):

ବୋଲଗଡ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ବଲାଙ୍ଗୀରର ଢୋଲମହୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଛି। ଭୁବନେଶ୍ୱରର ଆରାଧନା ଡ୍ୟାନ୍ସ ଗ୍ରୁପର ଗୋଟିପୁଅ ନୃତ୍ୟ ଅନ୍ୟତମ ଚିତ୍ତାକର୍ଷକ ଥିଲା। ପୁରୀର ଏସ୍ଏସ୍ ମଡର୍ନ ଡ୍ୟାନ୍ସ ଗ୍ରୁପର ନୃତ୍ୟ ମଞ୍ଚରେ ଭେଟି ଦେଇଥିଲେ କଳାକାର। ଅପରପକ୍ଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଗୋଡଭଙ୍ଗା ଭାଗବତ ମଣ୍ଡଳୀର ଖଞ୍ଜଣୀ ଭଜନ, ବେଣାଗାଡିଆର ମା' ତରେଇଣୁଣୀ ଡ୍ୟାନ୍ସ ଗ୍ରୁପର ମଡର୍ନ ଡ୍ୟାନ୍ସ ଏବଂ ସୀତା ପାଲ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ହୋଇଛି। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆବହନୀ ସଙ୍ଗୀତ ଗାନ କରାଯାଇଥିଲା। ମହୋତ୍ସବ କମିଟିର ଉପଦେଷ୍ଟା ରବୀନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ମହୋତ୍ସବ କମିଟିର ଉପଦେଷ୍ଟା କୃଷ୍ଣମୋହନ ପାଲଟାସିଂହ, ଭାଜପାର ରାଜ୍ୟ ଓବିସି ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ବିଜୁଳି ,ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥିରାଜ ହରିଚନ୍ଦନ, ଭାଜପା ନେତା ଅଶୋକ କୁମାର ରାଉତ, ମହୋତ୍ସବର ଉପଦେଷ୍ଟା ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସିନେ କଳାକାର ଶିବାନୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସାଧାରଣ ସଭାର ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ର ଅମରେନ୍ଦ୍ର ପ୍ରଧାନଙ୍କୁ ଜାନକୀ ପାଢୀ ସ୍ମୃତି ସମ୍ମାନ ଦିଆଯାଇଥିବା ବେଳେ ବେଗୁନିଆର ସତ୍ୟନାରାୟଣ ସାମନ୍ତରାୟ, ସାନପଦରର ସାନନ୍ଦ କୁମାର ସାହୁ ଏବଂ ମାଣିବନ୍ଧର ଲୋଶୋରାଣୀ ସିଂହଙ୍କୁ ବୋଲଗଡ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମହୋତ୍ସବର ଅଭ୍ୟର୍ଥନା କମିଟିର ଅଧକ୍ଷ ନାରାୟଣ ମାର୍ଥା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମନୋଜ କୁମାର ସାହୁ ଓ ଅଖିଳେଶ ସାହୁ ଆଙ୍କରିଂ କରିଥିଲେ।



ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ଢୋଲ ମହୁରୀ ନୃତ୍ୟ ପରିବେଷଣ କରାଯାଉଛି।



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନା କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।

- ଟମାସ କାର୍ଲାଇଲ



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ବଂଶଧାରା ଟ୍ରିବ୍ୟୁନାଲ କମିଟି

ପୁରୀ ଅଫିସ,୨୭।୧୨: ବଂଶଧାରା ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଟ୍ରିବ୍ୟୁନାଲ କମିଟିର ୩ ଜଣିଆ ଟିମ୍ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ଟିମ୍ ସିଂହଦ୍ୱାରରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇ ଦର୍ଶନ ପାଇଁ ନିଆଯାଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ଦର୍ଶନ କରିଥିଲେ। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଲାଗିରହିଥିବା ବଂଶଧାରା ଜଳ ବିବାଦ ସୁପ୍ରିମ୍‌କୋର୍ଟଙ୍କ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଏହାର ସ୍ଥିତି ଅନୁଧ୍ୟାନ ପାଇଁ ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ମୁକୁନ୍ଦକମ୍ ଶର୍ମାଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ବିଚାରପତି ବି.ଏନ. ଚତୁର୍ବେଦୀ ଓ ପ୍ରତିଭାରାଣୀ ଓଡ଼ିଶା ଆସିଛନ୍ତି। ଏମାନଙ୍କୁ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଶ୍ରୀମନ୍ଦିରର ପୂର୍ବତନ ନୀତି ପ୍ରଶାସକ ପ୍ରଦୀପ ଦାଶ ଆଣି ମହାପ୍ରଭୁଙ୍କୁ ଦର୍ଶନ କରାଇଛନ୍ତି। ଶ୍ରୀମନ୍ଦିର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ଏମାନଙ୍କୁ ବିଭିନ୍ନ ମନ୍ଦିର ବୁଲାଇଥିଲେ। w

### ନିଆଁ ଲାଗି ଜଳିଗଲା ୪ବଖରା

ନିମାପଡ଼ା,୨୭।୧୨(ଡି.ଏନ୍.ଏ.)- ନିମାପଡ଼ା ବ୍ଲକ ବାମନାଳନିକଟସ୍ଥ ବରିମୁଣ୍ଡେଇ ଗ୍ରାମରେ ବୁଧବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପ୍ରଭାକର ସ୍ୱାଇଁ ଓ ଭିକାରୀ ସ୍ୱାଇଁଙ୍କର ୪ବଖରା ଗୃହ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଧାନ, ଚାଉଳ, ଲୁଗାପଟା ଆଦି ଆସବାବପତ୍ର ପୋଡିଯାଇଛି। ଖବରପାଇ ଅଗ୍ନିସେବା ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରୋଷେଇ ଚୁଲିରୁ ନିଆଁଲାଗି ଏହି ଅଗ୍ନିକାଣ୍ଡ ହୋଇଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି।

### ଜାଗୁଲାଇପଦର ସେତୁ, ୨ରାସ୍ତାର ଶିଳାନ୍ୟାସ

କଣାସ, ୨୭।୧୨(ଡି.ଏନ୍.ଏ.): କଣାସ ବ୍ଲକ ଅନ୍ତର୍ଗତ ଗୋପିନାଥପୁର ଗ୍ରାମ ପଞ୍ଚାୟତର ଜାଗୁଲାଇପଦରଠାରେ ଦୟାନଦୀ ସେତୁର ପୁରୀ ଏମ୍‌ପି ପିନାକୀ ମିଶ୍ର ଗୁରୁବାର ଶିଳାନ୍ୟାସ କରିଛନ୍ତି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ସେତୁ ସମ୍ପୂର୍ଣ୍ଣ ହେଲେ ଗ୍ରାମବାସୀ ଗଡିଶାଗୋଦା ହାଇସ୍କୁଲ, ପୋଲିସ ଷ୍ଟେସନ ଓ ହାଟ ବଜାରକୁ ସହଜରେ ଯିବା ଆସିବା କରିପାରିବେ। ଏହି ସେତୁ ପାଇଁ ୫କୋଟି ୯୫ଲକ୍ଷ ୯୭ହଜାର ଟଙ୍କାର ଅକଳନ କରାଯାଇଛି। ପରେ ଏମ୍‌ପି ଓ ବିଧାୟକ ଜଳ ସମ୍ପଦ ବିଭାଗ ତରଫରୁ ଗଡବଳଭଦ୍ରପୁର ପଞ୍ଚାୟତର ଗୌଡ଼ପାଟଣାଠାରେ ୧କୋଟି ୬୮ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

■ପାରା ହତ୍ୟା ମାମଲା

### ଭୁବନେଶ୍ୱରରେ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ପୁରୀ ଅଫିସ,୨୭।୧୨: ବଡ଼ଦିନରେ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସଞ୍ଜୟ ବେହେରା ଓରଫ ପାରାଙ୍କର ମୃତ୍ୟୁ ହୋଇଥିଲା। ସେହିଦିନ ରାତିରେ ଗୁଣ୍ଡିଚା ମନ୍ଦିର ଏବଂ ବଡ଼ଦାଣ୍ଡରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିବା ବେଳେ କୁମ୍ଭାରପଡ଼ା ପୋଲିସ ୩ଜଣଙ୍କୁ ଧରିଥିଲା। ସେମାନଙ୍କଠାରୁ ୩ଟି ଖଣ୍ଡା ଏବଂ ବନ୍ଧୁକ ଜବତ କରାଯାଇଛି ବୋଲି ଗୁରୁବାର ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ କହିଛନ୍ତି। ସେ କହିଲେ, ଅଟକଙ୍କୁ ପଚରାଉଚୁରା ଚାଲିଛି। ୨ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଭୁବନେଶ୍ୱରରେ ଅଭିଯୁକ୍ତଙ୍କୁ ଖୋଜୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ରେଲ୍‌ୱେ ଡାକ୍ତର ସଞ୍ଜୀବ ସାହୁଙ୍କ ସ୍ତ୍ରୀ ସୁଜାତା ହତ୍ୟା ଘଟଣାର ତଦନ୍ତ ଜାରି ରହିଛି। ପୁରୀର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସିଟି ଡିଏସ୍‌ପି କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଅପରାଧୀଙ୍କ ସହିତ ପୋଲିସର ଲିଙ୍କ୍ ପ୍ରଶ୍ନରେ କହିଲେ, ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁଣ୍ଡିଚା ମନ୍ଦିର ଆଗରେ ଥିବା ପାର୍କିଂକୁ ହଟାଇବା ଲାଗି ଏସ୍‌ପି ପୁରୀ ପୌରସଂସ୍ଥାକୁ ଅନୁରୋଧ କରିଛନ୍ତି। ଶୁକ୍ରବାରଠାରୁ ସେଠାରେ କୌଣସି ଯାନବାହନ ପାର୍କିଂ କରାଯିବ ନାହିଁ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସହରର ଅପରାଧୀଙ୍କ ତାଲିକା ପ୍ରସ୍ତୁତ ଚାଲିଛି। ନୂଆବର୍ଷକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପଟ୍ଟନାୟକ କହିଥିଲେ।

# ଅପରାଧ ପଛରେ ରାଜନୈତିକ ପୃଷ୍ଠପୋଷକତା

■ଦୁଇ ନେତାଙ୍କ ବିବାଦରୁ ପୁରୀ ହିଂସାକାଣ୍ଡ ଘଟିଥିଲା
■ଅପରାଧୀ-ପୋଲିସର ମଧୁଚନ୍ଦ୍ରିକା
■ଚେକିଂ ଆଳରେ ଜନତାଙ୍କୁ ଲୁଟୁଛି ପୋଲିସ

ପୁରୀ ଅଫିସ,୨୭।୧୨:

ପୁରୀ ସହରର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଗତ ୩ ବର୍ଷର ଅପରାଧ ଉପରେ ନଜର ପକାଇଲେ ଅପରାଧୀଙ୍କ ପଛରେ ରାଜନୈତିକ ପୃଷ୍ଠପୋଷକତା ରହୁଛି। ସହରର ଜଣେ ରାଜନେତାଙ୍କ ପ୍ରୋତ୍ସାହନରେ ଅପରାଧୀମାନେ କାୟା ବିସ୍ତାର କରିବାରେ ଲାଗିଛନ୍ତି। ଏ ନେଇ ପୋଲିସ ନିକଟରେ ଖବର ରହିଥିଲେ ବି ନୀରବଦ୍ରଷ୍ଟା ସାଜୁଛି। ଅନ୍ୟପଟେ ଅପରାଧୀ ଏବଂ ପୋଲିସର ମଧୁଚନ୍ଦ୍ରିକା ଯୋଗୁ ଅନେକ ସମୟରେ ଅପରାଧୀମାନେ ଫେରାର ହୋଇଯିବାରେ ସକ୍ଷମ ହେଉଛନ୍ତି ବୋଲି ଗୁରୁବାର ଅବକାଶ ଲେନ୍ ମଙ୍ଗଳା ମଣ୍ଡପରେ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସୁଜିତ୍ ମହାପାତ୍ର କହିଛନ୍ତି।

ମହାପାତ୍ର କହିଲେ ଯେ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଆକ୍ରମଣ ଏବଂ ଗତ ୨୫ ତାରିଖ ପାରା ଗୁଳିକାଣ୍ଡ ଘଟଣାରେ କୁମ୍ଭାରପଡ଼ା ଥାନାରେ ହୋଇଥିବା ଅଭିଯୋଗରେ ଜଣେ ପୂର୍ବତନ କାଉନ୍‌ସିଲରଙ୍କ ନାମ ରହିଛି। ପୋଲିସ ଜାଣିଶୁଣି ତାଙ୍କୁ ତଦନ୍ତ ପରିସରଭୁକ୍ତ କରୁନାହିଁ। ଗତ ଅକ୍ଟୋବର ୩ରେ ଘଟିଥିବା ପୁରୀ ହିଂସାକାଣ୍ଡରେ ପୋଲିସ ନିରୀହ ଜନତା, ଉଠାଦୋକାନୀ, ଫେରିବାଲାଙ୍କୁ ଗିରଫ କରି ଜେଲକୁ ପଠାଇଲା। ଅଥଚ ହିଂସାକାଣ୍ଡର ମୁଖ୍ୟ କାର୍ପଟ୍‌ଦାରଙ୍କୁ ପୋଲିସ ବର୍ତ୍ତମାନ ସୁଦ୍ଧା ଗିରଫ କରିନାହିଁ। ସହରର ଦୁଇ ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ବିବାଦ ଯୋଗୁ ଏତେବଡ଼ ହିଂସାକାଣ୍ଡ ଘଟିଲା। ପୋଲିସ ଚେକିଂ ଆଳରେ ସାଧାରଣ ଜନତାଙ୍କୁ ଲୁଟୁଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା, ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ଦାଶ, ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ କହିଛନ୍ତି, ସହରରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଉଛି। କୌଣସି ପୋଲିସ କର୍ମଚାରୀ କାହାଠାରୁ ଉତ୍କୋଚ ମାଗୁଥିବା ଅଭିଯୋଗ ଆସିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସହରର ସମସ୍ତ ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯାଇଛି।




ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସର ନେତୃବୃନ୍ଦ।



ମୃତ ବିଦେଶୀ ପକ୍ଷୀ।

# ବ୍ରହ୍ମଗିରିରୁ ୪ମୃତ ବିଦେଶୀ ପକ୍ଷୀ ଜବତ

ବ୍ରହ୍ମଗିରି, ୨୭।୧୨(ଡି.ଏନ୍.ଏ.)

ବ୍ରହ୍ମଗିରି ରେଞ୍ଜ ଅଧୀନ ବଡବନ୍ଧକେରା ଗ୍ରାମ ନିକଟରୁ ବନ ବିଭାଗ କର୍ମଚାରୀ ଗୁରୁବାର ୪ମୃତ ବିଦେଶୀ ପକ୍ଷୀଙ୍କୁ ଜବତ କରିଛନ୍ତି । ଗୁରୁବାର ସକାଳୁ ବ୍ରହ୍ମଗିରି ନିକଟସ୍ଥ ବଡବନ୍ଧକେରା ଚାଷ ଜମିରେ ପକ୍ଷୀ ଶିକାର ହେଉଥିବା ଖବର ପାଇ ବ୍ରହ୍ମଗିରି ରେଞ୍ଜ ଅଧିକାରୀ ରଜତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଡାଉ କରିଥିଲା। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ପରେ କୌଣସି ଶିକାରୀଙ୍କୁ ପାଇ ନ ଥିଲା। କିନ୍ତୁ ବିଷ ପ୍ରୟୋଗ ଦ୍ୱାରା ମରିଥିବା ୪ଟି ବିଦେଶୀ ଗେଣ୍ଡି ପକ୍ଷୀର ମୃତଦେହ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ବିଷ ଦ୍ୱାରା ପକ୍ଷୀଗୁଡ଼ିକ ମରିଥିବା ଜଣାପଡିଥିଲା। ତେବେ ବନ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି। ପକ୍ଷୀ ଶିକାରୀ ଧରାଯିବା ପରେ କଡା ପଦକ୍ଷେପ ନିଆଯିବ ବୋଲି ରେଞ୍ଜ ଅଧିକାରୀ ମହାପାତ୍ର କହିଛନ୍ତି। ପକ୍ଷୀ ଶିକାର ରୋକିବା ପାଇଁ ବନ ବିଭାଗ ଗାଁ ଗହଳିରେ ସ୍କ୍ୱାଡ ଗଠନ କରି କଡା ନଜର ରଖିବା ପରେ ବି ଶିକାରୀମାନେ ବନ ବିଭାଗକୁ ଚକମା ଦେଖାଇ ପକ୍ଷୀ ଶିକାର କରୁଛନ୍ତି। ବ୍ରହ୍ମଗିରି ବ୍ଲକର ବିଭିନ୍ନ ଚାଷ ଜମିରେ ପକ୍ଷୀମାନଙ୍କର ସଂଖ୍ୟାବୃଦ୍ଧିକୁ ଆଖି ଆଗରେ ରଖି ଶିକାରୀ ପକ୍ଷୀ ମାରୁଥିବାବେଳେ ବନ ବିଭାଗ ସେମାନଙ୍କୁ ଧରିପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି।

# ଡେଲାଙ୍ଗରେ କୃଷକ ସମ୍ପର୍କ ମେଳା ଉଦ୍‌ଘାଟିତ

କଣାସ, ୨୭।୧୨(ଡି.ଏନ୍.ଏ.)

ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ କୃଷକ ଭବନଠାରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ କୃଷକ ସମ୍ପର୍କ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକର ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କ ''କାଳିଆ'' ଯୋଜନା କୃଷକମାନଙ୍କ ପାଇଁ ଶ୍ରେଷ୍ଠ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା କୃଷି ଉପନିର୍ଦ୍ଦେଶକ ଏସ୍. ଚନ୍ଦ୍ରଶେଖର ରାଓ, ସମବାୟ ଉପନିବନ୍ଧକ ରୋଜାଲିନ୍ ସେନାପତି, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ପିପିଲି କୃଷି ଓ ବୈଷୟିକ ପରିଚାଳନା ପରାମର୍ଶଦାତା କମିଟି ସଭାପତି ଧରଣୀଧର ସାହୁ ପ୍ରମୁଖ କୃଷି, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଉଦ୍ୟାନ କୃଷି କ୍ଷେତ୍ରରେ ରହିଥିବା ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପର୍ଯ୍ୟାୟଭିତ୍ତିକ ଫସଲ ଉତ୍ପାଦନ, ମାଟି ପରୀକ୍ଷା, ଜିଆଖତ, ବିହନ ବିଶୋଧନ, କୃଷି ଉପକରଣ କ୍ଷେତ୍ରରେ ରହିଥିବା ୫୦ପ୍ରତିଶତ ରିହାତି ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ରାଓ ସୂଚନା ଦେଇଥିଲେ। ଏଥିରେ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବୈରାଗୀ ଜେନା ଅଧ୍ୟକ୍ଷତା କରିଥିବାବେଳେ 'ଆତ୍ମା'ର ପୂର୍ବତନ ସଭାପତି ବସନ୍ତ ବେହେରା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ୪ଟି ବିଭାଗରୁ ଶ୍ରେଷ୍ଠ ୮ଜଣ ଚାଷୀଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ମନ୍ତ୍ରୀ ମହାରଥୀ ସମ୍ବର୍ଦ୍ଧିତ କରିଥିଲେ । ମହିଳା ସଶକ୍ତୀକରଣ ଲକ୍ଷ୍ୟ ନେଇ ମହିଳା ଗୋଷ୍ଠୀଙ୍କୁ ୫୦ହଜାର ଟଙ୍କା ବିନା ସୁଧରେ ଋଣ ଚେକ୍ ବିତରଣର ଶୁଭାରମ୍ଭ କରିଥିଲେ।



କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ କୃଷକ ସମ୍ପର୍କ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

## ଭ୍ରମଣରେ ଶିକ୍ଷା

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ 'ଲିଟିଲ୍ ଷ୍ଟାର୍ ଗ୍ରୁପ୍' ପକ୍ଷରୁ ଚତୁର୍ଦ୍ଦଶ ଶିକ୍ଷା ବିକାଶ ଯାତ୍ରା ଗୁରୁବାର ସ୍ଥାନୀୟ ସୂର୍ଯ୍ୟନଗରଠାରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଭ୍ରମଣ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନ ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ନିମାପଡ଼ାରୁ ୪୦ଜଣିଆ ଶିଶୁ ପ୍ରତିନିଧି ଦଳ ଆସି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏବଂ ଏକ ବିସ୍କୁଟ୍ କମ୍ପାନୀ ପରିଦର୍ଶନ କରିଥିଲେ। ଏହି ଅବସରରେ ଏକ ଭାବବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏଥିରେ ଚଳଚ୍ଚିତ୍ର ଅଭିନେତ୍ରୀ ତଥା 'ଅପେରା ମିସ୍ ୱାର୍ଲଡ ୨୦୧୮' ବିଜୟିନୀ ପୁପୁଲ୍ ଭୂୟାଁ ଯୋଗଦେଇଥିଲେ। ପୁପୁଲ୍ ପିଲାମାନଙ୍କ ସହିତ ନିଜର ସଂଘର୍ଷ ଓ ସଫଳତାର ଅନୁଭୂତି ବାଣ୍ଟିବା ସହ ଭବିଷ୍ୟତରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଦୃଢ଼ମନା ହେବାକୁ ପରାମର୍ଶ ଦେଇଥିଲେ। ସୁମନ୍ତ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଧୀର କୁମାର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ହରପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

# କାର ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା, ୪ ଗିରଫ

■ ଖଣ୍ଡା, ଜିଆଇ ପାଇପ୍, ମୋବାଇଲ ଜବତ

ପୁରୀ ଅଫିସ,୨୭।୧୨:

ଜଗନ୍ନାଥବଲ୍ଲଭ ପାର୍କିଂରେ ଗତ ୨୫ ତାରିଖ ରାତିରେ ଜଣେ କାର ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଟାଉନ ଥାନା ପୋଲିସ ଗୁରୁବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚୁଡ଼ଙ୍ଗସାହିର ଜୟ ଓରଫ ଯାଦବ କାଣ୍ଡି, କୁମ୍ଭାରପଡ଼ାର ଟିକୁ ଭୋଇ, ଜଗନ୍ନାଥବଲ୍ଲଭ ମଠ ବସ୍ତିର ଚନ୍ଦନ ଓରଫ ନବଘନ ଦାସ ଏବଂ ବାସେଳିସାହିର କାଲୁ ଓରଫ ଚରଣ ଭୋଇ। ପୋଲିସ ସେମାନଙ୍କ ଠାରୁ ୨ଖଣ୍ଡା, ୧ଜିଆଇ ପାଇପ୍, ୨ଟି ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତମାନେ ସେହି ଦିନ ନରେନ୍ଦ୍ରକୋଣରେ ଅଜିତ ବେହେରା ନାମକ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ସଂଶ୍ଳିଷ୍ଟ ରହିଛନ୍ତି। ଏଥିସହିତ ଅନ୍ୟ ଏକ ଘଟଣାରେ ଜଡିତ ଥିବା ସିଟିଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ଗୁରୁବାର ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୫ ତାରିଖ ରାତିରେ କଟକ ସିଡିଏର ପ୍ରମୋଦ ବେହେରା କେତେଜଣ ପର୍ଯ୍ୟଟକଙ୍କୁ ନେଇ ପୁରୀ ଆସିଥିଲେ। ଜଗନ୍ନାଥବଲ୍ଲଭ ପାର୍କିଂରେ ସେ କାର ପାର୍କ କରିଥିଲେ। ପର୍ଯ୍ୟଟକମାନେ ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ସେଠାରେ କେତେଜଣ ଦୁର୍ବୃତ୍ତ ପର୍ଯ୍ୟଟକଙ୍କ ବ୍ୟାଗ୍ ଛଡାଇଥିଲେ। ଏହି ସମୟରେ ପ୍ରମୋଦ ଦୁର୍ବୃତ୍ତଙ୍କୁ ବାଧା ଦେଇଥିଲେ। ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣେ ଏକ ଧାରୁଆ ଅସ୍ତ୍ରରେ ପ୍ରମୋଦଙ୍କ ତଣ୍ଟି କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଏ ନେଇ ଟାଉନ ଥାନାରେ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ୨୨୦, ୨୨୨ ଓ ୨୨୩/୧୮ରେ ୩ଟି ପୃଥକ୍ ମାମଲା ରୁଜୁ ହୋଇଥିଲା।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଉତ୍ତ୍ୟକ୍ତ ଲୋକଙ୍କ ୨ଘଣ୍ଟା ରାସ୍ତା ଅବରୋଧ**

ଗୋପ, ୨୭।୧୨(ଡି.ଏନ୍.ଏ.)

ଗୋପ-ବାଲିଘାଇ ରାସ୍ତାର ମଦରଙ୍ଗ ନିକଟରୁ ଗୁରୁବାର ସକାଳୁ ଗୋପ ପୋଲିସ ରକ୍ତାକ୍ତ ଅବସ୍ଥାରେ ନିକଟସ୍ଥ ନେତପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ସେ ହେଲେ ନେତପୁର ଗ୍ରାମର ତାପସ କୁମାର ବେହେରା(୨୪)। ସ୍ଥାନୀୟ ଲୋକେ ଯୁବକଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ଲାଗି ଗୋପ-ବାଲିଘାଇ ରାସ୍ତାକୁ ଦୀର୍ଘ ୨ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳରେ ବ୍ୟାଘାତ ଘଟିଥିଲା। ଖବର ପାଇ ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତାପସଙ୍କ ଭାଇ ମାନସ ବେହେରାଙ୍କ ଅଭିଯୋଗକୁ ନେଇ ଗୋପ ପୋଲିସ କେସ୍ ନଂ ୧୯୫/୧୮ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମନୋରଞ୍ଜନ ମେମୋରିଆଲ ଭଲିବଲ୍: ଓଡ଼ିଶା ଫାୟାର୍ ଚାମ୍ପିୟନ୍

କଣାସ,୨୭।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ କଣାସ ଗୋଲାବଜାର ଖେଳପଡ଼ିଆରେ ଚାଲିଥିବା ମନୋରଞ୍ଜନ ମେମୋରିଆଲ ଭଲିବଲ୍ ଦିବାରାତ୍ର ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ ଚାମ୍ପିୟନ୍ ଦଳକୁ ଟ୍ରଫି ଓ ଅର୍ଥ, ରନର୍ସଅପ୍ ଦଳକୁ କପ୍ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ ଓଡ଼ିଶା ଫାୟାର ଏବଂ ଆନ୍ଧ୍ର ଭାଇଜାଗ୍ ରେଲୱେ ପୋଲିସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଫାୟାର ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୋଲିସ, ତ୍ରିବେଣୀ ଭଲିବଲ୍ କ୍ଲବ କେନ୍ଦ୍ରାପଡା, ଇଷ୍ଟର୍ନ ରେଲୱେ ଖୋର୍ଦ୍ଧା, କଣାସ ଭଲିବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଆନ୍ତର୍ଜାତିକ ରେଫେରୀ ସୁଦର୍ଶନ ପଟ୍ଟନାୟକ ଖେଳପରିଚାଳନା କରିଥିଲେ।

# ଓଡ଼ିଶା ଗୋସେବା ଆୟୋଗ ଗଠନ ଦାବି

ପୁରୀ ଅଫିସ, ୨୭।୧୨:

ଭାରତୀୟ ସଂସ୍କୃତିର ପ୍ରତୀକ ହେଉଛି ଗୋମାତା। ସାମାଜିକ, ଆଧ୍ୟାତ୍ମିକ, ଭୌତିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଗୋବଂଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଗୋମାତା ଆଜି ଅସୁରକ୍ଷିତ। ରାଜ୍ୟରେ ଗୋବଂଶର ବିକାଶ ଲାଗି ସରକାର କୌଣସି ଗୁରୁତ୍ୱ ଦେଉନାହାନ୍ତି। ଏଣୁ ଗୋବଂଶର ସୁରକ୍ଷା, ସଂରକ୍ଷଣ, ସମ୍ବର୍ଦ୍ଧନା ଲାଗି ରାଜ୍ୟ ସରକାର ତୁରନ୍ତ ଗୋସେବା ଆୟୋଗ ଗଠନ କରନ୍ତୁ ବୋଲି ଓଡ଼ିଶା ଗୋବଂଶ ସୁରକ୍ଷା ଆୟୋଗ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଗୁରୁବାର ବାଲିସାହିସ୍ଥିତ ରାଧାକାନ୍ତ ମଠ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମିତିର ସମ୍ପାଦକ ଆଇନଜୀବୀ ଶିବପ୍ରସାଦ ମିଶ୍ର ଦାବି କରିଛନ୍ତି।ସମିତିର ଆବାହକ ତଥା ଆଇନଜୀବୀ ସଂଗ୍ରାମ ଶତପଥୀ କହିଛନ୍ତି, ଭାରତର ବିଭିନ୍ନ ରାଜ୍ୟରେ ଗୋସେବା ଆୟୋଗ ଗଠନ କରାଯାଇଛି। ଅଥଚ ଓଡ଼ିଶାରେ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଗୋସେବା ଆୟୋଗ ଗଠନ ଲାଗି ଆଗାମୀ ଦିନରେ ସାରା ରାଜ୍ୟରେ ଜନ ସମାବେଶ ଏବଂ ଆବଶ୍ୟକ ପଡିଲେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ଗୋବଂଶ ସୁରକ୍ଷା ଲାଗି ରାଧାକାନ୍ତ ମଠ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ଗୋଶାଳା ନିର୍ମାଣ ଲାଗି ଜମି ମଧ୍ୟ ଦିଆଯିବ ବୋଲି ମହନ୍ତ କୃଷ୍ଣଗୋପାଳ ଦାସଜୀ ମହାରାଜ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ମଠ ମହନ୍ତ ଧ୍ୟାନଚନ୍ଦ୍ର ଦାସଜୀ ମହାରାଜ, ସମିତିର ଅଧ୍ୟକ୍ଷ ତଥା ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପସଭାପତି ଉମାବଲ୍ଲଭ ମହାପାତ୍ର, ଗୋବିନ୍ଦ ମହାପାତ୍ର, ଭଗବାନ ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାବିନ ଜାଳିଦେଲେ

ପୁରୀ ଅଫିସ,୨୭।୧୨:

କୁମ୍ଭାରପଡ଼ା ଥାନା ଅଧୀନ ଗୁଣ୍ଡିଚା ମନ୍ଦିର ନିକଟ ନାକଚଣା ଦ୍ୱାର ନିକଟରେ ଏକାଧିକ ମାମଲାରେ ଜଡ଼ିତ ଥିବା ସଞ୍ଜୟ ବେହେରା ଓରଫ ପାରା ହତ୍ୟା ଘଟଣା ପରେ ତାଙ୍କ ସମର୍ଥକମାନେ ପ୍ରତିହିଂସା ପରାୟଣ ହୋଇପଡିଛନ୍ତି। ଦୁଇଦିନ ହେଲା ସହରରେ ଆତଙ୍କରାଜ ଚଳାଇଛନ୍ତି। ଗୁରୁବାର ଭୋର ସମୟରେ ଭୋଳାନାଥ ବିଦ୍ୟାପୀଠ ସମ୍ମୁଖରେ ଥିବା ଏକ କ୍ୟାବିନ ଜାଳି ଦେଇଛନ୍ତି। କ୍ୟାବିନରେ ଥିବା ଯନ୍ତ୍ରପାତି ପୋଡ଼ି ପାଉଁଶ ହୋଇଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

■ ୯ରେ ନିଯୁକ୍ତି ମେଳା

# ଯୋଗଦେବେ ୫୦ ନିଯୁକ୍ତିଦାତା ସଂସ୍ଥା

ପୁରୀ ଅଫିସ,୨୭।୧୨:

ଜାନୁୟାରୀ ୯ରେ ତାଳବଣିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିସରରେ ପୁରୀ ଜିଲାସ୍ତରୀୟ ନିଯୁକ୍ତି ମେଳା-୨୦୧୯ ଅନୁଷ୍ଠିତ ହେବ। ଏଥିଲାଗି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏଥିରେ ଅଧ୍ୟକ୍ଷତା କରିନିଯୁକ୍ତିମେଳା ପାଇଁଆବଶ୍ୟକବ୍ୟବସ୍ଥା କରିବା ଏବଂ ଆଶାୟୀମାନେ କିପରି ସୁବିଧାରେ ଏଥିରେ ଭାଗନେଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ନିଯୋଜନ ଅଧିକାରୀ ଅର୍ପିତା ପ୍ରିୟଦର୍ଶିନୀ ମେଳା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିନିମନ୍ତେ ପ୍ରାୟ ୧୦୦ ନିଯୁକ୍ତିଦାତା ସଂସ୍ଥାଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେଥିମଧ୍ୟରୁ ୫୦ଟି ସଂସ୍ଥା ମେଳାରେ ଯୋଗଦେବା ଲାଗି ସମ୍ମତି ଜଣାଇଛନ୍ତି। ପଞ୍ଚମରୁ ଯୁକ୍ତ ୩ ଶିକ୍ଷାଗତ ଯୋଗ୍ୟତା ଥିବା ଜିଲାର ବେକାର ଯୁବତୀ ଯୁବକ ଏଥିରେ ଭାଗନେଇପାରିବେ। ନିଯୁକ୍ତିଦାତା ସଂସ୍ଥାଗୁଡ଼ିକ ଯୋଗ୍ୟ ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ଦେବେ ଓ ତାଲିମ ପ୍ରଦାନ କରିବେ। ନିଯୁକ୍ତି ମେଳା ସମ୍ପର୍କରେ ବ୍ଲକସ୍ତରରେ ପ୍ରସାର ପ୍ରଚାର କରାଯିବ। ଜିଲାର ପ୍ରାୟ ୨୦ଟି କଲେଜରେ କାଉନ୍‌ସେଲିଂ କ୍ୟାମ୍ପ କରାଯିବ। ପୁରୀ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିଯୁକ୍ତି ମେଳା ସମ୍ପର୍କରେ ହୋର୍ଡିଂ ଲଗାଯିବାକୁ ବୈଠକରେ ସ୍ଥିର ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପିଡିଡିଆରଡିଏ ଡ. ଉଦ୍ଧବ ଚନ୍ଦ୍ର ମାଝି, ସିଡିଏମ୍‌ଓ ଡା. ଭାସ୍କର ଚନ୍ଦ୍ର ସାମନ୍ତରାୟ, ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡି, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ନିମାପଡ଼ା ମହୋତ୍ସବ ଉଦ୍‌ଯାପିତ

# ଓଡ଼ିଶୀର ନବଦୁର୍ଗା ନୃତ୍ୟରେ ଦର୍ଶକ ମତୁଆଲା

ନିମାପଡ଼ା,୨୭।୧୨(ଡି.ଏନ୍.ଏ.)

ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଆୟୋଜିତ ୩ଦିନ ବ୍ୟାପୀ ଅଷ୍ଟାଦଶ ନିମାପଡ଼ା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପିତ ସମାରୋହରେ ଓଡ଼ିଆ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, ଅଭିନେତା, ପ୍ରଯୋଜକ ତଥା ସଙ୍ଗୀତଜ୍ଞ ଶ୍ରୀକାନ୍ତ ଗୌତମ, ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ସମୀର ରଞ୍ଜନ ଦାଶ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶିକ୍ଷାବିତ୍ ରମେଶଚନ୍ଦ୍ର ପରିଡା, ହେଲ୍ପଲାଇନର ସଭାପତି ରବୀନ୍ଦ୍ର ସିଂ ଭାଟିଆ, ସମ୍ପାଦକ ପ୍ରତାପ ପାତ୍ର ଯୋଗଦେଇ ଉତ୍ସବର କାମନା କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକର ପାୟଲ ନୃତ୍ୟ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ, ଫ୍ୟୁଜନ, ବେଲି ନୃତ୍ୟ ଆଦି ପରିବେଷିତ ହୋଇଥିଲା। କିନ୍ତୁ ଓଡ଼ିଶୀ ନୃତ୍ୟରେ ମା'ଦୁର୍ଗାଙ୍କ ନବଦୁର୍ଗା ନୃତ୍ୟ ଓ ଅଭିନୟ ଦର୍ଶକମାନଙ୍କୁ ମତୁଆଲା କରିଥିଲା। ଭୁବନେଶ୍ୱରର ଲାଇଫ ଏବଂ ମ୍ୟୁଜିକ ମେଲୋଡି ପାର୍ଟି ପକ୍ଷରୁ ସଙ୍ଗୀତ ଧମାକା ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ପ୍ରତ୍ନତତ୍ତ୍ୱବିତ ଅଧ୍ୟାପକ ଅତୁଲ୍ୟ କୁମାର ପ୍ରଧାନ ଓ ସାମାଜିକ କର୍ମୀ ବିକ୍ରମ କେଶରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ସାରଦା ଆର୍ଟ ଏକାଡେମୀ ପକ୍ଷରୁ ବାଲୁକା କଳା ଶାନ୍ତି ପାଇଁ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଦୃଶ୍ୟ ବେଶ ଆକର୍ଷିତ ଥିଲା। ଉତ୍ସବକୁ ଶିକ୍ଷକ ପ୍ରତାପ ରାଉତ ଓ ଅନ୍ୱେଷା ଦାଶ ସଂଯୋଜନା କରିଥିଲେ।




ପାୟଲ ନୃତ୍ୟ ଅନୁଷ୍ଠାନର କଳାକାରମାନେ ନବଦୁର୍ଗା ନୃତ୍ୟ ପରିବେଷଣ କରୁଛନ୍ତି।